# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ମେ ୧୧/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 11/2025 | Page 16 | ₹ 7.00 | RAYAGADA

୫୧ଶ ଭାଗ ୧୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 165 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ମେ ୧୧/୨୦୨୫ | Bhubaneswar, Sunday, May 11/2025 | ପୃଷ୍ଠା-୧




ପାକିସ୍ତାନର ଡ୍ରୋନ୍ ଆକ୍ରମଣରେ ଜମ୍ମୁର ଆବାସିକ କୋଠାଗୁଡ଼ିକ ଶୁକ୍ରବାର ରାତିରେ କ୍ଷତିଗ୍ରସ୍ତ ହୋଇଛି।

# ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

- ପରସ୍ପର ବିରୋଧରେ କାର୍ଯ୍ୟାନୁଷ୍ଠାନ ବନ୍ଦ ପାଇଁ ୨ ଦେଶ ରାଜି
- ସୀମାନ୍ତ ସହରରେ ସନ୍ଦିଗ୍ଧ ଡ୍ରୋନ୍, ଏଲଓସିରେ ଗୁଳି ବିନିମୟ
- ଅସ୍ତ୍ରବିରତି: ପାକ୍ ସରକାର ରାଜି, ମାନୁନାହିଁ ସେନା
- ୧୨ରେ ଡିଜିଏମ୍‌ଓ ସ୍ତରରେ ପୁଣି ଆଲୋଚନା

**ନୂଆଦିଲ୍ଲୀ/ଇସ୍‌ଲାମାବାଦ/ୱାଶିଂଟନ୍,୧୦ା୫**

ପାକିସ୍ତାନୀ ଆତଙ୍କବାଦୀଙ୍କ ପହଲଗାମ୍ ଆକ୍ରମଣ ଓ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନକୁ ନେଇ ୨ ଦେଶ ମୁହାଁମୁହିଁ ହୋଇଥିବାବେଳେ ଆମେରିକାର ହସ୍ତକ୍ଷେପକ୍ରମେ ଶନିବାର ଅପରାହ୍ଣ ୫ଟାରୁ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲା। ଏହାର ୩ ଘଣ୍ଟା ପରେ ପାକିସ୍ତାନୀ ସେନା ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟ ଭଳି ସୀମାନ୍ତ ରାଜ୍ୟଗୁଡ଼ିକୁ ପୁନର୍ବାର ଟାର୍ଗେଟ କରିଛି। ପାକ୍ ରେଞ୍ଜର୍ସ ଅସ୍ତ୍ରବିରତି ଉଲ୍ଲଂଘନ କରି ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ରେଖାରେ ଦୁହାକୁଦୁହା ଗୁଳିଗୋଳା ବର୍ଷଣ କରୁଛନ୍ତି। ସେହିପରି ଉତ୍ତର ଓ ପଶ୍ଚିମ ଭାରତର ଅନେକ ସହର ଆକାଶରେ ପାକିସ୍ତାନୀ ଡ୍ରୋନ୍ ଚକ୍କର ମାରୁଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ସହରଗୁଡ଼ିକରେ ବ୍ଲାକ୍‌ଆଉଟ୍ ଘୋଷଣା କରାଯିବା ସହ ଯୁଦ୍ଧ ସାଇରନ୍ ବଜାଇ ଜନସାଧାରଣଙ୍କୁ ସତର୍କ କରାଯାଉଛି। ଗୋଟିଏ ପଟେ ଭାରତ ଓ ପାକିସ୍ତାନର ନିର୍ବାଚିତ ସରକାରଙ୍କ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିବାବେଳେ ଅନ୍ୟପଟେ ପାକିସ୍ତାନୀ ସେନା ଏହାକୁ ଅବଜ୍ଞା କରି ସୀମାପାର ଆକ୍ରମଣ ଜାରି ରଖିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ପାକିସ୍ତାନୀ ସେନା ଦେଶର ନିର୍ବାଚିତ ସରକାର ଉପରେ କର୍ତ୍ତୃତ୍ୱ ଜାହିର କରିବାର ଇତିହାସ ରହିଛି। ଅନେକ ସମୟରେ ସରକାରଙ୍କ ନୀତିଠାରୁ ଭିନ୍ନ ମତ ପୋଷଣ କରି ସଶସ୍ତ୍ର ବଳ ନିଜସ୍ୱ ରଣନୀତି ଆପଣାଇଥାଏ। ତେଣୁ ଜେନେରାଲ ଆସିମ୍ ମୁନୀରଙ୍କ ନେତୃତ୍ୱାଧୀନ ପାକିସ୍ତାନୀ ସେନା ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ପୁଣିଥରେ ଭାରତ ବିରୋଧରେ ଦୁଃସାହସିକ ପଦକ୍ଷେପ ନେବା ଆରମ୍ଭ କରିଛି ବୋଲି ସଦ୍ୟ ଘଟଣାବଳୀକୁ ଦେଖି ପ୍ରତିରକ୍ଷା ବିଶେଷଜ୍ଞମାନେ କହୁଛନ୍ତି।

ଭାରତ ଓ ପାକିସ୍ତାନ ପରସ୍ପର ବିରୋଧରେ ୩ ଦିନ ଧରି ସାମରିକ କାର୍ଯ୍ୟାନୁଷ୍ଠାନ ନେବା ପରେ ଶେଷରେ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଶନିବାର ଅପରାହ୍ଣ ୫ଟାରୁ ଜଳ, ସ୍ଥଳ ଓ ଆକାଶମାର୍ଗରେ କେହି କାହା ଉପରେ ଯୁଦ୍ଧାସ୍ତ୍ର ପ୍ରୟୋଗ କରିବେ ନାହିଁ ବୋଲି ସହମତି ପ୍ରକାଶ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ଏନେଇ ପ୍ରକାଶ କରିବା ପରେ ଉଭୟ ପକ୍ଷ ମଧ୍ୟ ସ୍ପଷ୍ଟ କରିଛନ୍ତି। ତେବେ ସିଜ୍‌ଫାୟାର ପାଇଁ ଭାରତ ଓ ପାକିସ୍ତାନ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍‌ଓ)ସ୍ତରରେ ଉଦ୍ୟମ ହୋଇଛି ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ ବୋଲି ନୂଆଦିଲ୍ଲୀ କହିଛି।

ପୃଷ୍ଠା-୧୦

## ପାକିସ୍ତାନକୁ ସମର୍ଥନ ଜାରି ରହିବ: ଚାଇନା

**ଇସ୍‌ଲାମାବାଦ,୧୦ା୫(ପି.ଟି.)**

ପାକିସ୍ତାନର ସାର୍ବଭୌମତ୍ୱ, କ୍ଷେତ୍ରୀୟ ଅଖଣ୍ଡତା ଓ ଜାତୀୟ ସ୍ୱାଧୀନତା ବଜାୟ ରଖିବାରେ ଇସ୍‌ଲାମାବାଦକୁ ସମର୍ଥନ ଦେବା ଜାରି ରହିବ ବୋଲି ଶନିବାର ରାତିରେ ଚାଇନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୟାଙ୍ଗ୍ ୟି ପାକ୍ ଉପପ୍ରଧାନମନ୍ତ୍ରୀ ଇଶାକ୍ ଡାରଙ୍କ ସହ ଫୋନ୍‌ରେ ଆଲୋଚନା ବେଳେ ତାଙ୍କୁ ଏଭଳି ପ୍ରତିଶ୍ରୁତି ଦେଇଥିବା ସେଠାକାର ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଆଲୋଚନା ବେଳେ ଡାର୍ ସାମ୍ପ୍ରତିକ ସ୍ଥିତି ଓ ପରିବର୍ତ୍ତନଶୀଳ ଘଟଣାକ୍ରମ ଉପରେ ୟାଙ୍ଗ୍‌ଙ୍କୁ ଅବଗତ କରାଇଥିଲେ। ୟାଙ୍ଗ୍ ଚାଇନାର ସବୁଦିନିଆ ରଣନୈତିକ ସହଯୋଗୀ ପାକିସ୍ତାନକୁ ସମର୍ଥନ ଜାରି ରଖିବା ନେଇ ବେଜିଂର ଆଭିମୁଖ୍ୟକୁ ପୁଣି ଦୋହରାଇଛନ୍ତି ବୋଲି ଇସ୍‌ଲାମାବାଦ ସୂତ୍ରରୁ ପ୍ରକାଶ।

## ଜମ୍ମୁରୁ ଫେରିଲେ ୧୧୪ ଓଡ଼ିଆ ଛାତ୍ରୀଛାତ୍ର

**କଟକ,୧୦ା୫(କାର୍ତ୍ତିକ ସାହୁ)**

ଜମ୍ମୁସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଓଡ଼ିଶାର ୧୧୪ଜଣ ଛାତ୍ରୀଛାତ୍ର ସୁରକ୍ଷିତ ଭାବେ ଓଡ଼ିଶା ଫେରିଛନ୍ତି। ସେମାନଙ୍କ ମଧ୍ୟରେ ୩୫ଜଣ ଛାତ୍ରୀ ଅଛନ୍ତି। ସରକାରୀ ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସେମାନେ ଜମ୍ମୁରୁ ଦିଲ୍ଲୀ ଓ ପୁଣି ଦିଲ୍ଲୀରୁ ବିଭିନ୍ନ ଟ୍ରେନ୍ ଯୋଗେ ଆସି ଓଡ଼ିଶାର ନିଜ ଅଞ୍ଚଳର ଷ୍ଟେଶନରେ ଶନିବାର ଓହ୍ଲାଇଛନ୍ତି। ପ୍ରତ୍ୟେକ ରେଳଷ୍ଟେଶନରୁ ସେମାନଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ ଦ୍ୱାରା ନିଆଯାଇ ସେମାନଙ୍କ ପରିବାର ନିକଟରେ ପହଞ୍ଚାଇ ଦିଆଯାଇଥିବା ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ଜମ୍ମୁରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିରୁ ସୁରକ୍ଷିତ ଭାବେ ଘରକୁ ଫେରିବାକୁ ନେଇ ସରକାରଙ୍କୁ ଜଣାଇଥିଲେ। ଏ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆର୍‌ଟିଓମାନଙ୍କୁ ୮ ତାରିଖ ସନ୍ଧ୍ୟାରେ

### ଟ୍ରେନ୍ ଭିତରେ ବନ୍ଦ ଥିଲା ଲାଇଟ୍

ପୃଷ୍ଠା-୧୦







**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-18: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା12.05.2025ରିଖ** ସରକାରୀ ଛୁଟି ଦିନ ଥିବା ହେତୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0109/2526


## ୨୭ରେ କେରଳ ଛୁଇଁପାରେ ମୌସୁମୀ

**ନୂଆଦିଲ୍ଲୀ,୧୦ା୫(ପି.ଟି.)**

ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ସାଧାରଣତଃ ଜୁନ୍ ୧ରେ କେରଳ ପହଞ୍ଚୁଥିବାବେଳେ ଏଥର ଆଗୁଆ ଭାବେ ମେ' ୨୭ରେ ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ପୂର୍ବାନୁମାନ ଅନୁଯାୟୀ, ମୌସୁମୀ କେରଳ ସ୍ପର୍ଶ କଲେ, ଏହା ୨୦୦୯ ପରେ ସଅଳ ପହଞ୍ଚିବାରେ ପ୍ରଥମ ଘଟଣା ହେବ। ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ, ୨୦୦୯ ମେ' ୨୩ରେ ମୌସୁମୀ କେରଳ ସ୍ପର୍ଶ କରିଥିଲା। ଜୁଲାଇ ୮ ସୁଦ୍ଧା ମୌସୁମୀ ସାରା ଦେଶରେ ପ୍ରବେଶ କରିଥାଏ ଏବଂ ସେପ୍ଟେମ୍ବର ୧୭ରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇ ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଅପସରି ଯାଇଥାଏ। ଗତବର୍ଷ ମେ' ୩୦ରେ ମୌସୁମୀ କେରଳ ଛୁଇଁଥିଲା। ସେହିପରି ୨୦୨୩ରେ ଜୁନ୍ ୮, ୨୦୨୨ରେ ମେ' ୨୯, ୨୦୨୧ରେ ଜୁନ୍ ୩, ୨୦୨୦ରେ ଜୁନ୍ ୧, ୨୦୧୯ରେ ଜୁନ୍ ୮ ଏବଂ ୨୦୧୮ରେ ମେ' ୨୯ରେ ମୌସୁମୀ କେରଳ ପହଞ୍ଚିଥିଲା। ତେବେ ମୌସୁମୀ ପହଞ୍ଚିବା ତାରିଖ ସହ ଦେଶରେ ହେବାକୁ ଥିବା ମୋଟ ବୃଷ୍ଟିପାତ ପରିମାଣର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ବୋଲି ଆଇଏମ୍‌ଡିର



ଜଣେ ଅଧିକାରୀ କହିଛନ୍ତି। ଚଳିତ ବର୍ଷ ଏଲ୍ ନିନୋ ସ୍ଥିତି ସମ୍ଭାବନା ନ ଥିବାରୁ ବୃଷ୍ଟିପାତ ସ୍ୱାଭାବିକଠାରୁ ଅଧିକ ହେବ ବୋଲି ଗତ ମାସରେ ଆଇଏମ୍‌ଡି ପୂର୍ବାନୁମାନ କରିଥିଲା।

## ପାକିସ୍ତାନକୁ ଆଇଏମ୍‌ଏଫ୍‌ର ୧ ବିଲିୟନ ଡଲାର ଋଣ | ସମୟକୁ ନେଇ ପ୍ରଶ୍ନ

**ନ୍ୟୁୟର୍କ/ ଇସ୍‌ଲାମାବାଦ, ୧୦ା୫ (ପି.ଟି.)**

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଶୁକ୍ରବାର ପାକିସ୍ତାନକୁ ୧ ବିଲିୟନ ଆମେରିକୀୟ ଡଲାର ଋଣ ମଞ୍ଜୁର କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସର୍ବୋଚ୍ଚରେ ପହଞ୍ଚିଥିବା ବେଳେ ଏହି ସମୟରେ ଅନ୍ତର୍ଜାତୀୟ ଋଣପ୍ରଦାନକାରୀ ସଂସ୍ଥାର ଏଭଳି ନିଷ୍ପତ୍ତି ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ଶନିବାର ପ୍ରାରମ୍ଭରେ ଶୁଣିବାକୁ ମିଳିଥିଲା ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ହୋଇଛି। ପରେ ପାକିସ୍ତାନ ତାହାକୁ ଉଲ୍ଲଂଘନ କରିଥିବା ଖବର ମିଳିଲା। ତେବେ ଏହି ଋଣ ପ୍ରଦାନ ସହ ଅସ୍ତ୍ରବିରତିର ସମ୍ପର୍କ ରହିଥିବା ନେଇ ଆଲୋଚନା ହେଲାଣି। ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ତାଙ୍କ ଯୋଗୁ ହୋଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିବା ବେଳେ ଭାରତ କହିଛି ଯେ ତାହା ପାକିସ୍ତାନ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା ମାଧ୍ୟମରେ ହୋଇଛି। କିନ୍ତୁ ଆମେରିକା ଉପରାଷ୍ଟ୍ରପତି ଜେ ଡି ଭାନ୍ସ ଓ ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ତାଙ୍କ ଦେଶ ହସ୍ତକ୍ଷେପରେ ଏହା ସମ୍ଭବ ହୋଇଛି ବୋଲି କହିଛନ୍ତି। ଏହା ମଧ୍ୟ ଶୁଣିବାକୁ ମିଳିଛି ଯେ, ୧ ବିଲିୟନ ଆମେରିକୀୟ ଡଲାର ଯାଚି ଆମେରିକା ଅସ୍ତ୍ରବିରତିରେ ରାଜି ହେବା ଲାଗି ପାକିସ୍ତାନ ଉପରେ ଚାପ ପକାଇଥିଲା । କାରଣ ୱାଶିଂଟନ ଡିସିର ବିନା ଅନୁମୋଦନରେ ଋଣ ମିଳି ନ ଥାଏ, ଯେହେତୁ ହ୍ୱାଇଟ୍ ହାଉସ ଏଥିଲାଗି ଶେଷ ସ୍ୱର୍ଶକାରୀ ଭୂମିକା ନିର୍ବାହ କରିଥାଏ।

ପାକିସ୍ତାନର ଦୁର୍ବଳ ଆର୍ଥିକ ସ୍ଥିତି ଓ ତାହାକୁ ମିଳୁଥିବା ସହାୟତା ରାଷ୍ଟ୍ର ପ୍ରାୟୋଜିତ ସୀମାପାର ଆତଙ୍କବାଦରେ ବିନିଯୋଗ ହେଉଥିବାରୁ ଭାରତ ପୂର୍ବରୁ ବହୁବାର ଅନ୍ତର୍ଜାତୀୟ ମଞ୍ଚରେ ଏହି ପ୍ରସଙ୍ଗ ଉଠାଇ ଆସିଛି। ଶୁକ୍ରବାର ଅନୁଷ୍ଠିତ ଆଇଏମ୍‌ଏଫ୍ ବୋର୍ଡ ବୈଠକରେ ପାକିସ୍ତାନକୁ ଏକ୍ସଟେଣ୍ଡେଡ୍ ଫଣ୍ଡ୍ ଫ୍ୟାସିଲିଟି (ଇଏଫ୍‌ଏଫ୍) ଜରିଆରେ ଦିଆଯିବାକୁ ଥିବା ୨.୩ ବିଲିୟନ ଆମେରିକୀୟ ଡଲାର ଋଣ ଉପରେ ସମୀକ୍ଷା କରିବା ଲାଗି କହି ଭାରତ ପ୍ରତିବାଦ କରିଥିଲା। କିନ୍ତୁ ଆଇଏମ୍‌ଏଫ୍ ଏକ ବିବୃତିରେ ଜଣାଇଥିଲା ଯେ ପାକିସ୍ତାନର ୩୭ ମାସର ଇଏଫ୍‌ଏଫ୍‌କୁ ୨୫ ସେପ୍ଟେମ୍ବର ୨୦୨୪ରେ ମଞ୍ଜୁରୀ ମିଳିଥିଲା। ତାହା ପାକିସ୍ତାନର ନିରନ୍ତର ବିକାଶ ଦିଗରେ ଅଭିପ୍ରେତ ଥିବାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ପାକିସ୍ତାନକୁ ୧ ବିଲିୟନ ଆମେରିକୀୟ ଡଲାର ମଞ୍ଜୁରୀ କରାଯାଇଛି ବୋଲି ମୁଦ୍ରାପାଣ୍ଠି ପକ୍ଷରୁ କୁହାଯାଇଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ପ୍ରାଣହାନି ପରେ ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା ସାମରିକ ଉତ୍ତେଜନା ପରିପ୍ରେକ୍ଷୀରେ ପାକିସ୍ତାନକୁ ଆଇଏମ୍‌ଏଫ୍‌ର ଋଣ ପ୍ରଦାନ ବିଶ୍ୱ ସମୁଦାୟକୁ ଏକ ଭୟଙ୍କର ବାର୍ତ୍ତା ଦେଇଛି ବୋଲି ଭାରତ କହିଛି। ଅନ୍ୟପକ୍ଷରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଆଇଏମ୍‌ଏଫ୍‌ର ଋଣ ପ୍ରଦାନରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ପାକିସ୍ତାନର ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆସୁଥିବା ବେଳେ ଭାରତ ଷଡ଼ଯନ୍ତ୍ର କରି ଆଇଏମ୍‌ଏଫ୍ ଋଣ ରୋକିବା ଲାଗି କରିଥିବା ପ୍ରୟାସ ବିଫଳ ହୋଇଛି ବୋଲି ଶରିଫ୍ କହିଛନ୍ତି।

ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ** ଡୋଭାଲଙ୍କ ସିଦ୍ଧାନ୍ତ






ସାମ୍ପ୍ରତିକ ସ୍ଥିତିରେ ବିଭିନ୍ନ ଦେଶ ବିଶେଷକରି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୀମା ସଂଘର୍ଷ ଘଟି ଭୂରାଜନୈତିକ ତଥା ସାମରିକ ଉତ୍ତେଜନା ବଢ଼ିବାରେ ଲାଗିଛି। ୨୦୨୨ ଫେବୃଆରୀରୁ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଲାଗିରହିଥିବାବେଳେ ୨୦୨୩ ଅକ୍ଟୋବରରୁ ଇସ୍ରାଏଲ-ଗାଜା ସଂଘର୍ଷ ସ୍ଥିତିକୁ ସଙ୍ଗିନ କରିଦେଇଛି। ଏଭଳି ସମୟରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହୋଇ ପରସ୍ପର ବିରୋଧରେ ଡ୍ରୋନ୍‌ଠାରୁ ନେଇ ମିଶାଇଲ ପର୍ଯ୍ୟନ୍ତ ବ୍ୟବହାର କରିଛନ୍ତି। ଦେଖିବାକୁ ଗଲେ ଯୁଦ୍ଧରେ କେହି ବିଜୟୀ ହୋଇ ନ ଥାଆନ୍ତି। ଉଭୟ ପକ୍ଷର କ୍ଷତି ସାଧିତ ହୋଇଥାଏ। କିନ୍ତୁ ଲାଭାନ୍ୱିତ ହୋଇଥାନ୍ତି ଅସ୍ତ୍ର ବ୍ୟବସାୟ କରୁଥିବା କମ୍ପାନୀ ଓ ରାଷ୍ଟ୍ରଗୁଡ଼ିକ। ତେଣୁ ଅସ୍ତ୍ର ଉତ୍ପାଦନକାରୀ ରାଷ୍ଟ୍ର ସମୂହ ଅନେକ ସମୟରେ ଯୁଦ୍ଧ ସ୍ଥିତି ସୃଷ୍ଟି କରିବାକୁ ଉଦ୍ୟମ କରିଥାନ୍ତି ବୋଲି ଅଭିଯୋଗ ହୋଇଆସୁଛି। ଭାରତ-ପାକିସ୍ତାନ ମଧ୍ୟରେ ୧୮ ଦିନ ଧରି ସାମରିକ ଉତ୍ତେଜନା ଲାଗିରହିଥିବାବେଳେ ଶନିବାର ଅପରାହ୍ନ ୫ଟାରୁ ଦୁଇଦେଶ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଛନ୍ତି। ଆଗକୁ ସ୍ଥିତି କେଉଁ ଆଡ଼କୁ ମୁହାଁଇବ ତାହା ସମୟ କହିବ। କିନ୍ତୁ ଇତିମଧ୍ୟରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ବଢ଼ିଥିବା ସାମରିକ ଉତ୍ତେଜନା ଯୁଦ୍ଧାସ୍ତ୍ର ଶିଳ୍ପ ଓ କାରବାର ସମ୍ପର୍କିତ ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

# ଯୁଦ୍ଧାସ୍ତ୍ର ବେପାର





ପୃଥ୍ୱୀ-୨ ମିଶାଇଲ

## ୨.୪୪୩ ଟ୍ରିଲିୟନ୍ ଡଲାରର ପ୍ରତିରକ୍ଷା ଶିଳ୍ପ

ବିଶ୍ୱର ସମସ୍ତ ସାର୍ବଭୌମ ରାଷ୍ଟ୍ରର ନିଜସ୍ୱ ପ୍ରତିରକ୍ଷା ଅଧିକାର ରହିଛି। ଶତ୍ରୁଦେଶ ଆକ୍ରମଣ କଲେ ଏକ ରାଷ୍ଟ୍ର ଆତ୍ମରକ୍ଷା କରିବା ସହ ପ୍ରତିପକ୍ଷକୁ ଜବାବ ଦେବା ପାଇଁ ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ପଡ଼ିଥାଏ। ଏଥିପାଇଁ ଆଧୁନିକ ଯୁଗରେ ଆର୍ମ ଇଣ୍ଡଷ୍ଟ୍ରି ବା ପ୍ରତିରକ୍ଷା ଶିଳ୍ପ ବା ସାମରିକ ଶିଳ୍ପ ଫୁଲିବାରେ ଲାଗିଛି। ଅସ୍ତ୍ରଶସ୍ତ୍ରଠାରୁ ନେଇ ଡ୍ରୋନ୍, ଯୁଦ୍ଧ ଉପକରଣ, ମିଶାଇଲ୍ ସିଷ୍ଟମ୍, ଯୋଗାଯୋଗ ବ୍ୟବସ୍ଥା, ଏୟାର ଡିଫେନ୍ସ ସିଷ୍ଟମ୍, ମିଶାଇଲ, ଲଜିଷ୍ଟିକାଲ ସପୋର୍ଟ ଆଦି ଏଥିରେ ଅନ୍ତର୍ଭୁକ୍ତ। ଅନେକ ଶିଳ୍ପ ଉନ୍ନତ ରାଷ୍ଟ୍ରର ସରକାର ଅସ୍ତ୍ର ନିର୍ମାଣ କ୍ଷେତ୍ରରେ ନିଜସ୍ୱ ନୀତି ପ୍ରଣୟନ କରିଥାନ୍ତି। ଏହି ନୀତି ବଳରେ ସମ୍ପୃକ୍ତ ରାଷ୍ଟ୍ରଗୁଡ଼ିକ ସାମରିକ ଉପକରଣ କ୍ରୟଠାରୁ ନେଇ ଅସ୍ତ୍ର ପ୍ରୟୋଗ ପର୍ଯ୍ୟନ୍ତ ସବୁକିଛି ଧାର୍ଯ୍ୟ କରନ୍ତି। ୨୦୨୪ରେ ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ) ପକ୍ଷରୁ କରାଯାଇଥିବା ଏକ ଆକଳନ ଅନୁସାରେ ବିଶ୍ୱ ପ୍ରତିରକ୍ଷା ଶିଳ୍ପର ଆକାର ହେଉଛି ୨.୪୪୩ ଟ୍ରିଲିୟନ୍ ଆମେରିକୀୟ ଡଲାର। ୨୦୨୩ରେ ବିଶ୍ୱର ସବୁଠୁ ବଡ଼ ୧୦୦ ଅସ୍ତ୍ର ନିର୍ମାଣକାରୀ କମ୍ପାନୀ ୬୩୨ ବିଲିୟନ୍ ଡଲାର ରାଜସ୍ୱ ଆୟ କରିଥିଲେ।

**ବୈଶ୍ୱିକ ଅସ୍ତ୍ର ବଜାର ଉପରେ ଆମେରିକାର ଆଧିପତ୍ୟ:** ବିଶ୍ୱର ପ୍ରାୟ ଅଧା ଯୁଦ୍ଧାସ୍ତ୍ର ଆମେରିକୀୟ କମ୍ପାନୀଗୁଡ଼ିକ ନିର୍ମାଣ କରି ବିଭିନ୍ନ ଦେଶକୁ ରପ୍ତାନି କରିଥାନ୍ତି।

**୨ୟରେ ଚାଇନା, ୩ୟରେ ରୁଷିଆ:** ଯୁଦ୍ଧାସ୍ତ୍ର କାରବାର କ୍ଷେତ୍ରରେ ଚାଇନା ଦ୍ୱିତୀୟ ସ୍ଥାନରେ ଥିବାବେଳେ ରୁଷିଆ ୩ୟ ସ୍ଥାନରେ ରହିଛି। ଏପରି କି ଘରୋଇ ଅସ୍ତ୍ର ନିର୍ମାଣ କ୍ଷେତ୍ରରେ ମଧ୍ୟ ୨ ଦେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆମେରିକା ବିରୋଧୀ ଏହି ରାଷ୍ଟ୍ରଦ୍ୱୟ ଅସ୍ତ୍ର ରପ୍ତାନି କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରୁ ନ ଥିବା ଅଭିଯୋଗ ହୋଇଥାଏ।

**ୟୁରୋପ:** ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ଅସ୍ତ୍ରନିର୍ମାତାଙ୍କ ଏକ ବୃହତ୍ ବଜାର ରହିଛି। ବିଶେଷକରି ଏରୋସ୍ପେସ୍ ଓ ନାଭାଲ ସିଷ୍ଟମ୍ ନିର୍ମାଣରେ ୟୁରୋପୀୟ କମ୍ପାନୀଗୁଡ଼ିକର ବିଶେଷତ୍ୱ ରହିଛି।

## ବିଶ୍ୱର ୧୦ ବଡ଼ ଅସ୍ତ୍ର ନିର୍ମାତା

| କମ୍ପାନୀ | ଦେଶ | ବାର୍ଷିକ କାରବାର (ଡଲାରରେ) | ପ୍ରମୁଖ ଯୁଦ୍ଧାସ୍ତ୍ର |
|---|---|---|---|
| ୧. ଲକ୍‌ହିଡ୍ ମାର୍ଟିନ୍ | ଆମେରିକା | ୬୦ ବିଲିୟନ୍ | ଏଫ୍-୩୫ ଫାଇଟର ଜେଟ୍, ଥାଡ୍ ମିଶାଇଲ, ବ୍ଲାକ୍ ହକ୍ |
| ୨. ରେଥେଓନ୍ ଟେକ୍ନୋଲୋଜି | ଆମେରିକା | ୪୦ ବିଲିୟନ | ପାଟ୍ରିଅଟ୍ ମିଶାଇଲ, ରାଡାର, ଆଭିଓନିକ୍ସ |
| ୩. ନରଥ୍ରୋପ୍ ଗନ୍‌ମ୍ୟାନ୍ | ଆମେରିକା | ୩୬ ବିଲିୟନ୍ | ବି-୨୧ ବମ୍ବର, ଡ୍ରୋନ୍, ମିଶାଇଲ୍ ଡିଫେନ୍ସ ମିଶାଇଲ |
| ୪. ବୋଇଂ ଡିଫେନ୍ସ | ଆମେରିକା | ୩୦ ବିଲିୟନ୍ | ଆପାଚେ, ଚିନୁକ୍, କେସି-୪୬, ସାଟେଲାଇଟ୍ |
| ୫. ଜେନେରାଲ ଡାଇନାମିକ୍ସ | ଆମେରିକା | ୨୫ ବିଲିୟନ୍ | ଆବ୍ରାହମ୍ ଟ୍ୟାଙ୍କ, ଭର୍ଜିନିଆ ସବ୍‌ମାରାଇନ୍ସ |
| ୬. ବିଏଇ ସିଷ୍ଟମ୍ସ | ଆମେରିକା | ୨୩ ବିଲିୟନ୍ | ୟୁରୋଫାଇଟର ଟାଇଫୁନ୍, ନାଭାଲ ଶିପ୍ |
| ୭. ଏଭିଆଇସି ଆଭିଏଶନ୍ ଇଣ୍ଡଷ୍ଟ୍ରି | ଚାଇନା | ୨୦ ବିଲିୟନ୍ | ଫାଇଟର ଜେଟ୍ (ଜେ-ସିରିଜ୍), ହେଲିକପ୍ଟର |
| ୮. ନୋରିନ୍‌କୋ ଚାଇନା | ଚାଇନା | ୧୭ ବିଲିୟନ୍ | ଆର୍ମୋର୍ଡ ଭେହିକିଲ୍ସ, ଆର୍ଟିଲିଆରି |
| ୯. ଲିଓନାର୍ଡୋ ଏସ୍‌ପିଏ | ଇଟାଲୀ | ୧୪ ବିଲିୟନ୍ | ଏଡବ୍ଲ୍ୟୁ ହେଲିକପ୍ଟର, ୟୁରୋଫାଇଟର, ଇଲେକ୍ଟ୍ରୋନିକ୍ସ |
| ୧୦. ଥାଲେସ୍ ଗ୍ରୁପ୍ | ଫ୍ରାନ୍ସ | ୧୧ ବିଲିୟନ୍ | ରାଡାର, ଅପ୍‌ଟ୍ରୋନିକ୍ସ, ମିଶାଇଲ |

## ଭାରତ, ପାକିସ୍ତାନ ସାମରିକ କ୍ଷମତା

ଏପ୍ରିଲ ୨୨ ତାରିଖରେ ପହଲଗାମ୍‌ରେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା ପରେ ଭାରତ ପକ୍ଷରୁ ଗତ ୬ ତାରିଖ ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆତଙ୍କବାଦୀଙ୍କ ୯ ସ୍ଥାନରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଏହାପରଠାରୁ ୨ ଦେଶ ମଧ୍ୟରେ ସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ପାକିସ୍ତାନ ପକ୍ଷରୁ ଭାରତର ସୀମାବର୍ତ୍ତୀ ଅଞ୍ଚଳକୁ ଟାର୍ଗେଟ କରାଯାଇ ମିଶାଇଲ ଏବଂ ଡ୍ରୋନ୍ ଛଡ଼ାଯାଇଥିଲା, ଯାହାକୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ୍ ନଷ୍ଟ କରିଥିଲା। ସେହିପରି ଭାରତ ମଧ୍ୟ ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ୍‌କୁ ଧ୍ୱଂସ କରିବା ସହ ୫ଟି ଏୟାର ବେସ୍ ଏବଂ ୩ଟି ଅନ୍ୟ ସାମରିକ ଠିକଣା ଉପରେ ଆକ୍ରମଣ କରିଥିଲା।

| ସାମରିକ କ୍ଷମତା | ଭାରତ | ପାକିସ୍ତାନ |
|---|---|---|
| ମୋଟ ସୈନ୍ୟ କର୍ମଚାରୀ | ୫୧,୩୭, ୫୫୦ | ୧୭,୦୪,୦୦୦ |
| ସାମରିକ ବାହିନୀର ସକ୍ରିୟ କର୍ମଚାରୀ | ୧୪,୫୫,୫୫୦ | ୬.୫ ଲକ୍ଷ |
| ଯୁଦ୍ଧ କର୍ମଚାରୀ | ୪୨,୪୧,୫୦୦ | ୯,୬୪,୦୦୦ |
| ନୌସେନା କର୍ମଚାରୀ | ୧,୪୨,୨୫୨ | ୧,୨୪,୮୦୦ |
| ଟ୍ୟାଙ୍କ | ୪,୨୦୧ | ୨,୬୨୭ |
| କମ୍ବାଟ ଟ୍ୟାଙ୍କ | ୩,୧୫୧ | ୧,୮୩୯ |
| କମ୍ବାଟ ହେଲିକପ୍ଟର | ୩୯ | ୪୩ |
| ଅର୍ଦ୍ଧସାମରିକ ବାହିନୀ | ୨୫,୨୭,୦୦୦ | ୫,୦୦,୦୦୦ |
| **ବାୟୁସେନା** ଏୟାରକ୍ରାଫ୍ଟ | ୨,୨୨୯ | ୧,୩୯୯ |
| ଫାଇଟର ଜେଟ | ୫୧୩ | ୩୨୮ |
| ଏଇରାଲ ଟ୍ୟାଙ୍କର | ୬ | ୪ |
| ହେଲିକପ୍ଟର | ୮୯୯ | ୩୭୩ |

## ତୁଳନାତ୍ମକ ଚିତ୍ର

ଗ୍ଲୋବାଲ ଫାୟାର ପାୱାରର ସାମରିକ ଶକ୍ତି ର୍ୟାଙ୍କିଂ ଅନୁଯାୟୀ, ଭାରତ ବିଶ୍ୱର ଚତୁର୍ଥ ଶକ୍ତିଶାଳୀ ସାମରିକ ଶକ୍ତି ହୋଇଥିବାବେଳେ ପାକିସ୍ତାନ ହେଉଛି ଦ୍ୱାଦଶ ଶକ୍ତିଶାଳୀ ସାମରିକ ଶକ୍ତି। ଭାରତ ସାମରିକ କ୍ଷେତ୍ରରେ ସର୍ବାଧିକ ଖର୍ଚ୍ଚ କରୁଥିବା ବିଶ୍ୱର ପଞ୍ଚମ ଦେଶ। ୨୦୨୪ରେ ଭାରତ ନିଜର ସାମରିକ ଶକ୍ତି ପାଇଁ ୮୬.୧ ବିଲିୟନ ଡଲାର ଖର୍ଚ୍ଚ କରିଥିଲା, ଯାହା ଏହାର ଜିଡିପିର ମୋଟ ୨.୩%। ସେହିପରି ପାକିସ୍ତାନ ନିଜର ସାମରିକ ଶକ୍ତି ପାଇଁ ଗତବର୍ଷ ୧୦.୨ ବିଲିୟନ ଡଲାର ଖର୍ଚ୍ଚ କରିଥିଲା, ଯାହା ଏହାର ଜିଡିପିର ମୋଟ ୨.୭%। ମିଲିଟାରୀ ୱାଚ୍ ମାଗାଜିନ ଅନୁଯାୟୀ, ଭାରତ ଟାୟାର-୨ ମିଲିଟାରୀ ପାୱାର ହୋଇଥିବାବେଳେ ପାକିସ୍ତାନ ହେଉଛି ଟାୟାର-୩ ମିଲିଟାରୀ ପାୱାର। ଷ୍ଟକ୍‌ହୋମ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ)ର ରିପୋର୍ଟ ଅନୁଯାୟୀ, ୨୦୨୦ରୁ ୨୦୨୪ ମଧ୍ୟରେ ୟୁକ୍ରେନ ପରେ ଭାରତ ହେଉଛି ଦ୍ୱିତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର ଆମଦାନକାରୀ ଦେଶ। ସେହିପରି ୨୦୧୫-୧୯ରୁ ୨୦୨୦-୨୪ ମଧ୍ୟରେ ପାକିସ୍ତାନର ଅସ୍ତ୍ରଶସ୍ତ୍ର ଆମଦାନୀ ୬୧% ବୃଦ୍ଧି ପାଇଛି। ୧୯୯୦ ପରଠାରୁ ଚାଇନା ପାକିସ୍ତାନକୁ ସର୍ବାଧିକ ଅସ୍ତ୍ରଶସ୍ତ୍ର ଯୋଗାଇଛି। ୨୦୨୦-୨୪ ମଧ୍ୟରେ ପାକିସ୍ତାନର ୮୧% ଅସ୍ତ୍ରଶସ୍ତ୍ର ଆମଦାନୀ ଚାଇନାଠାରୁ ହୋଇଛି। ପାକିସ୍ତାନର ୧୦% ଅସ୍ତ୍ରଶସ୍ତ୍ର ଆମଦାନୀ ନେଦରଲାଣ୍ଡଠାରୁ ଏବଂ ୬% ତୁର୍କୀଠାରୁ ହୋଇଛି। ସେହିପରି ଏହା ମଧ୍ୟରେ ରୁଷିଆ ସବୁଠାରୁ ଅଧିକ ଅସ୍ତ୍ରଶସ୍ତ୍ର ଭାରତକୁ ଯୋଗାଇଛି। ଭାରତର ୮୧% ଅସ୍ତ୍ରଶସ୍ତ୍ର ଆମଦାନୀ ରୁଷିଆଠାରୁ ହୋଇଛି। ସେହିପରି ଏହି ଅବଧିରେ ଭାରତର ୩୩% ଅସ୍ତ୍ରଶସ୍ତ୍ର ଆମଦାନୀ ଫ୍ରାନ୍ସଠାରୁ, ୧୮% ଇସ୍ରାଏଲଠାରୁ ହୋଇଛି।





| ସାମରିକା କ୍ଷମତା (ନୌସେନା) | ଭାରତ | ପାକିସ୍ତାନ |
|---|---|---|
| ବୁଡ଼ା ଜାହାଜ | ୧୮ | ୮ |
| ଏୟାରକ୍ରାଫ୍ଟ କ୍ୟାରିୟର | ୨ (ଆଇଏନ୍‌ଏସ୍ ବିକ୍ରମାଦିତ୍ୟ, ଆଇଏନ୍‌ଏସ୍ ବିକ୍ରାନ୍ତ) | ୦ |
| ଏୟାର ଡିଫେନ୍ସ ସିଷ୍ଟମ | ଏସ୍-୪୦୦ (ସୁଦର୍ଶନ ଚକ୍ର), ବରାକ-୮ (ଏମ୍‌ଆର୍‌ଏସ୍‌ଏମ୍), ଆକାଶ | ଏଚ୍‌କ୍ୟୁ-୯/ପି, ଏଲ୍‌ୱାଇ-୮୦, ଏଲ୍‌ୱାଇ-୮୦ଇଭି |
| ଅଣୁ ଅସ୍ତ୍ର | ୧୮୦ | ୧୭୦ |
| ନ୍ୟୁକ୍ଲିଆର ମିଶାଇଲ | କେ-୪, କେ-୧୫ , ଅଗ୍ନି-୫. ଅଗ୍ନି-୪, ଅଗ୍ନି-୩ , ଅଗ୍ନି-୨, ଅଗ୍ନି-୧, ପୃଥ୍ୱୀ-୨, ପ୍ରହାର, ନିର୍ଭୟ | ଏଚଏଟିଏଫ୍ ୧-୮ , ଶାହିନ ୩, ଆବାବିଲ |



ଜମ୍ମୁ-କଶ୍ମୀରର ପୁଞ୍ଛ୍ ଜିଲା ଅନ୍ତର୍ଗତ ମେନ୍ଧାର ସେକ୍ଟର ବେହରା ଗ୍ରାମରେ ପାକିସ୍ତାନୀ ସେନାର ଶେଲ୍ ମାଡ଼ରେ ଏକ ଘର କ୍ଷତିଗ୍ରସ୍ତ ହୋଇଛି।

## ଅପରେଶନ ସିନ୍ଦୂରରେ ଅଜହରଙ୍କ ସମ୍ପର୍କୀୟ ସମେତ ୫ ଶୀର୍ଷ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ, ୧୦।୫

ଭାରତୀୟ ସେନା ସିନ୍ଦୂର ଜରିଆରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀର(ପିଓକେ)ରେ ଥିବା ଲଶ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ୯ଟି ଭିତ୍ତିଭୂମିକୁ ଧ୍ୱଂସ କରିଥିଲା। ଏଥିରେ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ ଆଜହରଙ୍କ ଭାଇ ତଥା ୧୯୯୯ର କାନ୍ଦାହାର ବିମାନ ଅପହରଣର ମାଷ୍ଟରମାଇଣ୍ଡ ରୌଫ୍ ଅଜହରଙ୍କ ସମେତ ୫ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ନିହତ ହୋଇଥିବା ଶନିବାର ଭାରତୀୟ ଏଜେନ୍ସି ସ୍ପଷ୍ଟ କରିଛନ୍ତି। ଏହି ଆତଙ୍କବାଦୀମାନଙ୍କ ଶେଷକୃତ୍ୟରେ ପାକିସ୍ତାନୀ ସେନାର ବରିଷ୍ଠ ଅଧିକାରୀ, ପୋଲିସ ଅଫିସର ଓ ରାଜନେତା ଯୋଗଦେଇଥିଲେ, ଯାହା ଆତଙ୍କବାଦୀ ସଂଗଠନ ସହ ପାକ୍ ସରକାରଙ୍କ ଗୋପନ ବୁଝାମଣା ଥିବାର ଖୋଲା ପ୍ରମାଣ।

୭ ତାରିଖ ରାତିରେ ଭାରତୀୟ ସେନାର ଆକ୍ରମଣ ବେଳେ ଜେଇଏମ୍‌ର ବାହାବଲପୁର ମୁଖ୍ୟାଳୟରେ ଉପସ୍ଥିତ ଥିବା ମାସୁଦ୍ ଅଜହରଙ୍କ ଭିଣୋଇ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ମହମ୍ମଦ ୟୁସୁଫ ଅଜହର ନିହତ ହୋଇଥିଲେ। ସେହିପରି



ରୌଫ୍ ଅଜହର

ଜେଇଏମ୍ ଆତଙ୍କବାଦୀଙ୍କ ତାଲିମ କେନ୍ଦ୍ର ବାହାବଲପୁରର ମର୍କଜ ସୁଭାନ ଆଲ୍ଲା ଦାୟିତ୍ୱରେ ଥିବା ମାସୁଦଙ୍କ ଅନ୍ୟଜଣେ ଭିଣୋଇ ହାଫିଜ ମୁହମ୍ମଦ ଜମିଲ ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଥିଲେ। ମୁରିଦ୍‌କେରେ ମର୍କଜ ତାଇବା ଦାୟିତ୍ୱରେ ଥିବା ଲଶ୍କର-ଇ-ତୋଇବା ଆତଙ୍କବାଦୀ ମୁଦାସର ଖାଦିଆନ୍ ଖାସ୍ ଓରଫ ଅବୁ ଜୁନ୍ଦଲ ଆକ୍ରମଣରେ ପ୍ରାଣ ହରାଇଥିଲେ। ଲଶ୍କର ଆତଙ୍କବାଦୀ ଖଲିଦ ଓରଫ ଅବୁ ଆକାଶ ଜମ୍ମୁ-କଶ୍ମୀରର ଏକାଧିକ ଆତଙ୍କବାଦୀ ଆକ୍ରମଣ ସହ ସମ୍ପୃକ୍ତ। ଫୈସଲାବାଦରେ ତାଙ୍କ ଶେଷକୃତ୍ୟ ବେଳେ ପାକ୍ ସେନା ଅଧିକାରୀ ଓ ସ୍ଥାନୀୟ ଡେପୁଟି କମିଶନର ଉପସ୍ଥିତ ଥିଲେ। ପିଓକେରେ ଜେଇଏମ୍‌ର ଅପରେଶନାଲ କମାଣ୍ଡରଙ୍କ ପୁଅ ମହମ୍ମଦ ହାସନ ଖାନ୍ ମଧ୍ୟ ଅପରେଶନ ସିନ୍ଦୂରରେ ନିହତ ହୋଇଥିଲେ।

# ଆତଙ୍କବାଦୀ କାର୍ଯ୍ୟ ଭାରତ ବିରୋଧୀ ଯୁଦ୍ଧ

ନୂଆଦିଲ୍ଲୀ, ୧୦।୫(ପି.ଟି.)

ଭାରତ ମାଟିରେ ଭବିଷ୍ୟତରେ କୌଣସି ଆତଙ୍କବାଦୀ କାର୍ଯ୍ୟକୁ ଦେଶ ବିରୋଧରେ 'ଯୁଦ୍ଧର କାର୍ଯ୍ୟ' ଭାବେ ବିବେଚନା କରାଯିବ ଏବଂ ତଦନୁଯାୟୀ ଜବାବ ଦିଆଯିବ ବୋଲି ଶନିବାର କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ ଏହି ଦେଶକୁ କେନ୍ଦ୍ର ସରକାର ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଏହି ନିଷ୍ପତ୍ତି ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଆତଙ୍କବାଦ ଘଟଣା ବିରୋଧରେ ଏକ ଅନ୍ତିମ ରେଖା ଟାଣିବାକୁ ଚାହିଁଛନ୍ତି। ପାକିସ୍ତାନ ସହ ସମ୍ପୃକ୍ତ ଆତଙ୍କବାଦୀମାନେ ଯଦି ପୁଣିଥରେ ଭାରତକୁ ଟାର୍ଗେଟ କରନ୍ତି, ତେବେ ପହଲଗାମ୍ ପରବର୍ତ୍ତୀ ଅନୁରୂପ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଦିଆଯାଇଛି।

### ଇସ୍‌ଲାମାବାଦକୁ ନୂଆଦିଲ୍ଲୀର କଡ଼ା ଚେତାବନୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଏନ୍ଏସ୍ଏ ଅଜିତ ଡୋଭାଲ, ସିଡିଏସ୍ ଜେନେରାଲ ଅନିଲ ଚୌହାନ ଓ ୩ ବାହିନୀର ମୁଖ୍ୟ ଯୋଗ ଦେଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶନିବାର ଶୀର୍ଷ ସୁରକ୍ଷା ଅଧିକାରୀମାନଙ୍କର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ଭାରତୀୟ ସଶସ୍ତ୍ର ବଳର ମୁଖ୍ୟମାନେ ଯୋଗଦେଇଥିଲେ। ବୈଠକରେ ବ୍ୟାପକ ବିଚାରବିମର୍ଶ ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଗତମାସ ୨୨ ତାରିଖରେ ଜମ୍ମୁ-କଶ୍ମୀରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଆକ୍ରମଣ ଘଟାଇଥିଲା। ଏହି ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ପାକିସ୍ତାନୀ ଆତଙ୍କବାଦୀମାନେ ଉପତ୍ୟକାରେ ଅନେକ ସମୟରେ ସୁରକ୍ଷା ବଳ ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରି ହିଂସାକାଣ୍ଡ ଘଟାଇ ଆସିଛନ୍ତି। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରେ ପାକିସ୍ତାନ ସମ୍ପୃକ୍ତ ଥିବା ଆତଙ୍କବାଦୀ ଆକ୍ରମଣ ଘଟଣାର ଦୃଢ଼ ଜବାବ ଦିଆଯାଇଆସୁଛି। ଗତ ୭ ତାରିଖରେ ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରି ଏହାକୁ ଧ୍ୱଂସ କରିଥିଲା। ଏହାପରେ ପାକିସ୍ତାନ ଭାରତର ଉତ୍ତର ଓ ପଶ୍ଚିମସୀମାରେ ଥିବା କେତେକ ସାମରିକ ସ୍ଥଳ ଓ ଆବାସିକ ଅଞ୍ଚଳକୁ ଟାର୍ଗେଟ କରି ଏକାଧିକ ଆକ୍ରମଣ ଉଦ୍ୟମ କରିଥିଲା, ଯାହାର ଠିକଣା ଜବାବ ଭାରତୀୟ ସେନା ଦେଇଛି।

## ପାକିସ୍ତାନର ଶେଲ୍ ମାଡ଼ରେ କଶ୍ମୀର ଅଫିସରଙ୍କ ସମେତ ୬ ମୃତ

ଜମ୍ମୁ, ୧୦।୫

ପାକିସ୍ତାନୀ ସେନାର ମୋର୍ଟାର ଶେଲ୍ ଏବଂ ଡ୍ରୋନ୍ ଆକ୍ରମଣରେ ଶନିବାର ଜମ୍ମୁ-କଶ୍ମୀର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ, ସେନାର ଜୁନିୟର କମିଶନ୍ଡ ଅଫିସର (ଜେସିଓ)ଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଉକ୍ତ ଆକ୍ରମଣ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ୟୁଏଭିର ଭଗ୍ନାବଶେଷ ପଡ଼ିଥିବା ଅଞ୍ଚଳଠାରୁ ଲୋକଙ୍କୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।

ସୀମାରେ ଶୁକ୍ରବାର ରାତି ସାରା ଗୁଳିଗୋଳା ବର୍ଷଣ ଜାରି ରହିଥିବାରୁ ଲୋକେ ଉଜାଗର ରହିଥିଲେ। ଶନିବାର ଭୋର ୫ଟା ବେଳେ ଜମ୍ମୁ ଓ ଅନ୍ୟ ବୃହତ୍ ସହରରେ ଏୟାର ରେଡ୍ ସାଇରନ୍ ସହ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା। ଶତ୍ରୁପକ୍ଷର ସମସ୍ତ ଡ୍ରୋନ୍ ଓ କ୍ଷେପଣାସ୍ତ୍ରକୁ ଭାରତୀୟ ସେନା ପ୍ରତିହତ କରିଥିବା ପ୍ରତିରକ୍ଷା ଅଧିକାରୀ କହିଛନ୍ତି। ପାକିସ୍ତାନର ଶେଲ୍ ମାଡ଼ରେ ରାଜୌରୀର ଅତିରିକ୍ତ ଜିଲା ଉନ୍ନୟନ କମିଶନର ରାଜକୁମାର ଥାପା ଓ ତାଙ୍କ କାର୍ଯ୍ୟାଳୟର ୨ ଜଣ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସରକାରୀ ମେଡିକାଲ କଲେଜକୁ ନିଆଯାଇଥିବାବେଳେ ସେଠାରେ ଥାପାଙ୍କ ମୃତ୍ୟୁ ଘଟିଥିଲା। ସେହିପରି ପୁଞ୍ଛର କ୍ରିଷ୍ଣା ଘାଟି ସେକ୍ଟର ନିକଟରେ ପାକିସ୍ତାନୀ ସେନାର ଶେଲ୍ ମାଡ଼ରେ ସୁବେଦାର ମେଜର ପୱନ କୁମାରଙ୍କ ମୃତ୍ୟୁ ଘଟିଛି। ରାଜୌରୀ ସହର ଶିକ୍ସାଞ୍ଚଳରେ ଶେଲ୍ ମାଡ଼ ଯୋଗୁ ଐଶା ନୁର (୨) ଏବଂ ମହମ୍ମଦ ଶୋଏବ୍(୩୫)ଙ୍କ ମୃତ୍ୟୁ ଘଟିଥିବାବେଳେ ପୁଞ୍ଛର କଘ୍ରା-ଗଲହୁଟ୍ଟା ଗ୍ରାମରେ ମୋର୍ଟାର ଶେଲ୍ ଆକ୍ରମଣରେ ରଶିଦା ବି (୫୫) ପ୍ରାଣ ହରାଇଛନ୍ତି।



ପାକିସ୍ତାନର ଶେଲ୍ ମାଡ଼ରେ ପ୍ରାଣ ହରାଇଥିବା ରାଜୌରୀ ଅତିରିକ୍ତ ଜିଲା ଉନ୍ନୟନ କମିଶନର ରାଜକୁମାର ଥାପାଙ୍କ ବାସଭବନରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପହଞ୍ଚି ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଉଛନ୍ତି।

## ସର୍ବଦଳୀୟ ବୈଠକ ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ, ୧୦।୫

ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଡାକିବାକୁ ଶନିବାର କଂଗ୍ରେସ ପ୍ରସ୍ତାବ ଦେଇଛି। ସରକାର ସବୁ ଦଳଙ୍କୁ ବିଶ୍ୱାସକୁ ନିଅନ୍ତୁ। ଏଥିସହିତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଗତ ୧୮ ଦିନ ମଧ୍ୟରେ ଘଟିଥିବା ଘଟଣା ସମ୍ପର୍କରେ ଆଲୋଚନା କରାଯିବାକୁ ବିରୋଧୀ ଦଳ ଦାବି କରିଛି। ଭାରତ ଓ ପାକିସ୍ତାନ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଅପରାହ୍ନରେ କହିବାର କିଛି ସମୟ ପରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଏହା ଘୋଷଣା କରିଥିଲେ।

## ପାକିସ୍ତାନର ୮ ସାମରିକ ସ୍ଥଳରେ ଭାରତର ଆକ୍ରମଣ

ନୂଆଦିଲ୍ଲୀ, ୧୦।୫

ପାକିସ୍ତାନୀ ସେନା ଭାରତର ସାମରିକ ଭିତ୍ତିଭୂମି ସମେତ ଆବାସିକ ଅଞ୍ଚଳରେ ଆକ୍ରମଣ କରିବା ପରେ ଭାରତୀୟ ବାୟୁସେନା ଶନିବାର ଏହାର ଦୃଢ଼ ଜବାବ ଦେଇଛି। ପାକିସ୍ତାନର ରାଡାର ୟୁନିଟ୍, ଅସ୍ତ୍ର ଭଣ୍ଡାର ସମେତ ୮ଟି ସାମରିକ ସ୍ଥଳକୁ ଟାର୍ଗେଟ କରି ବାୟୁସେନା ଆକ୍ରମଣ କରିଛି। ରଫିକି, ମୁରିଦ୍ ଚକଲାଲା, ରହିମ ୟାର୍ ଖାନ୍, ସୁକ୍କୁର, ଚୁନିଆନ୍, ପସରୁର ଏବଂ ସିଆଲକୋଟ୍‌ରେ ଥିବା ମିଲିଟାରି ଟାର୍ଗେଟ୍‌କୁ ଆକ୍ରମଣ କରାଯାଇଥିଲା। ଶୁକ୍ରବାର ରାତିରେ ପଞ୍ଜାବରେ ଥିବା ଏୟାରବେସ୍‌କୁ ପାକିସ୍ତାନୀ ସେନା ମିଶାଇଲ୍ ଆକ୍ରମଣ କରିଥିଲା। ଜମ୍ମୁ-କଶ୍ମୀରର ୩ ଏୟାରବେସ୍‌ରେ ଥିବା ମେଡିକାଲ ସେଣ୍ଟର ଏବଂ ସ୍କୁଲ୍‌ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ପାକିସ୍ତାନର ସିଆଲକୋଟ ଜିଲାର ଲୁନିଠାରେ ଥିବା ଏକ ଆତଙ୍କବାଦୀ ଲଞ୍ଚପ୍ୟାଡ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯାଇଥିବା ବିଏସ୍ଏଫ୍ କହିଛି। ଶୁକ୍ରବାର ରାତିରେ ପାକିସ୍ତାନୀ ସେନା ଜମ୍ମୁ ସେକ୍ଟରର ବିଏସ୍ଏଫ୍ ପୋଷ୍ଟକୁ ଟାର୍ଗେଟକରି ଗୁଳିବର୍ଷା କରୁଥିବାବେଳେ ଲଞ୍ଚପ୍ୟାଡ୍‌କୁ ଧ୍ୱଂସ କରାଯାଇଛି।

## ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ପ୍ରତ୍ୟାହୃତ

ଚଣ୍ଡିଗଡ଼, ୧୦।୫

ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହେବା ପରେ ଶନିବାର ସନ୍ଧ୍ୟାରୁ ପଞ୍ଜାବ କର୍ତ୍ତୃପକ୍ଷ ରାଜ୍ୟରୁ ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଛନ୍ତି। ସଙ୍ଗରୁର, ରୁପନଗର ଏବଂ ଫଜିଲକା ଜିଲା ପ୍ରଶାସନ ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଥିବାବେଳେ ଜଲନ୍ଧର, କପୁରଥାଲା ଏବଂ ପଟିଆଲା ଜିଲା କର୍ତ୍ତୃପକ୍ଷ କଟକଣା ନିର୍ଦ୍ଦେଶନାମାଗୁଡ଼ିକୁ ବାତିଲ କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନାକୁ ନେଇ ଶନିବାର ସନ୍ଧ୍ୟାରୁ ବ୍ଲାକ୍‌ଆଉଟ୍ ପାଇଁ ବିଭିନ୍ନ ଜିଲା କର୍ତ୍ତୃପକ୍ଷ ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ଅସ୍ତ୍ରବିରତି ନିଷ୍ପତ୍ତି ପରେ ଏହି କଟକଣାକୁ ପ୍ରତ୍ୟାହାର କରାଗଲା ବୋଲି ପଟିଆଲ ଡେପୁଟି କମିଶନର କହିଛନ୍ତି।

## ନାଗରିକ ସୁରକ୍ଷା ସାଇରନ୍ ଶବ୍ଦ ବ୍ୟବହାର କରନାହିଁ

ନୂଆଦିଲ୍ଲୀ, ୧୦।୫

### ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ କେନ୍ଦ୍ରର ପରାମର୍ଶ

ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ନିଜର କାର୍ଯ୍ୟକ୍ରମ ପ୍ରସାରଣ ବେଳେ ନାଗରିକ ସୁରକ୍ଷା ଏୟାରରେଡ୍ ସାଇରନ୍ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାର ଏକ ଆଡଭାଇଜରି ଜାରି କରିଛନ୍ତି। କେବଳ ସମୂହ ସଚେତନତା ଅଭିଯାନ ପାଇଁ ଏହି ଶବ୍ଦ ବ୍ୟବହାର ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଶନିବାର କହିଛନ୍ତି। ନାଗରିକ ପ୍ରତିରକ୍ଷା ଆଇନ, ୧୯୬୮ର ଧାରା ୩(୧) (ଡବ୍ଲ୍ୟୁ)(୦)ରେ ପ୍ରଦତ୍ତ କ୍ଷମତା ଅନୁଯାୟୀ, ସମସ୍ତ ମିଡିଆ ଚ୍ୟାନେଲକୁ ସେମାନଙ୍କ କାର୍ଯ୍ୟକ୍ରମରେ ସିଭିଲ୍ ଡିଫେନ୍ସ ଏୟାରରେଡ୍ ସାଇରନ୍ ଶବ୍ଦ ବ୍ୟବହାର ନ କରିବା ପାଇଁ ଅନୁରୋଧ କରାଯାଉଛି ବୋଲି ଲିଖିତ ଆଡଭାଇଜରିରେ କୁହାଯାଇଛି। ଏଭଳି ସାଇରନ୍ ସବୁବେଳେ ବ୍ୟବହାର କରାଗଲେ ଆକାଶମାର୍ଗରୁ ଆକ୍ରମଣ ବେଳର ସାଇରନ୍ ପ୍ରତି ନାଗରିକଙ୍କ ସମ୍ବେଦନଶୀଳତା ହ୍ରାସ ପାଇବ ଏବଂ ପ୍ରକୃତ ଏୟାରରେଡ୍ ବେଳେ ସେମାନେ ଏହି ସାଇରନ୍‌କୁ ଏକ ନିୟମିତ ଘଟଣା ଭାବି ଭୁଲ୍ ବୁଝିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି।

## ନବଜାତକଙ୍କ ନାମ 'ସିନ୍ଦୂର' ରଖୁଛନ୍ତି ରାଜସ୍ଥାନୀ ମା'

ଜୟପୁର, ୧୦।୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଲୋକମାନେ ନିଜ ନିଜ ଦେଶପ୍ରେମକୁ ବିଭିନ୍ନ ଉପାୟରେ ପ୍ରକାଶ କରିଛନ୍ତି। ଆତଙ୍କବାଦ ବିରୋଧରେ ଭାରତ ସରକାରଙ୍କ 'ଅପରେଶନ ସିନ୍ଦୂର'ରେ ଅନୁପ୍ରାଣିତ ହୋଇ ରାଜସ୍ଥାନର ଅନେକ ମା' ସେମାନଙ୍କ ନବଜାତକଙ୍କ ନାମକୁ ସିନ୍ଦୂର ରଖୁଛନ୍ତି। ଝୁନ୍‌ଝୁନ୍ ଜିଲା ନୱଲଗଡ଼ ହସ୍ପିଟାଲରେ ବର୍ତ୍ତମାନ ସୁଦ୍ଧା ୩ ଜଣ ନବଜାତକଙ୍କ ନାମ ସିନ୍ଦୂର ରଖାଯାଇଛି। ସ୍ଥାନୀୟ ଝାଝର ଗ୍ରାମର ଜଣେ ମହିଳା ସୀମା କହିଛନ୍ତି, ଅପରେଶନ ସିନ୍ଦୂର ମାଧ୍ୟମରେ ପହଲଗାମ୍ ଆକ୍ରମଣରେ ମୃତ ପର୍ଯ୍ୟଟକଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ମିଳିଥିଲା। ତେଣୁ ସେ ତାଙ୍କ ନବଜାତ ଶିଶୁପୁତ୍ରର ନାମ ସିନ୍ଦୂର ରଖିଛନ୍ତି। ଏହି ନାମ ସର୍ବଦା ତାଙ୍କ ପୁଅକୁ ଦେଶକୁ



ଭଲ ପାଇବା ପାଇଁ ପ୍ରେରଣା ଯୋଗାଇବ। ଉକ୍ତ ଶିଶୁର ଜେଜେମା' କହିଛନ୍ତି, ସେ ତାଙ୍କ ନାତିକୁ ସେନାକୁ ପଠାଇବେ, ଯାହାଫଳରେ ସେ ଦେଶର ସେବା କରିପାରିବ। ସେହିପରି ଗ୍ରାମର ଅନ୍ୟଜଣେ ମହିଳା ସଞ୍ଜୁ କହିଛନ୍ତି, ୪ ଦିନ ତଳେ ଜନ୍ମ ହୋଇଥିବା ତାଙ୍କ ପୁଅର ନାମ ସେ ସିନ୍ଦୂର ରଖିଛନ୍ତି। ପହଲଗାମ୍ ଆକ୍ରମଣରେ ଅନେକ ମା' ଏବଂ ଭଉଣୀ ସେମାନଙ୍କ ସିନ୍ଦୂର ହରାଇଥିଲେ। ଏହି ନାମରେ ଅପରେଶନ କରି ଭାରତୀୟ ସେନା ଆତଙ୍କବାଦକୁ ଦୃଢ଼ ଜବାବ ଦେଇଥିବା ସେ କହିଛନ୍ତି। ସେହିପରି କାସୈରୁ ଗ୍ରାମର କାଞ୍ଚନ କହିଛନ୍ତି, ସେ ତାଙ୍କ ନବଜାତ ଶିଶୁକନ୍ୟାର ନାମ ସିନ୍ଦୂର ରଖିଛନ୍ତି। ଏପରି କରି ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ସେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ନୱଲଗଡ଼ ହସ୍ପିଟାଲର ଡାକ୍ତର ଜିତେନ୍ଦ୍ର ଚୌଧୁରୀ କହିଛନ୍ତି, ଆତଙ୍କବାଦ ବିରୋଧରେ 'ଅପରେଶନ ସିନ୍ଦୂର'କୁ ନେଇ ଘୋଷଣା କରାଯିବା ପରେ ବର୍ତ୍ତମାନ ସୁଦ୍ଧା ହସ୍ପିଟାଲରେ ଜନ୍ମ ହୋଇଥିବା ୩ ନବଜାତକଙ୍କ ନାମକୁ ସେମାନଙ୍କ ଅଭିଭାବକ ସିନ୍ଦୂର ରଖିଛନ୍ତି। ସମ୍ପ୍ରତି ଲୋକଙ୍କ ମଧ୍ୟରେ ଥିବା ଗଭୀର ଦେଶପ୍ରେମ ଭାବନାକୁ ଏହା ଦର୍ଶାଉଛି ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କଠାରୁ ଯାହା ଆସେ -ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ- ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ- ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। -ଶ୍ରୀମା

ନୃସିଂହ ଜନ୍ମ,
ଚତୁର୍ଦ୍ଦଶୀ
ଉପବାସ



# ଡୋଭାଲଙ୍କ ସିଦ୍ଧାନ୍ତ



ଆକାର ପଟେଲ

ଭାରତର ଡିଫେନ୍ସ ପ୍ଲାନିଂ କମିଟି (ପ୍ରତିରକ୍ଷା ଯୋଜନା କମିଟି) ୧୯ ଏପ୍ରିଲ ୨୦୧୮ରେ ଗଠନ ହୋଇଥିଲା। ଏହାର ଅଧ୍ୟକ୍ଷ ଥିଲେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ। ଏଥିରେ ବୈଦେଶିକ ସଚିବ, ପ୍ରତିରକ୍ଷା ସଚିବ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍, ତିନି ବାହିନୀର ମୁଖ୍ୟ ତଥା ଅର୍ଥ ବିଭାଗର ସଚିବମାନେ ସଦସ୍ୟ ଥିଲେ। ପ୍ରାଥମିକତା ଭିତ୍ତିରେ ଜାତୀୟ ପ୍ରତିରକ୍ଷା ଓ ସୁରକ୍ଷା ଦିଗକୁ ଦେଖିବା, ଅତ୍ୟାବଶ୍ୟକ ବୈଦେଶିକ ନୀତି, ପରିଚାଳନାଗତ ନିର୍ଦ୍ଦେଶ ଓ ତତ୍‌ସହ ଜଡ଼ିତ ଆବଶ୍ୟକତା, ଉପଯୋଗୀ ରଣନୀତି ଏବଂ ସୁରକ୍ଷା ସମ୍ପର୍କିତ ସିଦ୍ଧାନ୍ତ, ପ୍ରତିରକ୍ଷା ସ୍ଥିତି ତଥା ଭିତ୍ତିଭୂମିର ବିକାଶ, ଜାତୀୟ ସୁରକ୍ଷା ରଣନୀତି, ରଣନୈତିକ ପ୍ରତିରକ୍ଷା ଦୃଷ୍ଟିକୋଣ ଓ ନୀତି, ଅନ୍ତର୍ଜାତୀୟ ପ୍ରତିରକ୍ଷା କାର୍ଯ୍ୟକଳାପ ରଣନୀତି ଭଳି ଅନେକ ଦାୟିତ୍ୱ ଏହା ଉପରେ ନ୍ୟସ୍ତ କରାଯାଇଥିଲା। ଏହାର ପ୍ରଥମ ବୈଠକ ୩ ମେ ୨୦୧୮ରେ ହୋଇଥିଲା ଏବଂ ତା'ପରେ ଆଉ କୌଣସି ବୈଠକ ହୋଇଥିବା ଜଣାଯାଏ ନାହିଁ। ଜାତୀୟ ସୁରକ୍ଷା ନୀତି ଅଭାବରୁ ଭାରତ ସମ୍ଭବତଃ ତଥାକଥିତ ଡୋଭାଲ ସିଦ୍ଧାନ୍ତ ଉପରେ ନିର୍ଭରଶୀଳ। ଭିଡିଓରେ ଉପଲବ୍ଧ ଏହି ନୀତି ଲିଖିତ ଭାବେ ସାମ୍ନାକୁ ଆସିନ ପାରେ। ଫେବୃଆରୀ ୨୦୧୪ରେ, ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତି ପାଇବା ପୂର୍ବରୁ, ଡୋଭାଲ ଥାଞ୍ଜାଭୁରସ୍ଥିତ ଶସ୍ତ୍ର ବିଶ୍ୱବିଦ୍ୟାଳୟରେ କହିଥିଲେ, "ଆତଙ୍କବାଦ ଏକ ଅନ୍ତର୍ଜାତୀୟ ବିଷୟ ହୋଇଥିବାରୁ ଏବଂ ପାକିସ୍ତାନ ଏହାକୁ ପ୍ରୋତ୍ସାହିତ କରିବା ଯୋଗୁ ଭାରତ ପ୍ରତି ଏହା ଏକ ରଣନୀତିକ ବିପଦ। ଆତଙ୍କବାଦକୁ କେବଳ ଏକ ବିଚାର ଓ ଶବ୍ଦ ଭାବେ ଦେଖାଯିବାରୁ ଏହା ବିରୋଧରେ ଲଢ଼େଇ ହୋଇପାରିଲା ନାହିଁ। ପ୍ରକୃତ ଶତ୍ରୁକୁ ପରାସ୍ତ କରାଯାଇପାରିଥିଲେ ଆତଙ୍କବାଦ ସହ ଲଢ଼େଇ ହୋଇପାରିଥାନ୍ତା କିମ୍ବା ସେମାନଙ୍କ ଶକ୍ତି ହ୍ରାସ ହୋଇଥାନ୍ତା। ଏଣୁ ଏହି କ୍ଷେତ୍ରରେ ଭାରତକୁ ଶତ୍ରୁ ଭାବେ ପାକିସ୍ତାନର ନାମ ନେବାକୁ ପଡ଼ିଥିଲା।" ଡୋଭାଲ ପ୍ରଶ୍ନ କରିଥିଲେ, ତୁମେ ପାକିସ୍ତାନକୁ ଶତ୍ରୁ ଭାବେ ଚିହ୍ନଟ କରି କିଭଳି ନିୟନ୍ତ୍ରଣ କରିବ। ଏବଂ ସେ ସମ୍ପର୍କରେ ବୁଝାଇଦେଇଥିଲେ।

ସାମାପାର ଆତଙ୍କବାଦ ବା ଉଗ୍ରବାଦରେ ପାକିସ୍ତାନର କ୍ଷମତା ଏବଂ ଆଣବିକ ଯୁଦ୍ଧର ଧମକ ଯୋଗୁ ଭାରତର ସେନା ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ଅକ୍ଷମତା ପ୍ରକାଶ କରିବା ହିଁ ଜାତୀୟ ସୁରକ୍ଷା ରଣନୀତି ପ୍ରତି ସମସ୍ୟା ଥିଲା। ତେବେ ଆମେ ଏହାକୁ କିଭଳି ନିୟନ୍ତ୍ରଣ କରିବା? ସେ କହିଥିଲେ, "ଏହା ସହଜ। ତୁମେ ଜାଣ, ଆମେ ତିନୋଟି ଉପାୟରେ ଶତ୍ରୁର ମୁକାବିଲା କରୁ। ଗୋଟିଏ ହେଉଛି ରକ୍ଷାତ୍ମକ ପଦ୍ଧତି। ଯଦି କେହି ଭାରତକୁ ପ୍ରବେଶ କରିବାକୁ ଆସେ ଆମେ ତାକୁ ଉଚ୍ଚୁଆଳି ଦ୍ୱାରା ରୋକିବୁ। ଅନ୍ୟଟି ହେଉଛି ରକ୍ଷାତ୍ମକ-ଆକ୍ରମଣ, ଅର୍ଥାତ୍ ନିଜକୁ ରକ୍ଷା କରିବା ଲାଗି ଆକ୍ରମଣ କରିବା ଏବଂ ଯେଉଁଠୁ ଆକ୍ରମଣ ହେଉଛି ଆମେ ସେଠାରେ ପହଞ୍ଚିବା। ତୃତୀୟଟି ହେଉଛି, ବିଧ୍ୱଂସକ ଆକ୍ରମଣ।" ସେ କହିଥିଲେ, ମନମୋହନ ସିଂଙ୍କ ସରକାରରେ ଆମେ କେବଳ ରକ୍ଷାତ୍ମକ ଉପାୟରେ କାମ କରିଥିଲୁ। ସେ ମଧ୍ୟ ସୂଚାଇଥିଲେ ଯେ, ପାରମ୍ପରିକ ଯୁଦ୍ଧ ବଦଳରେ ଭାରତ ପାକିସ୍ତାନ ଉପରେ ବିଭିନ୍ନ ବାଟରେ ଆକ୍ରମଣ କରୁ। ତାଙ୍କ ମତରେ, "ପାକିସ୍ତାନକୁ ଅନେକ ଉପାୟରେ ବିପଦରେ ପକାଇବା ଲାଗି କାମ କରିପାରିବା, ଯାହା ଅର୍ଥ ବ୍ୟବସ୍ଥା, ଆଭ୍ୟନ୍ତରୀଣ ସୁରକ୍ଷା, ରାଜନୈତିକ ହୋଇପାରେ। ଅନ୍ତର୍ଜାତୀୟ ସ୍ତରରେ ଅଲଗା କରି ମଧ୍ୟ ଏହା କରାଯାଇପାରିବ। ମୁଁ ସବିଶେଷ ବର୍ଣ୍ଣନା କରୁନାହିଁ କିନ୍ତୁ ରକ୍ଷାତ୍ମକ ପଦ୍ଧତିକୁ ତୁମେ ପରିବର୍ତ୍ତନ କର।" ଏହା ସହ ସେ ସୂଚାଇ ଦେଇଥିଲେ, "ଆଣବିକ ସ୍ତରରେ ଯୁଦ୍ଧ ପହଞ୍ଚିବା ଉପରେ କୌଣସି ନିୟନ୍ତ୍ରଣ ନ ଥିବାରୁ ଆକ୍ରମଣ ପଦ୍ଧତିର ବାଟ ବନ୍ଦ ହୋଇଯାଇଥିଲା। ତାଙ୍କ ମତରେ ରକ୍ଷାତ୍ମକ ପଦ୍ଧତି ଅର୍ଥହୀନ। ପାକିସ୍ତାନ ପ୍ରତି ଥିବା ବିପଦ ଭାରତ ତୁଳନାରେ ଅନେକ ଗୁଣ ଅଧିକ। ଭାରତ ରକ୍ଷାତ୍ମକ ପଦ୍ଧତିରୁ ତାହାର ଗତି ରକ୍ଷାତ୍ମକ-ଆକ୍ରମଣକୁ ବଦଳାଇବ ବୋଲି ଯେତେବେଳେ ପାକିସ୍ତାନ ଜାଣିବ, ସେତେବେଳେ ଏହାର କ୍ଷତି ସହିବାକୁ ସେମାନେ ଅସମର୍ଥ ବୋଲି ଅନୁଭବ କରିପାରିବେ। ବେଲୁଚିସ୍ତାନ ହରାଇପାରନ୍ତି। ଏଠି ଆଣବିକ ଯୁଦ୍ଧ ହେବ ନାହିଁ କି ସୈନ୍ୟ ଲଢ଼ିବେ ନାହିଁ। କ୍ଷତି କରିବାର ଉପାୟ ତୁମେ ଯଦି ଜାଣିଛ, ତେବେ ଆମେ ତା'ଠାରୁ ଅଧିକ ଜାଣିଛୁ।"

ଡୋଭାଲ ଆହୁରି ମଧ୍ୟ କହିଥିଲେ, "ଆମର ସମସ୍ୟା ହେଉଛି ଆମେ ସବୁବେଳେ ରକ୍ଷାତ୍ମକ ପଦ୍ଧତି ଅବଲମ୍ବନ କରିଆସୁଛୁ। ଯଦି ଆମେ ସ୍ୱ ରକ୍ଷା ପାଇଁ ଆକ୍ରମଣ ବାଟ ଧରିଥାଆନ୍ତୁ, ତେବେ ମୃତାହତଙ୍କ ସଂଖ୍ୟା ହ୍ରାସ କରିପାରିଥାନ୍ତୁ।" ଏହା ଥିଲା ଡୋଭାଲଙ୍କ ସିଦ୍ଧାନ୍ତ, ଯାହା ଆତଙ୍କବାଦ ପ୍ରତି ଭାରତ ପ୍ରତି ସୃଷ୍ଟି ହୋଇଥିବା ରଣନୀତିକ ବିପଦକୁ ସାମ୍ନା କରୁ ଆଣିଥିଲା। ଏହି ଅଲିଖିତ ସିଦ୍ଧାନ୍ତ ସରକାରଙ୍କ ଦ୍ୱାରା ଗ୍ରହଣୀୟ ହେଲା କି ନାହିଁ ତାହା ଅସ୍ପଷ୍ଟ ରହିଛି। କିନ୍ତୁ ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ଡୋଭାଲଙ୍କ ଦକ୍ଷିଣ ପ୍ରଭାବ ପଡ଼ିଛି। ଭାରତ ୨୦୨୦ରେ ଅପରାପରର ଆହ୍ୱାନର ସମ୍ମୁଖୀନ ହୋଇଥିଲା। ଏହି ସ୍ଥିତିରେ ପୂର୍ବତନ ସେନାଧ୍ୟକ୍ଷ ପ୍ରକାଶ ମେନନ୍ ଦର୍ଶାଇଥିଲେ ଯେ, ଅନେକ ଦଶନ୍ଧି ଧରି ସେନା ପ୍ରତି ଭାରତର ରାଜନୈତିକ ମାର୍ଗଦର୍ଶନ ପାକିସ୍ତାନ କେନ୍ଦ୍ରିକ (ବିପଦ ଭାବେ) ଥିଲା। କିନ୍ତୁ ଏବେ ଚାଇନାର ବିପଦ ଆମ ଦ୍ୱାରଦେଶରେ ପହଞ୍ଚିଛି। ତେବେ ଉପା ଅମଳରେ 'ରକ୍ଷା ମନ୍ତ୍ରୀସ ଡାଇରେକ୍ଟିଭ୍' ବା ରକ୍ଷାମନ୍ତ୍ରୀଙ୍କ ଔପଚାରିକ ନିର୍ଦ୍ଦେଶ (ଯାହା ଯୁଦ୍ଧ ଆଶଙ୍କାରେ ସୈନ୍ୟବାହିନୀଗୁଡ଼ିକୁ କେତେ ପରିମାଣର ଅସ୍ତ୍ରଶସ୍ତ୍ର ରଖିବା ଉଚିତ) ଡକ୍ୟୁମେଣ୍ଟରେ ପୂର୍ବତନ ଜେନେରାଲ ମେନନ୍ କହିଥିଲେ, "ଲଗାତର ଏକ ସୁସଙ୍ଗତ ବା ସ୍ୱଚ୍ଛ ଜାତୀୟ ସୁରକ୍ଷା ରଣନୀତି ସହ ନେତୃତ୍ୱ ଅଭାବ ଲାଗି ରହିଛି-ଏନ୍‌ଏସ୍‌ଏ ନେତୃତ୍ୱରେ ଗଠିତ ପ୍ରତିରକ୍ଷା ଯୋଜନା କମିଟିକୁ ଏହି ଦାୟିତ୍ୱ ଦୁଇ ବର୍ଷ ପୂର୍ବେ ଦିଆଯାଇଥିଲା। ଅଦ୍ୟାବଧି କିଛି ବି ପଦକ୍ଷେପ ନିଆଯାଇନାହିଁ।"

ପହଲଗାମ୍ ଆକ୍ରମଣ ପରେ ଏବେ ପୁନର୍ବାର ପାଶ୍ଚାତ୍ୟ ଯୁଦ୍ଧ ଭଳି ସ୍ଥିତି ଉପୁଜିଛି। ଚାଇନା ସହ ସଂଘର୍ଷ ପରିବାର ପାଞ୍ଚବର୍ଷ ଏବଂ ପ୍ରତିରକ୍ଷା ଯୋଜନା କମିଟି ଗଠନ ହେବାର ସାତବର୍ଷ ବିତିଗଲାଣି। ସମ୍ଭବତଃ ଏବକାର ଘଟଣାଗୁଡ଼ିକ ସରକାରଙ୍କୁ ଜାତୀୟ ସୁରକ୍ଷା ନୀତି ଲାଗୁ କରିବାକୁ ଉତ୍ସାହିତ କରିବ ଏବଂ ଏହି ଆଧାରରେ ଆମ ଉପରେ ପାରମ୍ପରିକ କିମ୍ବା ଆତଙ୍କବାଦ ଆକ୍ରମଣ ହେଲେ ଆମେ ପଦକ୍ଷେପ ନେବାକୁ ଅଗ୍ରସର ହୋଇପାରିବା।

Email:aakar.patel@gmail.com

# ମହାକାଶ ଯାତ୍ରା ଓ ପ୍ରଳୟର ଧାରା



ଡ. ନିଖିଳାନନ୍ଦ ପାଣିଗ୍ରାହୀ

"ଯେତେ ଯାହା ଅସୁବିଧା ସତ୍ତ୍ୱେ ମନୁଷ୍ୟ ପୃଥିବୀର ମାଧ୍ୟାକର୍ଷଣକୁ ଅତିକ୍ରମ କରୁ ଏବଂ ଅନ୍ତତଃ ସୌରମଣ୍ଡଳୀୟ ମହାକାଶରେ ନିଜ ପାଇଁ ସ୍ଥାନ ସଂରକ୍ଷଣ କରୁ। ପୃଥିବୀର ସବୁ ପ୍ରକାର ବିପଦ ତା' ପ୍ରତି ରହିଛି... ଆମେ ମହାକାଶକୁ ସ୍ଥାନାନ୍ତରିତ ହେବାରେ ସୁଫଳ ସମ୍ପର୍କରେ ଅନେକ କିଛି କହିସାରିଛୁ। ତେବେ ସବୁ ବିଷୟ କହି ହେବ ନାହିଁ, ଏପରି କି କଳ୍ପନା କରିହେବ ନାହିଁ।"-( କନ୍‌ଷ୍ଟାଣ୍ଟିନ ସିଓଲଭିସ୍କି, 'ଦା ଏମ୍ସ ଅଫ୍ ଆଷ୍ଟ୍ରୋନଟିକ୍ସ, ୧୯୨୯)। ଏହି ଉଦ୍ଧୃତିରେ ସେ ତାଙ୍କ ପୂର୍ବ ପ୍ରଦତ୍ତ ମହାକାଶ ଯାତ୍ରା କଥନକୁ ଦୃଢ଼ କରିଛନ୍ତି। କନ୍‌ଷ୍ଟାଣ୍ଟିନ(୧୮୫୭-୧୯୩୫) ଜଣେ ରୁଷୀୟ ରକେଟ-ବିଜ୍ଞାନୀ। ମହାକାଶ ଯାତ୍ରା ସମ୍ବନ୍ଧରେ ସେ ଜଣେ ଅଗ୍ରଣୀ ଗବେଷକ । ତାଙ୍କ ପ୍ରଣୀତ ରକେଟ ସମୀକରଣ ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ। କୋରୋଲେଭ ଓ ଗ୍ଲୁସ୍କୋ ପରି ସୋଭିଏଟ ରକେଟ ଯନ୍ତ୍ରୀ ତାଙ୍କୁ ଅନୁସରଣ କରି ପରବର୍ତ୍ତୀ କାଳରେ ସୋଭିଏଟ ମହାକାଶ କାର୍ଯ୍ୟସୂଚୀକୁ ଆଗେଇ ନେଇଥିଲେ।

ତେବେ ଗତ ଶତାବ୍ଦୀର ପ୍ରଥମାର୍ଦ୍ଧରେ କନ୍‌ଷ୍ଟାଣ୍ଟିନ ପୃଥିବୀର ମାନବ ସମାଜର ଅସ୍ତିତ୍ୱ ନେଇ ଯେଉଁ ଆଶଙ୍କା ପ୍ରକଟ କରିଥିଲେ, ତାହା ତାଙ୍କ ଦୂରଦୃଷ୍ଟିର ପରିଚାୟକ। ପ୍ରଶ୍ନ ଉଠୁଛି, ବାସ୍ତବରେ ମାନବ ସମାଜ ଧରାପୃଷ୍ଠରୁ ନିଶ୍ଚିହ୍ନ ହେବ କି? କେତୋଟି ସମ୍ଭାବ୍ୟ କାରଣ ହେଉଛି- ଜଳବାୟୁ ପରିବର୍ତ୍ତନ, ପ୍ରଚଣ୍ଡ ଆଣବିକ ବିସ୍ଫୋରଣ, ଜୀବାଣୁ ବୋମାର ପ୍ରୟୋଗ, ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ଓ ଜୈବିକ ଯୁଦ୍ଧର ଅପରିଣାମଦର୍ଶୀ, ପାରସ୍ପରିକ ଆକ୍ରମଣ, ସନ୍ତାନ ପ୍ରସବ ପାଇଁ ଅନିଚ୍ଛା, ନାରୀର ଉତ୍ପାଦିକତାରେ ହ୍ରାସ, ଅନ୍ତରୀକ୍ଷରୁ ଗ୍ରହାଣୁର ପୃଥିବୀ ଉପରେ ପ୍ରଚଣ୍ଡ ଆଘାତ, ଭୟଙ୍କର ଅଗ୍ନ୍ୟୁତ୍ପାତ, ଜୈବଜଗତର ବିପର୍ଯ୍ୟସ୍ତ ଭାରସାମ୍ୟ ଇତ୍ୟାଦି। ଉକ୍ତ କାରଣଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ କାରକର ପ୍ରାଦୁର୍ଭାବ ଆମ ପ୍ରତି ମହା ବିପତ୍ତି। ଏହା ଇଂରାଜୀରେ ଓମ୍ନିସାଇଡ ଭାବେ ପରିଚିତ।

ଏମିତି ବିପର୍ଯ୍ୟୟର ଆମେ ସମ୍ମୁଖୀନ ହେଲେ, ହୁଏତ ସମ୍ପୂର୍ଣ୍ଣ ପ୍ରଳୟ ନ ଘଟି ଖଣ୍ଡପ୍ରଳୟ ପୃଥିବୀରେ ଦେଖାଦେଇପାରେ। ତେବେ ଖଣ୍ଡପ୍ରଳୟ ହେବା ସ୍ଥିତିରେ ପୁଣି ସ୍ୱାଭାବିକ ପରିସ୍ଥିତି ଫେରିବା ପାଇଁ ଯେଉଁ ସମ୍ଭାବନା ଅଛି, ଏହି ସମ୍ବନ୍ଧରେ ଗବେଷକମାନେ କମ୍ପ୍ୟୁଟର ମଡେଲିଂ ସାହାଯ୍ୟରେ ଅନୁସନ୍ଧାନ କରିଛନ୍ତି। ସେମାନେ ନିମ୍ନତମ ଜୀବନକ୍ଷମ ଜନସଂଖ୍ୟା (ମିନିମମ୍ ଭାଇଏବଲ ପପୁଲେଶନ ବା ଏମ୍‌ଭିପି) ଦ୍ୱାରା ଏହା ପ୍ରକାଶ କରିଛନ୍ତି। ସଂକ୍ଷେପରେ ଏହା ହେଉଛି ୫୦/୫୦୦ ନିୟମ। ଅର୍ଥାତ୍ ନିଜ ଘନିଷ୍ଠ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରଜନନ ନ ଘଟିବାକୁ ଜନସଂଖ୍ୟା ସର୍ବନିମ୍ନ ପଚାଶ ହେବା ଆବଶ୍ୟକ ଏବଂ ଜିନୀୟ ମନ୍ଥର ପରିବର୍ତ୍ତନ (ଜେନେଟିକ ଡ୍ରିଫ୍ଟ)କୁ ହ୍ରାସ କରିବାକୁ ଏହି ସଂଖ୍ୟା ୫୦୦ ହେବାକୁ ପଡ଼ିବ। ତେବେ ଧରାଯାଉ ଉପରୋକ୍ତ ଉଭୟଙ୍କର ବିଲୋପକ ଯୋଗୁ କମ୍ପ୍ୟୁଟର ମଡେଲ ଦ୍ୱାରା ପ୍ରସ୍ତୁତ ୫୦/୫୦୦ ସର୍ତ୍ତଟି ଉଲ୍ଲଂଘନ ହୁଏ, ତେବେ ମାନବ ଜାତିର ଚିହ୍ନବର୍ତ୍ତ ଲୋପ ପାଇଯିବ। ଏଥିରୁ ବର୍ତ୍ତିବା ପାଇଁ ଅନ୍ୟ ଗ୍ରହରେ ବସତି ସ୍ଥାପନର ଆବଶ୍ୟକତା ରହିଛି ବୋଲି ବହୁ ଦୂରଦ୍ରଷ୍ଟା ବୈଜ୍ଞାନିକ ସତର୍କବାଣୀ ଶୁଣାଇଛନ୍ତି। ପ୍ରକାଶଥାଉ କି ଉପର ବର୍ଣ୍ଣିତ ସମସ୍ତ କାରଣ ମାନବକୃତ ନୁହେଁ। ଏଥିରୁ କେତେକ ପ୍ରାକୃତିକ କାରକ ରହିଛି, ଯାହା ମଣିଷର ନିୟନ୍ତ୍ରଣ ବାହାରେ; ଯାହାକି ପୃଥିବୀକୁ ବାସ ଅନୁପଯୋଗୀ କରିଦେବ।

ତେଣୁ ୱାରେନ ଏଲିସ କହିଛନ୍ତି, "ମଣିଷ ମହାକାଶ ଯାତ୍ରା କରିବା ପଛରେ ଏକମାତ୍ର ଓ ସବୁଠାରୁ ସରଳ କାରଣ ହେଉଛି, ଯଦି ତୁମ ଜାତି (ସ୍ପେସିସ୍)କୁ ବଞ୍ଚାଇବାକୁ ଚାହୁଁଛ, ତେବେ ଗୋଟିଏ ସ୍ଥାନରେ(ପୃଥିବୀରେ) ବାନ୍ଧି ହୋଇ ନ ରହି ଏକାଧିକ ସ୍ଥାନ(ଗ୍ରହ)ରେ ସ୍ୱାମୀ-ସ୍ତ୍ରୀ ଯାଇ ରହ। ଏହା ହେଉଛି ସିଧାସିଧା କଥା।" - ୱାରେନ ଏଲିସ, 'ଅନ୍ ସ୍ପେସ୍ ଟ୍ରାଭେଲ ୱାଇର୍‌ଡ'। ତେବେ ମହାକାଶ ଯାତ୍ରା ପାଇଁ ଅନେକ ପ୍ରତିବନ୍ଧକ ରହିଛି। ପୃଥିବୀର ମାଧ୍ୟାକର୍ଷଣ ସମେତ ବାୟୁଶୂନ୍ୟତା, ବିକିରଣ, ମାଇକ୍ରୋଗ୍ରାଭିଟି, ଓଜନହୀନତା, ପ୍ରତିକୂଳ ପରିବେଶ ଇତ୍ୟାଦି ଯାତ୍ରୀମାନଙ୍କ ଉପରେ କୁପ୍ରଭାବ ବିତାର୍ଯ୍ୟ। ତତ୍ ସହ ମହାକାଶ ଯାନ ଉତ୍‌କ୍ଷେପଣ କରିବା ଅପେକ୍ଷା ମାନବବାହୀ ମହାକାଶଯାନ ଅତ୍ୟଧିକ ବ୍ୟୟସାପେକ୍ଷ।

ଏ ବାବଦରେ ଅତ୍ୟଧିକ ବ୍ୟୟଭାର ବହନ କରିବାକୁ ଅଳ୍ପ କେତୋଟି ରାଷ୍ଟ୍ର ଆର୍ଥିକ ପୃଷ୍ଠପୋଷକତା କରିଛନ୍ତି। ଆମେରିକା, ରୁଷିଆ ଅଗ୍ରଗଣ୍ୟ। ତେବେ ସମ୍ପ୍ରତି ୟୁନାଇଟେଡ ଷ୍ଟେଟସ୍ କଂଗ୍ରେସ ଦ୍ୱାରା ପ୍ରଣୀତ ଫେଡେରାଲ ବଜେଟ ମାଧ୍ୟମରେ ନାସା ଦୁର୍ମୂଲ୍ୟ



ମହାକାଶୀୟ ଗବେଷଣା ଜାରି ରଖିଛି। ପନ୍ଦରଟି ଦେଶକୁ ନେଇ ଗଠିତ ୟୁରୋପିଆନ ସ୍ପେସ୍ ଏଜେନ୍ସି (ଇଏସ୍‌ଏ) ୧୯୭୫ରେ ମହାକାଶ ଅଭିଯାନରେ ହାତ ଦେଇଛି। ଭାରତ, ଜାପାନ, ଚାଇନା ଏବଂ ଅନ୍ୟ କେତେକ ଦେଶ ଏହାର ଉପାଦେୟତାକୁ ହୃଦୟଙ୍ଗମ କରି ପଦକ୍ଷେପମାନ ଇତ୍ୟବସରରେ ଗ୍ରହଣ କରିଛନ୍ତି।

କିନ୍ତୁ ଆମକୁ ଚକିତ କରେ ଯେ ବ୍ୟକ୍ତିଗତ ସ୍ତରରେ ମଧ୍ୟ କିଛି ଉଦ୍‌ଯୋଗୀଙ୍କ ଏହା ଦୃଷ୍ଟିଆକର୍ଷଣ କରିଛି। ୨୦୨୧ ପାଇଁ ଟାଇମ୍ ମାଗାଜିନ ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ୧୯୭୧ରେ ଜନ୍ମିତ ଏବଂ ଦକ୍ଷିଣ ଆଫ୍ରିକା, କାନାଡା, ୟୁଏସ୍‌ଏର ସମ୍ପ୍ରତି ନାଗରିକତ୍ୱ ଗ୍ରହଣ କରିଥିବା ଏଲନ ମସ୍କଙ୍କୁ ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ମନୋନୀତ କରିଛି। ବିଶ୍ୱର ଏହି ସର୍ବଶ୍ରେଷ୍ଠ ଧନୀ ଜଣକ ନିଜର ଘରଟି ମଧ୍ୟ ବିକ୍ରି କରିଥିବାରୁ ସମ୍ପ୍ରତି ଏକପ୍ରକାର ବାସହୀନ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ସେ ନିଜ ବିପୁଳ ଧନରାଶି ମହାକାଶ କ୍ଷେତ୍ରରେ ଉପଯୋଗ କରିଛନ୍ତି। ତାଙ୍କ ପ୍ରତିଷ୍ଠିତ ସ୍ପେସ୍-ଏକ୍ସ ଇନ୍‌ସ୍ପିରେଶନ-୪ ନାମକ ଅଭିଯାନରେ ପ୍ରଥମ ଥର ପାଇଁ ସାଧାରଣ ବ୍ୟକ୍ତିଙ୍କୁ ମହାକାଶ ଭ୍ରମଣର ଅଭିଜ୍ଞତା ଦେଇଥିଲା। ଏହି ପରିପ୍ରେକ୍ଷୀରେ ବ୍ରିଟେନ୍‌ର ରିଚାର୍ଡ ବ୍ରାନସନଙ୍କ ଭର୍ଜିନ ଗାଲାକ୍ଟିକ, ଆମାଜନର ଜେଫ୍ ବୋ ଜେସ୍‌ଙ୍କ ବ୍ଲୁ ଓରିଜନ୍‌ର ନ୍ୟୁ ସେଫର୍ଡ ରକେଟରେ ୨୦ ଜୁଲାଇ ୨୦୨୧ରେ ଅନ୍ତରୀକ୍ଷ ଭ୍ରମଣ ଉଲ୍ଲେଖନୀୟ।

ଏମାନେ ସମସ୍ତେ ଅର୍ବୁଦପତି। ଏମାନଙ୍କ ଲକ୍ଷ୍ୟ ହେଉଛି କେବଳ ଆନନ୍ଦଦାୟକ ମହାକାଶ ପର୍ଯ୍ୟଟନ ନୁହେଁ। ପୃଥିବୀବାସୀ ଯେମିତି ମହାକାଶର ପରିବେଶ ସହ ପରିଚିତ ହେବେ, ତାହାର ପରିକଳ୍ପନା। ତେଣୁ ୮୨ ବର୍ଷୀୟା ବେଲି ପଙ୍କଙ୍କଠାରୁ ଆରମ୍ଭ କରି ୧୮ ବର୍ଷ ବୟସ୍କ ଅଲିଭର ଡାଏମେନ ଯାତ୍ରୀ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ। ଭବିଷ୍ୟତରେ ସର୍ବସାଧାରଣ ଅନ୍ତରୀକ୍ଷର ବାତାବରଣକୁ ଆପଣେଇବାରେ ଏହାର ସହାୟକ ଭୂମିକା ରହିବ। ତେବେ ଏହା ସମ୍ଭବ ହୋଇଛି ସେମାନଙ୍କ ଅଚଳାଚଳ ସମ୍ପତ୍ତି ଯୋଗୁ। ତେଣୁ ବହୁ ବର୍ଷ ପୂର୍ବେ ବିଚକ୍ଷଣ ସମାଜଶାସ୍ତ୍ରୀ ଚାଣକ୍ୟ ଲେଖିଥିଲେ: "ଧନିକଃ ଶ୍ରୋତ୍ରିୟୋ ରାଜା ନଦୀ ବୈଦ୍ୟସ୍ତୁ ପଞ୍ଚମଃ ପଞ୍ଚ ଯତ୍ର ନ ବିଦ୍ୟନ୍ତେ, ନ ତତ୍ର ଦିବସେ ବସତେ।" ଯେଉଁଠାରେ ଶେଠ, ବେଦପାଠୀ ବିଦ୍ୱାନ, ରାଜା, ବୈଦ୍ୟ ଏବଂ ନଦୀ ନାହିଁ, ଏହି ପାଞ୍ଚଟି ସ୍ଥାନରେ ଗୋଟିଏ ଦିନ ମଧ୍ୟ ରହିବା ଠିକ୍ ନୁହେଁ। ଶେଠର ଅର୍ଥ ଏଠାରେ ଘରୋଇ କମ୍ପାନୀ ମାଲିକ।

ପ୍ରିୟ ପାଠକେ! ଆମ ପାଇଁ ଏହି ଯୋଜନା ହଠାତ୍ ଆବଶ୍ୟକ ନ ପଡ଼ିପାରେ। କିନ୍ତୁ ଭବିଷ୍ୟତରେ ଯଦି ଦୈବାତ ପ୍ରଳୟ ଏହି ଧରାଧାମରେ ଦେଖାଦେବ, ସେତେବେଳେ ସମସ୍ତେ ମହାକାଶ କଲୋନି ବାସିନ୍ଦା (ଜନବସତି) ବା ଗ୍ରହାନ୍ତରୀ ହେବାକୁ ଆତୁର ହେବେ। ସେତେବେଳେ ଏହା ସେମାନଙ୍କ ପାଇଁ ହେବ ରକ୍ଷା କବଚ, ଯେଉଁ ସମୟରେ ଲୋକେ ପ୍ରାଣ ବିକଳରେ ଉଚ୍ଚାରଣ କରିବେ: ଯଃ ପଳାୟତି, ସଃ ଜୀବତି। ଅର୍ଥାତ୍ ଆପେ ବଞ୍ଚିଲେ ବାପର ନା। ତେବେ ଯେତେ ତରବର ହେଲେ ସୁଦ୍ଧା ୱାରେନ ଏଲିସ୍‌ଙ୍କ ଭାଷାରେ ପତ୍ନୀଙ୍କୁ ସାଥିରେ ନେବା ପାଇଁ ଭୁଲିବେ ନାହିଁ! ଆଦାମ ଏକା ରହିଲେ କ'ଣ ହେବ, ଯଦି ପାଖରେ ଇଭ୍ ନ ଥାଏ?

ମୋ: ୯୦୭୮୭୪୩୮୪୩

# ସଙ୍କଟରେ ସଂସ୍କୃତି



ଅନନ୍ତ ଚରଣ ସ୍ୱାଇଁ

'ଦିନେ ନାହିଁ କାଳେ ନାହିଁ, ଗହ୍ମା ପୂନେଇଁ ଦିନ ମାଇଁ ମାଇଁ' ଏ କଥାଟି ଆମ ପାଇଁ ଆଜି ସମ୍ପୂର୍ଣ୍ଣ ସତ୍ୟ। ବର୍ଷ ତମାମ ଭୁଲି ଯାଉଛେ ଆମ ଭାଷା, ଆମ ସଂସ୍କୃତି, ଆମ ପରମ୍ପରା, ଆମ ଇତିହାସ ଓ ଆମ ଐତିହ୍ୟ। ଦେଖାଯାଏ ବିଭିନ୍ନ କାର୍ଯ୍ୟକ୍ରମରେ ଏସବୁ ଆମ ମନରେ ଉଜ୍ଜୀବିତ ହୋଇଉଠେ। ଗୋଟିଏ ଦିନ କିମ୍ବା ଗୋଟିଏ ପକ୍ଷ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ଉପରେ ଗୁରୁତ୍ୱ ଦେଲେ, ଅବିଲୁପ୍ତପ୍ରାୟ ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପୁନରୁଦ୍ଧାର ଓ ସୁରକ୍ଷା ହୋଇପାରିବ ନାହିଁ।

ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ଏବଂ ସଂସ୍କୃତିର ପୁନରୁତ୍ଥାନ ଓ ସୁରକ୍ଷା ପାଇଁ ବିଭିନ୍ନ ସାମାଜିକ ଓ ରାଜନୈତିକ ଆନ୍ଦୋଳନ ଆରମ୍ଭ ହୋଇଥିଲା। ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ ପ୍ରମୁଖ ମହାନ୍ ବ୍ୟକ୍ତିତ୍ୱଙ୍କ ନେତୃତ୍ୱରେ ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ ପାଇଁ ଆନ୍ଦୋଳନ ଜୋର ଧରିଥିଲା। ଫଳସ୍ୱରୂପ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। କେବଳ ଅତୀତର ସ୍ମୃତିଚାରଣ ନୁହେଁ; ସଙ୍କଟରେ ଥିବା ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଓ ବିକାଶ ପାଇଁ ଆମକୁ ପଦକ୍ଷେପ ନେବାକୁ ପଡ଼ିବ।

ପାଶ୍ଚାତ୍ୟ ସଂସ୍କୃତି ଓ ଆଧୁନିକତାର ପ୍ରଭାବରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା କ୍ରମଶଃ ଲୋପ ପାଇବାରେ ଲାଗିଛି। ଆଜିର ଯୁବପିଢ଼ି ପାଶ୍ଚାତ୍ୟ ସଂସ୍କୃତି ଆଡ଼କୁ ଅଧିକ ଆକର୍ଷିତ ହେଉଛି। ଭୁଲିଯାଉଛନ୍ତି ଆମ ପ୍ରାଚୀନ ପରମ୍ପରା, ଆମ କଳା, ଆମ ସାହିତ୍ୟ, ଆମ ପର୍ବପର୍ବାଣି, ଆମ ଖାଦ୍ୟପେୟ, ଆମ ଲୋକ ସଂଗୀତ, ଲୋକ ନୃତ୍ୟ, ଚିତ୍ରକଳା ଇତ୍ୟାଦି ଇତ୍ୟାଦି।

ପର୍ବପର୍ବାଣି ଉପରେ ଆଧୁନିକତାର ପ୍ରଭାବ ଦେବ ଦେବୀଙ୍କ ବିସର୍ଜନ ଶୋଭାଯାତ୍ରାରୁ ଜାଣିହେବ। ପୂର୍ବେ, ପର୍ବ ପର୍ବାଣିରେ ପାରମ୍ପରିକ ପୋଷାକ, ଭୋଜନ, ଭଜନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଥିଲା। ଏବେକାର ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଭସାଣି ବେଳେ ପାରମ୍ପରିକ ନୃତ୍ୟ ପରିବର୍ତ୍ତେ ଆଧୁନିକ ସିନେମା ଗୀତ ସହ ତାଳ ଦେଇ ଅଶ୍ଳୀଳ ନୃତ୍ୟ ପରିବେଷଣ ଏକ ନିୟମିତ ଧାରାରେ ପଡ଼ିଗଲାଣି। ଆଧୁନିକତାର ପ୍ରବେଶ ଫଳରେ ଆଧ୍ୟାତ୍ମିକତା ହ୍ରାସ ପାଉଛି। ବିଶୃଙ୍ଖଳା ବୃଦ୍ଧି ସହ ପରିବେଶ ହେଉଛି ବିଷାକ୍ତ।

ସେହିପରି ବିବାହ ପରି ଏକ ମାଙ୍ଗଳିକ କାର୍ଯ୍ୟକ୍ରମରେ ବିବାହ ପୂର୍ବରୁ ହଳଦୀ ବା ମେହେନ୍ଦି ଉତ୍ସବ, ନୃତ୍ୟ, ସଙ୍ଗୀତର ଆୟୋଜନ ଓ ପ୍ରାକ୍ ବିବାହ ଫଟୋ ଶୁଟିଂ, ବିବାହ କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ପାଲଟି ଗଲାଣି। ଏସବୁ ପ୍ରଥା ଆମ ସମାଜରେ ପ୍ରଚଳିତ ଥିବା ପରି ମନେହୁଏ ନାହିଁ। ହୁଏତ ଅଳ୍ପ କେତେକ ସମ୍ପ୍ରଦାୟରେ ଏହି ଅନୁଷ୍ଠାନଗୁଡ଼ିକ ସୀମିତ ଥାଇପାରେ। ଏସବୁ ପ୍ରଥାକୁ ଅନୁସରଣ କରିବାରେ ସେପରି କିଛି ପ୍ରତିବନ୍ଧକ ନାହିଁ। ଏହାର ବ୍ୟାପକ ପ୍ରସାର ଦ୍ୱାରା ଆମ ମୌଳିକ ପ୍ରଥାର ଅବକ୍ଷୟ ହେବାରେ



ଲାଗିଛି। କିଛି ଦିନ ପରେ ହୁଏତ ବିବାହ ସମ୍ବନ୍ଧିତ ସମସ୍ତ ପାରମ୍ପରିକ ରୀତି ନୀତି ଲୋପ ପାଇଯିବ।

ପୁରୁଣା ଦିନର ପାଲା, ଦାସକାଠିଆ ଆସର, ଚକୁଳିଆ ପଣ୍ଡା ଗାଁ ବୁଲା, ରଜଦୋଳି ଗୀତ, କୁମାର ପୂର୍ଣ୍ଣମାର ପୁଚି ଖେଳ, ଭାଲୁକୁଣି ଓଷା, ମଣ୍ଡା, ଚକୁଳି, ଆରିଷା, ଏଣ୍ଡୁରି ପିଠା ଏବଂ ଆହୁରି ଅନେକ ପାରମ୍ପରିକ ପ୍ରଥା ଆଜି ବିଲୁପ୍ତପ୍ରାୟ।

ଭାଷା ଓ ସଂସ୍କୃତିର ସମ୍ପର୍କ ନିବିଡ଼। ଭାଷା ବିନା ସଂସ୍କୃତିର ଅସ୍ତିତ୍ୱ ନ ଥାଏ। ଓଡ଼ିଆ ଭାଷାର ଗୁରୁତ୍ୱ ଦିନକୁ ଦିନ କମିବାରେ ଲାଗିଛି। ଓଡ଼ିଆ ପଢ଼ିବାକୁ ଆଗ୍ରହ କମି ଯାଉଛି। ଓଡ଼ିଆରେ ଦୁଇଧାଡ଼ି ଲେଖିବା ତ ଦୂରର କଥା ଅନେକ ପିଲା ଓଡ଼ିଆ ଠିକ ଭାବରେ କହିପାରୁ ନାହାନ୍ତି। ଏବେ ବି ଅନେକ ପରିବାରରେ ଓଡ଼ିଆରେ କଥା ହେବା ପାଇଁ ପସନ୍ଦ କରୁ ନାହାନ୍ତି। ଓଡ଼ିଆରେ ଶିକ୍ଷାଦାନ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଗୁଣାତ୍ମକ ମାନ ହ୍ରାସ ପାଉଛି। ଓଡ଼ିଆ ଶବ୍ଦ ବା ଓଡ଼ିଆ ବାକ୍ୟ ଆଉ ଓଡ଼ିଆ ଲିପିରେ ଲେଖା ଯାଉନାହିଁ। ଓଡ଼ିଆ ବାକ୍ୟ, ଇଂଲିଶ ଲିପିରେ ଲେଖାଯାଉଛି। ଏହି ପ୍ରକ୍ରିୟା ଜାରି ରହିଲେ, ହୁଏତ କିଛି ବର୍ଷ ମଧ୍ୟରେ ଓଡ଼ିଆ ଲିପି ବା ଅକ୍ଷର ସମ୍ପୂର୍ଣ୍ଣ ଲୋପ ପାଇଯିବ।

ନିକଟରେ ଜଣେ ଜଗନ୍ନାଥ ସଂସ୍କୃତି ପ୍ରବଚକ କହିଲେ, ଟେଲିଫୋନରେ ହେଲୋ କହିବା ପରିବର୍ତ୍ତେ ଜୟ ଜଗନ୍ନାଥ କହି ସମ୍ବୋଧନ ଆରମ୍ଭ କଲେ ଏହା ଆମ ଭାଷା ଓ ସଂସ୍କୃତି ପ୍ରତି ହେବ ଯଥେଷ୍ଟ ସମ୍ମାନ।

ଓଡ଼ିଆ ଭାଷାକୁ ବଞ୍ଚାଇରଖିବାକୁ ଅତୀତରେ ଓଡ଼ିଆମାନେ ହିଁ ଚେଷ୍ଟା କରିଥିଲେ। ସେମାନଙ୍କ ତ୍ୟାଗ ,ନିଷ୍ଠା, ଆନଦୋଳନର ଫଳ ସ୍ୱରୂପ ଓଡ଼ିଶା ହୋଇଥିଲା ସ୍ୱତନ୍ତ୍ର ପ୍ରଦେଶ, ଓଡ଼ିଆ ଭାଷାକୁ ମିଳିଥିଲା ସ୍ୱତନ୍ତ୍ର ଭାଷାର ମାନ୍ୟତା। ଓଡ଼ିଶାକୁ ସ୍ୱାତନ୍ତ୍ର୍ୟ ଆଣିଦେବାରେ ଥିଲା ସମସ୍ତ ଓଡ଼ିଆଙ୍କ ଆନ୍ତରିକ ଇଚ୍ଛା। କିନ୍ତୁ ଆଜି ପରିସ୍ଥିତି ସମ୍ପୂର୍ଣ ଅଲଗା। ଯେଉଁ ଓଡ଼ିଆମାନେ ଦିନେ ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ସାରା ଜୀବନ ଚେଷ୍ଟା କରିଥିଲେ ଆଜି ସେହି ଓଡ଼ିଆମାନଙ୍କ ଦାୟାଦମାନେ ଓଡ଼ିଆ କହିବା, ଓଡ଼ିଆ ପଢ଼ିବା,ଓଡ଼ିଆ ଲେଖିବା, ନିଜ ପିଲା ପିଲିଙ୍କୁ ଓଡ଼ିଆ ଶିକ୍ଷା ଦେବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ହଜିଯାଉଛି ଓଡ଼ିଆ ସଂସ୍କୃତି, ଭୁଲି ଯାଉଛନ୍ତି ଓଡ଼ିଆ ଭାଷା, ସେହି ଓଡ଼ିଆମାନେ ହିଁ ଓଡ଼ିଆ ଅସ୍ତିତ୍ୱର ମୂଳ ଉତ୍ପାଟନ ପାଇଁ ଦାୟୀ। ଦୋଷ ଦେବା କାହାକୁ?

କିଛି କ୍ଷଣ ପାଇଁ ଅତୀତର ରୋମନ୍ଥନ କରି ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ସ୍ମରଣ କରିବା, ଓଡ଼ିଆ ଜାତିର ଉନ୍ନତି ଓ ଓଡ଼ିଆ ଭାଷାକୁ ଅଧିକ ବଳିଷ୍ଠ ଓ ଆଦୃତ କରିବାର ସଂକଳ୍ପ ନେଇଗଲେ ଲୋପପାଉଥିବା ଆମ ସଂସ୍କୃତି, ଆମ ଐତିହ୍ୟ ଓ ଆମ ଭାଷାର ପୁନରୁଦ୍ଧାର ହୋଇପାରିବ ନାହିଁ ଏଥିପାଇଁ ଦରକାର ସାମୂହିକ ପ୍ରଚେଷ୍ଟା, ଆନ୍ତରିକତା, ଓଡ଼ିଆ କହିବା, କୁହାଇବା, ଓଡ଼ିଆ ଲେଖିବା, ଓଡ଼ିଆ ପଢ଼ିବା, ଅନ୍ୟ ଭାଷା ପରି ନିଜ ପିଲାମାନଙ୍କୁ ଓଡ଼ିଆ ପଢ଼େଇବାର ସଂକଳ୍ପ। ଜାତି, ଧର୍ମ, ବର୍ଣ୍ଣ, ଧନୀ, ଗରିବ ଓ ଦଳଗତ ନିର୍ବିଶେଷରେ ସମସ୍ତେ ମିଳିତ ଭାବେ ଚେଷ୍ଟାକଲେ ଉତ୍କଳର ପୂର୍ବ ଐତିହ୍ୟ ଫେରିଆସିବ। ସଙ୍କଟାପନ୍ନ ସଂସ୍କୃତିର ପୁନରୁଦ୍ଧାର ହୋଇ ଓଡ଼ିଶା ଏକ ଉନ୍ନତ ରାଜ୍ୟରେ ପରିଣତ ହୋଇପାରିବ।

ପଲେଇ, ଚାନ୍ଦୋଳ, କେନ୍ଦ୍ରାପଡ଼ା,
ମୋ: ୭୩୮୧୦୪୬୪୭୭

## ଏଇ ଭାରତରେ

ଅହମଦାବାଦର ଜିତ୍ ଜ୍ୟୋଷୀ ଓ ଓମ୍ ଠାକୁର ସହରର ବିଭିନ୍ନ ପାର୍କରେ ମିନି ଲାଇବ୍ରେରି ଖୋଲୁଛନ୍ତି। ଜିତ୍ ଜ୍ୟୋଷୀଙ୍କ ବୟସ ୨୦ ଓ ସେ ଏବେ ବି.କମ୍ ପଢୁଛନ୍ତି। ୧୯ ବର୍ଷୀୟ ଓମ୍ ଜଣେ ବିବିଏର ଛାତ୍ର। ସହରର ପାର୍କଗୁଡ଼ିକ ସେମାନେ ପଠନ କେନ୍ଦ୍ର କରିଦେଇଛନ୍ତି। ପାର୍କକୁ ଯେଉଁମାନେ ଯାଉଛନ୍ତି ସେମାନେ ସେଠାରେ ବହି ପଢ଼ିବା ସହ ବ୍ୟାୟାମ କରୁଛନ୍ତି। ପାର୍କଗୁଡ଼ିକର ମିନି ଲାଇବ୍ରେରିରୁ ଲୋକେ ମାଗଣାରେ ବହି ନେଇ ପଢୁଛନ୍ତି। ପାର୍କ ଲାଇବ୍ରେରି ସରକାରୀ ଅନୁମତିରେ ଖୋଲୁଛନ୍ତି। ପରେ ପାର୍କରେ ଛୋଟ ଛୋଟ ବକ୍ସ କରି ସେଥିରେ ବହି ରଖାଯାଉଛି ଓ ପ୍ରତ୍ୟେକଟି ପାର୍କ ନିକଟରେ ରହୁଥିବା ଦୁଇଜଣ ସ୍ୱେଚ୍ଛାସେବୀ ଏହାର ଦେଖାରଖା କରୁଛନ୍ତି। ସେମାନେ 'ୟୋର ରିଡିଂ ସର୍କଲ' ଅଭିଯାନ ମାଧ୍ୟମରେ ଏଭଳି ସଫଳତା ପାଇପାରିଛନ୍ତି। ସେମାନେ ବହି ସଂଗ୍ରହ କରି ତାହାକୁ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ପ୍ରଥମେ ସେପ୍ଟେମ୍ବର ୨୦୨୩ରେ 'ୟୋର ରିଡିଂ ସର୍କଲ' ଅଭିଯାନରେ ଅହମଦାବାଦର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିପାଇଁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଖୋଲିଥିଲେ ଓ ଲାଇବ୍ରେରି ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପ୍ରଥମ ମିନି ଲାଇବ୍ରେରି ପରିମଲ ଗାର୍ଡେନରେ ଖୋଲିଥିଲେ। ଗୁଜରାଟର ବିଭିନ୍ନ ସ୍କୁଲରେ ଲାଇବ୍ରେରି ଖୋଲିବାକୁ ସେମାନେ ଯୋଜନା କରୁଛନ୍ତି।




୧୧ ମେ ୧୯୭୬

- ଭାରତ ଇରାକ୍‌ରୁ ୩୦ ଲକ୍ଷ ଟନ୍ ଅବିଶୋଧିତ ତୈଳ ଆମଦାନୀ କରିବ ବୋଲି ଚୁକ୍ତିବଦ୍ଧ ହୋଇଛି।
- କ୍ଷୁଦ୍ରଶିଳ୍ପ ଗବେଷଣା ଓ ଉନ୍ନୟନ ପରିଷଦ ଦେଶର ଅନୁନ୍ନତ ଅଞ୍ଚଳରେ ପ୍ରତିଷ୍ଠିତ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ନିଯୁକ୍ତି ବ୍ୟବସ୍ଥାକୁ ସମ୍ପ୍ରସାରଣ କରିବା ନେଇ ୫ଟି ଯୋଜନା ପ୍ରସ୍ତୁତ।

## ଚିରନ୍ତନୀ

ନୂପୁର ଯେଉଁ ପଦେ ବଜାଉଥିଲା ମୋଦେ
ପରାଣ-ବିହଗର ବେହାଗ
ଅଳକ-ଦାମେ ଯାର ଅଳକା କଲି ଛାର
ପୁରୁଣା ହୋଇଛି ସେ ସୋହାଗ।
(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 3 | | | 7 | | 9 | 6 |
| | | | | | 4 | 5 | | |
| | 4 | | | | 6 | | | 1 |
| | | 4 | | | | | 8 | 7 |
| 8 | 5 | | | | | | | 9 |
| 2 | 7 | | | | | | | |
| | | | | | 9 | | | |
| | | 9 | 6 | 4 | 3 | | | |
| 3 | | | 1 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 3 | 6 | 9 | 2 | 4 | 1 | 7 |
| 2 | 4 | 6 | 1 | 3 | 7 | 8 | 5 | 9 |
| 9 | 7 | 1 | 8 | 4 | 5 | 6 | 3 | 2 |
| 5 | 9 | 2 | 4 | 7 | 3 | 1 | 8 | 6 |
| 3 | 8 | 7 | 2 | 6 | 1 | 9 | 4 | 5 |
| 6 | 1 | 4 | 9 | 5 | 8 | 2 | 7 | 3 |
| 4 | 3 | 8 | 5 | 2 | 9 | 7 | 6 | 1 |
| 7 | 6 | 9 | 3 | 1 | 4 | 5 | 2 | 8 |
| 1 | 2 | 5 | 7 | 8 | 6 | 3 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଝିଣ୍ଟିକା ମାରି ବଣି ପୋଷା ଚାଲିଛି

ମହାଶୟ,
କେଉଁଠୁ ଆରମ୍ଭ କରିବି ଭାବିଛି, ଖଡ଼ି ଛୁଆଁଠାରୁ ଆରମ୍ଭ କରିବି। ଖଡ଼ିଛୁଆଁ ନୀତି ଆଜି ବଦଳିଛି। ଖଡ଼ିଛୁଆଁ କେବଳ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସୀମିତ ଥିଲା। ଏବେ ମନ୍ତ୍ରୀ ନେତାଙ୍କ ମାଧ୍ୟମରେ ଓ ପୋଲିସ ଛାଉଣୀରେ ଖଡ଼ିଛୁଆଁ ଚାଲିଛି। ଖଡ଼ିଛୁଆଁ ପାଇଁ ସମୟ ସ୍ଥିରୀକୃତ ଥିଲେ ମଧ୍ୟ ଦିନ ଠିକ୍ ନ ଥିଲା। ଏବେ କୋଟି କୋଟି ଟଙ୍କା ଖର୍ଚ୍ଚରେ ଚାଲିଛି। ଏହି ଖଡ଼ିଛୁଆଁ ପର୍ବ ସେହିପରି ବିଭାଗଗୁଡ଼ିକରେ କର୍ମଚାରୀ ଆବଶ୍ୟକ ଥିଲେ ଉପଯୁକ୍ତ ପରୀକ୍ଷା କରି ବିଭାଗର ଅଧିକାରୀ କର୍ମଚାରୀ ଚୟନ କରି ନିଯୁକ୍ତି କରୁଥିଲେ। ଏବେ କିନ୍ତୁ ଚାଲିଛି ନିଯୁକ୍ତି ମେଳା ପୋଲିସଙ୍କ ସଜାଗ ଭିତରେ। ଝିଣ୍ଟିକା ମାରି ବଣି ପୋଷିଲା ପରି ଲୋକମାନଙ୍କୁ ଦରଦାମ ବୃଦ୍ଧିରେ ଶୋଷଣ କରି କରାଯାଉଛି ନୂଆ ନୂଆ ଯୋଜନା। ପ୍ରତ୍ୟକ୍ଷଭାବେ ଦରବୃଦ୍ଧିରେ ଲୋକଙ୍କୁ ମାରି, ମନଭୁଲା ଯୋଜନାମାନ କରି ପରୋକ୍ଷ ଭାବେ ରଣକରି ଜନତାଙ୍କୁ ଶୋଷଣ ଚାଲିଛି। ଏହା କେବଳ ଅଳ୍ପ ବିଷ(ସ୍ଲୋ ପଏଜନ) ଭାବେ ମରିବା କଥା। ଏଇ ହେଲା ସରକାରଙ୍କ ଲୋକ ଉପକାର କଥା।

- ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ନିଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୧୦।୫(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡ଼ା ଜଙ୍ଗଲରେ ସ୍ଥାନୀୟ ଅବକାରୀ ଥାନା ପକ୍ଷରୁ ଶନିବାର ସକାଳ ୭ଟା ୩୦ରେ ଅବକାରୀ ଚଢ଼ାଉ କରାଯାଇଛି। ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ଚଢ଼ାଉ କରାଯାଇଥିଲା। ମଦ ମାଫିଆମାନେ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ ମଦ ଭାଟି ଭାଙ୍ଗିବା ସହ ୨୨ ଶହ ଲିଟର ପୋଚ ଓ ୧୪୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି। ମଦ ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

## ଜବରଦଖଲ ଉଚ୍ଛେଦ ନେଇ ସଚେତନତା

ଜୟପୁର,୧୦।୫(ପବନ ପାଣିଗ୍ରାହୀ)

ଜୟପୁର ସହରର ଜୟନଗରଠାରୁ ଭୁତନାଥ ମନ୍ଦିର ଯାଏ ଜବରଦଖଲ ଉଚ୍ଛେଦ ହେବା ନେଇ ପୌରପାଳିକା ପକ୍ଷରୁ ଡାକବାଜୀ ଦ୍ୱାରା ଶନିବାର ୧୧ଟା ୩୦ରେ ସଚେତନ କରାଯାଇଛି। ୩ ଦିନରେ ଜବରଦଖଲ ଉଚ୍ଛେଦ ନ କଲେ ପୌରପାଳିକା ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସଚେତନ କରାଯାଇଛି। ପ୍ରତ୍ୟେକ ଦିନ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ରହୁଥିବାରୁ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଜୟପୁର ଉପଜିଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଆକାବରମ ଶସ୍ୟା ରେଡ୍ଡୀଙ୍କ ନିର୍ଦ୍ଦେଶରେ ମାପଚୁପ ଶେଷ ହୋଇଛି। ଜୟନଗର ବଟ ଗଛଠାରୁ ଭୁତନାଥ ମନ୍ଦିର ଯାଏ ୪୦ ଫୁଟ ରାସ୍ତା କରାଯିବ। ଶୀଘ୍ର ଉଚ୍ଛେଦ କରାଗଲେ ରାସ୍ତା ପ୍ରଶସ୍ତ ହେବ ଓ ଟ୍ରାଫିକ ସମସ୍ୟା ରହିବ ନାହିଁ ବୋଲି କୁହାଯାଇଛି।

## ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆହାର କେନ୍ଦ୍ରରେ ସମୀକ୍ଷା

ଜୟପୁର,୧୦।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ ଜୟପୁର ଆହାର କେନ୍ଦ୍ର ଶନିବାର ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଏହି ସମୟରେ ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ, ପୌରଯନ୍ତ୍ରୀ ଅଜୟ କୁମାର ଜାନୀ ଓ ପରିମଳ ନିରୀକ୍ଷକ ସତ୍ୟନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ଆହାର କେନ୍ଦ୍ରରେ କେତେଜଣ ଖାଉଛନ୍ତି ତଥ୍ୟ ତାଲିକା ଯାଞ୍ଚ କରିବା ସହ ସଫେଇ ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ଖରାପ ହୋଇ ପଡ଼ିଥିବା ଏସି ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଜିଲ୍ଲାରେ ୭୧୪୨ ମାମଲାର ଫଇସଲା

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**

ଜୟପୁର/କୋରାପୁଟ,୧୦।୫
(ପବନ ପାଣିଗ୍ରାହୀ/ଅମିତାଭ ବେହେରା)


କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ଜଜ୍, ଆଇନଜୀବୀ ଓ ଅନ୍ୟମାନେ।

ଜାତୀୟ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲା ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ପରିବାର ବିଚାରପତି ନିସିଥ ନିଶାଙ୍କ, ଅତିରିକ୍ତ ଜିଲା ଜଜ୍ ସଙ୍ଘମିତ୍ରା ଦାସ, ବରିଷ୍ଠ ଦେୱାନି ବିଚାରପତି ସ୍ୱୟଂ ପ୍ରକାଶ ଦାସ, ମହିଳା ଅଦାଲତ ବିଚାରପତି ଅଳକନନ୍ଦା ମହାନ୍ତି, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ରେଜିଷ୍ଟାର ବିଷ୍ଣୁପ୍ରସାଦ ଦେବତା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରି ସନ୍ତୋଷ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରି ଅନିମେଷ ଜେନା, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରୀ ଦୀକ୍ଷା ରାଉତରାଏ ଓ ପ୍ରଜ୍ଞା ସୁମନ ମହାପାତ୍ର ପ୍ରମୁଖ ଜୟପୁର ମୁଖ୍ୟାଳୟରେ ବିଭିନ୍ନ ବେଞ୍ଚରେ ଉପସ୍ଥିତ ରହି ପୃଥକ ପୃଥକ ଭାବେ କୋର୍ଟ କରି ମକଦ୍ଦମାର ଫଇସଲା କରିଥିଲେ। ବିଚାରଦିନ ମୋଟ ୭୫୯୨ରୁ ୭୧୪୨ ମାମଲାର ଫଇସଲା କରାଯାଇ ୩୨୬୯୧୬୬୭.୮୭ ଟଙ୍କା ଧାର୍ଯ୍ୟ ହୋଇଥିଲା। ସେହିପରି କୋରାପୁଟ,କୋଟପାଡ, ଲକ୍ଷ୍ମୀପୁର,ସେମିଳିଗୁଡା, ବୋରିଗୁମ୍ମା, ଦଶମନ୍ତପୁର ଓ ଲମତାପୁଟରେ ଥିବା କୋର୍ଟ ପରିସରରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। କୋରାପୁଟ ଓ ଜୟପୁର ଉପଜିଲାପାଳ ଓ ଜିଲାର ସମସ୍ତ ତହସିଲଦାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ରାଜସ୍ୱ ବିବାଦର ଫଇସଲା କରାଯାଇଥିଲା।

ଏଥିରେ ୩୪ ବାଇକ୍ ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲାର ଫଇସଲା କରି ବୀମା କମ୍ପାନୀଗୁଡ଼ିକୁ କ୍ଷତିପୂରଣ ବାବଦରେ ଆଦେଶ ଦେଇ ବାଦିମାନଙ୍କୁ ୨୦୫୨୦୦୦୦ଟଙ୍କା କ୍ଷତିପୂରଣ ଦେବାକୁ ଧାର୍ଯ୍ୟ କରାଯାଇଥିଲା। ସେହିପରି ୧୨ଟି ସାଲିସ ଯୋଗ୍ୟ ଫୌଜଦାରୀ, ୬ ବ୍ୟାଙ୍କ ଋଣ, ୧୩ ବୈବାହିକ ଓ ୨୫ ଦେୱାନୀ ଆଦି ମାମଲାର ଫଇସଲା ହୋଇଥିଲା। ଏଥିସହ ୨୯ ଏନ୍.ଆଇ. ଆକ୍ଟ ମାମଲାର ଫଇସଲା କରାଯାଇ ୭,୯୮,୯୧୮୭ ଟଙ୍କା ଧାର୍ଯ୍ୟ ହୋଇଥିଲା। ୩୫୯ଟି ଅନ୍ୟାନ୍ୟ ଫୌଜଦାରୀ ମାମଲାର ଫଇସଲା କରାଯାଇଥିଲା। ଏହାସହ କୋରାପୁଟ ଓ ଜୟପୁର ଉପଜିଲାପାଳ ଓ ଜିଲାର ସମସ୍ତ ତହସିଲଦାରଙ୍କ ଦ୍ୱାରା ମୋଟେ ୬୭୦୫ ରାଜସ୍ୱ ବିବାଦର ଫଇସଲା କରାଯାଇ ୬,୬୬୩ ଟଙ୍କା ଅଦାୟ କରଯାଇଥିଲା। ୫ ଉପଭୋକ୍ତା ବିବାଦ ମଧ୍ୟରୁ ୧ ଫଇସଲା କରାଯାଇ ୧୫,୩୦୦ ଟଙ୍କା ଧାର୍ଯ୍ୟ ହୋଇଥିଲା। ପ୍ରାକ୍ ମକଦ୍ଦମା ସ୍ତରରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ଋଣ ମାମଲା, ଆରଟିଓ, ଟାଟା ପାୱାର, ବିଏସ୍ଏନ୍ଏଲ୍, ପାରିବାରିକ ଓ ଜମିଜମା ଆଦିର ୩୮୨୫ମାମଲାରୁ ୫୭୬ ଫଇସଲା କରାଯାଇ ୧,୫୧,୪୭,୮୨୧ଟଙ୍କା ଧାର୍ଯ୍ୟ ହୋଇଥିଲା। ଗୋଟିଏ ଶ୍ରମ ବିବାଦ ମାମଲାର ଫଇସଲା କରାଯାଇ ୧୧,୦୦୦୦ ଧାର୍ଯ୍ୟ ହୋଇଥିଲା। ଏଥିରେ କୋରାପୁଟ ଜିଲା ବାର ଆସୋସିଏସନ୍‌ର ଆଇନଜୀବିମାନେ ସହଯୋଗ କରିଥିଲେ।

# ବନ୍ଦେ ଭାରତ ଟ୍ରେନ୍ ସେବା ଆରମ୍ଭ କରିବାକୁ ବିଧାୟକଙ୍କ ଦାବି

ଜୟପୁର,୧୦।୫(ପବନ ପାଣିଗ୍ରାହୀ)

କୋରାପୁଟରୁ ଭୁବନେଶ୍ୱର ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍ ସେବା ଆରମ୍ଭ କରିବାକୁ ନେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଦାବି କରିଛନ୍ତି। ଏହି ଦାବି ସେ ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ନିକଟରେ ରଖିଛନ୍ତି। ପରବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ-ଭୁବନେଶ୍ୱର ମଧ୍ୟରେ ଏକ ନୂଆ ଟ୍ରେନ୍ ଚାଲିବା ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ବିଧାୟକ ବର୍ତ୍ତମାନ ସ୍ମରଣ କରାଇଛନ୍ତି। ବିଧାୟକ ବାହିନୀପତି ନିଜ ଦାବିପତ୍ରରେ ଭୁବନେଶ୍ୱର-ବିଶାଖାପାଟଣା ମଧ୍ୟରେ ଚାଲୁଥିବା ବନ୍ଦେ ଭାରତ ୨୦୮୪୧ ଟ୍ରେନ୍‌କୁ ଭାୟା ଆରକୁ ଦେଇ କୋରାପୁଟ ଯାଏ ସମ୍ପ୍ରସାରିତ କରିବାକୁ ବିଧାୟକ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିରେ ସେ ଯୁକ୍ତି ବାଢ଼ିଛନ୍ତି, ବନ୍ଦେ ଭାରତ ଟ୍ରେନ୍‌ଗୁଡ଼ିକ ଦ୍ୱାରା ସାଧାରଣତଃ ୮୦୦ କି.ମି. ଦୂରତା ମଧ୍ୟରେ ଥିବା ସହରଗୁଡ଼ିକୁ ସଂଯୋଗ ପାଇଁ ପରିକଳ୍ପନା କରାଯାଇଛି। ଭୁବନେଶ୍ୱର-ବିଶାଖପାଟଣା-ଆରକୁ-କୋରାପୁଟ ରୁଟ୍‌ର ଦୂରତା ମାତ୍ର ୬୬୯ କି.ମି.। ଭୁବନେଶ୍ୱରଠାରୁ ଏହି ଟ୍ରେନ୍ ଏବେ ମାତ୍ର ୪୪୪ କି.ମି. ଦୂରତାକୁ ୫ ଘଣ୍ଟାରେ ଅତିକ୍ରମ କରି ବିଶାଖାପାଟଣାରୁ ପୁଣି ଫେରୁଛି। ଏହାକୁ ମାତ୍ର ୨୧୫ କି.ମି. ସମ୍ପ୍ରସାରିତ କରି ମୋଟ ୯ ଘଣ୍ଟାରେ କୋରାପୁଟକୁ ଭୁବନେଶ୍ୱର ସହ ଯୋଡ଼ାଯାଇପାରିବ। ଏହାଦ୍ୱାରା ନନ୍ଦପୁର ଓ ଲମତାପୁଟ ଆଦି ଅବହେଳିତ ବ୍ଲକ୍‌ଗୁଡ଼ିକ ରାଜଧାନୀ ସହ ସିଧାସଳଖ ଯୋଡି ହୋଇପାରିବ ବୋଲି ବିଧାୟକ କହିଛନ୍ତି। ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ସହ ନବରଙ୍ଗପୁର ଓ ମାଲକାନଗିରି ଆଦି ଉପାନ୍ତ ଜିଲାବାସୀ ଏହାର ସୁଫଳ ପାଇବେ। ରେଳ ଯୋଗାଯୋଗରେ ପଛୁଆ ଥିବା ଯୋଗୁ କୋରାପୁଟ ଜିଲାର ସାମାଜିକ ଓ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ସମ୍ଭବ ହେଉନାହିଁ ବୋଲି ବିଧାୟକ ଅଭିଯୋଗ କରିଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରେଳ ମନ୍ତ୍ରଣାଳୟକୁ ତୁରନ୍ତ ଯୋଗାଯୋଗ କରାଯାଇଥିଲା। ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତି ନେଇ ପୂର୍ବତଟ ରେଳପଥକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିବା ବିଧାୟକ ଜଣାଇଛନ୍ତି। ଅନୁରୋଧପତ୍ରକୁ ଗୁରୁତ୍ୱ ଦେଇ ବିଚାର ଆରମ୍ଭ କରିଥିବାରୁ ବିଧାୟକ ବାହିନୀପତି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଶୃଙ୍ଖଳା ରକ୍ଷାକରିବା ନେଇ ଆଲୋଚନା


ବୈଠକରେ ଉପସ୍ଥିତ କଲେଜ ଅଧକ୍ଷ ଓ ଅନ୍ୟମାନେ।

**ମହାବିଦ୍ୟାଳୟରେ ଆଣ୍ଟି ରାଗିଂ କମିଟି ବୈଠକ**

କୋରାପୁଟ,୧୦।୫(ଅମିତାଭ ବେହେରା)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟରେ ଆଣ୍ଟି ରାଗିଂ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଡିକାଲ କଲେଜର ଡିନ୍ ଅଧକ୍ଷ ପ୍ରଫେସର ଡ. ସୁଶାନ୍ତ କୁମାର ସାହୁଙ୍କ ଅଧକ୍ଷତା କରିଥିଲେ। ରାଗିଂଠାରୁ ଦୂରେଇରହିବା ପାଇଁ ଛାତ୍ରୀଛାତ୍ରଙ୍କୁ ବାରମ୍ବାର ପରାମର୍ଶ ଦେବା, ହଷ୍ଟେଲ ୱାର୍ଡରମାନଙ୍କ ଦ୍ୱାରା ତଦାରଖ କରାଯିବା, ନିୟମ ଅନୁଯାୟୀ ପ୍ରତି ୬ ମାସରେ କମିଟି ବୈଠକ ଡକାଯିବା, କୌଣସି ଛାତ୍ରୀଛାତ୍ର ବିଶୃଙ୍ଖଳା କରିବା ଦୃଷ୍ଟି ଗୋଚର ହୁଏ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ହଷ୍ଟେଲ ଗୃହ ଅଭାବରୁ ମହାବିଦ୍ୟାଳୟର ବାହାରେ ହଷ୍ଟେଲ କରାଯାଇଥିବାରୁ ହଷ୍ଟେଲ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ରଖାଯିବା ଆଦି ନେଇ ଆଲୋଚନା ହୋଇଥିଲା। ବୈଠକରେ ଉପାଧକ୍ଷ ପ୍ରଫେସର ଡ.ପ୍ରଶାନ୍ତ କୁମାର ଦାସ, ପ୍ରଫେସର ଡ. ଅନୁଭା ମିଶ୍ର, ଆସୋସିଏଟ୍ ପ୍ରଫେସର ଡ. ସଞ୍ଜୀବ ଶତପଥୀ, ଆସୋସିଏଟ୍ ପ୍ରଫେସର ଡ.ଶିବାଶିଷ ପାତ୍ର, ଆସୋସିଏଟ୍ ପ୍ରଫେସର ଡ. ଚିନ୍ମୟ କୁମାର ବିଷୋୟୀ,ରେଜିଷ୍ଟର ରଶ୍ମିତା ମାଲିକ, ଆସୋସେଟ ପ୍ରଫେସର ଡ.ରାଜଶ୍ରୀ ରାଉତ, ଡେପୁଟି କଲେକ୍ଟର ସୁବ୍ରତ କୁମାର ସାହୁ, ଆଇନ ପରାମର୍ଶଦାତା ଅଶୋକ କୁମାର ଷଡ଼ଙ୍ଗୀ, ସିଡିଆର୍‌ଟି ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର କରଣ, ଖବରଦାତା ଘନଶ୍ୟାମ ରଥ, ଛାତ୍ର ୟୁନିୟନର ଉପସଭାପତି ଅଂଶୁମାନ ସାବତ, ଛାତ୍ର ଅଭିଭାବକ ପ୍ରତିନିଧି ଶିଶିର କୁମାର ପାଣିଗ୍ରାହୀ, ନୂତନ ଛାତ୍ରୀଛାତ୍ରଙ୍କ ଅଭିଭାବକ ପ୍ରତିନିଧି ରବୀନ୍ଦ୍ର କୁମାର ବେହେରା, ଏମ୍‌ବିବିଏସ୍ ଛାତ୍ର ପ୍ରତିନିଧି ସ୍ମୃତିରଞ୍ଜନ ସ୍ୱାଇଁ, ନୂତନ ଏମ୍‌ବିବିଏସ୍ ଛାତ୍ର ପ୍ରତିନିଧି ଅମ୍ରିତ କୁମାର ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।

## ଝଞ୍ଜାବତୀରୁ ଯୁବକଙ୍କ ମୃତଦେହ ଜବତ

କୋରାପୁଟ/ନାରାୟଣପାଟଣା,୧୦।୫
(ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ଝଞ୍ଜାବତୀ ନଦୀରୁ ଜଣେ ଯୁବକଙ୍କ ମୃତଦେହ ଶନିବାର ଜବତ ହୋଇଛି। ମୃତକ ହେଲେ ଗାରିଆଘାଟ ସାହିର ହରି ହିଆଲ(୨୫)। ସୂଚନା ଅନୁଯାୟୀ, ହରି ଗତ ରବିବାରଠାରୁ ନିଖୋଜ ରହିଥିଲେ। ପରିବାର ବହୁ ଖୋଜାଖୋଜିକରି ପାଇ ନ ଥିଲେ। ଶନିବାର ମୃତଦେହ ପାଣିରେ ଭାସିଥିବା ନେଇ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ଦମକଳ ବାହିନୀ,ପୋଲିସ, ତହସିଲ ପାଖକୁ ଆର୍‌ଆଇ ଆଜିମିନ କୁଲସିକାଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଛି। ହରିଙ୍କ ହାତଗୋଡ ବନ୍ଧାହୋଇଥିବା ଜଣାପଡିଛି। ଲକ୍ଷ୍ମୀପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ଜଗତ କୋରାପୁଟରୁ ଏକ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହରେ ଥିବା ଏକ ଟାଟୁ ଚିହ୍ନକୁ ଦେଖି ସପ୍ତାହେ ଧରି ନିଖୋଜ ଥିବା ହରିଙ୍କ ମୃତଦେହ ବୋଲି ପରିବାର ଚିହ୍ନଟ କରିଛନ୍ତି। ହରିଙ୍କ ହାତ ଓ ଗୋଡ଼ ବନ୍ଧାହୋଇଥିବାରୁ କେହି ତାଙ୍କୁ ହତ୍ୟାକରି ନଦୀ ଭିତରେ ଫିଙ୍ଗିଥିବା ପରିବାର ଅଭିଯୋଗ କରିଛନ୍ତି। ଏ ନେଇ ନାରାୟଣପାଟଣା ଥାନାରେ ଲିଖିତ ଶନିବାର ଅଭିଯୋଗ ହୋଇଛି। ଝଞ୍ଜାବତୀ ନଦୀରେ ଭାସିଯାଇଥିବା ୪ ଛୁଆଙ୍କୁ ଉଦ୍ଧାରକରି ହରି ୨୦୧୭ରେ ମୁଖ୍ୟମନ୍ତ୍ରୀଙ୍କଠାରୁ ସାହସିକତା ପୁରସ୍କାର ପାଇଥିଲେ।

# ମୃତଦେହ ବ୍ୟବଚ୍ଛେଦ କଲେନି ଡାକ୍ତର

**କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା**

ନନ୍ଦପୁର,୧୦।୫(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତ କିରାମ୍ବ୍ରେ ଗ୍ରାମର ଜଣେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ ପରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳ ୭ଟାରେ ମୃତ୍ୟୁ ହୋଇଛି। ମୃତକ ହେଲେ କିରାମ୍ବ୍ରେ ଗ୍ରାମର ସୀତାରାମ ଖରା। ଏ ନେଇ ତାଙ୍କ ଭଣଜା ଗୋପୀନାଥ ପାଙ୍ଗୀ ପାଡୁଆ ଥାନାରେ ଅଭିଯୋଗ କରିଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ସୀତାରାମ କୌଣସି କାରଣରୁ କୀଟନାଶକ ଖାଇ ଗୁରୁତର ହୋଇଥିବା ବେଳେ ପରିବାର ତାଙ୍କୁ ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଲମତାପୁଟ ଆଶା କିରଣ ହସ୍ପିଟାଲ ନେଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପାଡୁଆ ପୋଲିସ କେସ ନଂ ୬/୨୫ରେ ମାମଲା ରୁଜୁ କରି ହସ୍ପିଟାଲ ପହଞ୍ଚିଥିଲା। ପ୍ରାଥମିକ ତଦନ୍ତ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ମଧ୍ୟାହ୍ନ ୧୨ଟାରେ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମୃତକ ଏହି ବ୍ଲକ ଅଞ୍ଚଳର ନୁହଁନ୍ତି କହି ମୃତଦେହ ବ୍ୟବଚ୍ଛେଦ କରିବାକୁ ମନା କରିଦେଇଥିଲେ। ଫଳରେ ୧୨ଟାରୁ ୪ଟା ପର୍ଯ୍ୟନ୍ତ ପୋଲିସ ଓ ପରିବାର ଲୋକେ ବ୍ୟବଚ୍ଛେଦ ପାଇଁ ହଇରାଣ ହୋଇଥିବା କହିଛନ୍ତି। ଶେଷରେ ବାଧ ହୋଇ ପାଡୁଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ଆଣି ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିବା ପାଡୁଆ ଥାନା ଅଧିକାରୀ ଅଶୋକ କୁମାର ବିଷୋୟୀ ସୂଚନା ଦେଇଛନ୍ତି। ଅନ୍ୟ ବ୍ଲକର ଦର୍ଶାଇ ମୃତଦେହ ବ୍ୟବଚ୍ଛେଦ ନ କରିବା ଘଟଣାକୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ସ୍ପନ୍ଦନ ସ୍ମିତପ୍ରଜ୍ଞାଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ ଗ୍ରହଣ ନ କରିବା ସହ ସୁଇଚ ଅଫ କରିଦେଇଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ସୋମବାର ଅଗ୍ନିଗଙ୍ଗା ମା'ଙ୍କ ଘଟଯାତ୍ରା

ସେମିଳିଗୁଡା/ସୁନାବେଡା,୧୦।୫
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ଚଳିତ ବର୍ଷ ସେମିଳିଗୁଡାରେ ଅଗ୍ନିଗଙ୍ଗା ମା'ଙ୍କ ନବଦିନାତ୍ମକ ଘଟଯାତ୍ରା ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏ ନେଇ ମା'ଙ୍କ ପୀଠ ସାଜସଜା କରାଯାଇଛି। ଯାତ୍ରା ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ମା'ଙ୍କ ଅସ୍ଥାୟୀ ମଣ୍ଡପର ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରୀତିନୀତି ଅନୁସାରେ ମା'ଙ୍କ ଘଟକୁ ଯାତ୍ରାର ରବିବାର ମନ୍ଦିରରୁ ଅଣାଯାଇ ଗାଁ ଭିତରେ ଥିବା ଦୁର୍ଗା ମନ୍ଦିରରେ ଗୋଟିଏ ଦିନ ପୂଜାର୍ଚ୍ଚନା ହୁଏ। ପରଦିନ ମା'ଙ୍କ ଘଟ ସହର ପରିକ୍ରମା ପରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଅସ୍ଥାୟୀ ମଣ୍ଡପରେ ଆବାହନ କରାଯିବା ବ୍ୟବସ୍ଥା ରହିଛି। ଏଥିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼କୁ ନଜରରେ ରଖି ସମସ୍ତ ବ୍ୟବସ୍ଥା ହୋଇପାରିବା ନେଇ ପୂଜା କମିଟି ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ପୂଜା କମିଟି ପକ୍ଷରୁ ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନେଇ ବ୍ୟବସ୍ଥା କରାଯାଇଥିବା ପରିଚାଳନା କମିଟି ସଭାପତି ଏଲ୍. ତେଜେଶ୍ୱର ପାତ୍ର, ସମ୍ପାଦକ ତ୍ରିନାଥ ନାୟକ ଓ କୋଷାଧକ୍ଷ ହେମ ବିଷୋୟୀ ସୂଚନା ଦେଇଛନ୍ତି।

# ଦୁରବସ୍ଥାରେ ସରକାରୀ କାର୍ଯ୍ୟାଳୟ ଶୌଚାଳୟ

ନନ୍ଦପୁର,୧୦।୫(ତୁଷାର କାନ୍ତ ମହାନ୍ତି)

ବାହ୍ୟ ପରିମଳ ମୁକ୍ତ ଅଞ୍ଚଳ ଭାବେ ଘୋଷିତ ନନ୍ଦପୁର ବ୍ଲକ୍ ସଦର ମହକୁମା ସହ ଏହାର ୨୩ ପଞ୍ଚାୟତରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡିକର ଶୌଚାଳୟଗୁଡ଼ିକ ଦୁରବସ୍ଥାରେ ଥିବା ଅଭିଯୋଗ ହୋଇଛି। କେଉଁଠି ଆଦୌ ଶୌଚାଳୟ ନାହିଁ। ଜନସାଧାରଣଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ଶୌଚାଳୟଗୁଡ଼ିକ ବ୍ୟବହାର ଉପଯୋଗୀ ନ ଥିବାରୁ ବିଭିନ୍ନ କାର୍ଯ୍ୟ ପାଇଁ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ନନ୍ଦପୁର ଓ ପାଡୁଆ ସମବାୟ ଲ୍ୟାମ୍ପ, ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅବକାରୀ ବିଭାଗ କାର୍ଯ୍ୟାଳୟ, ବନପାଳଙ୍କ କାର୍ଯ୍ୟାଳୟ, ବ୍ଲକ ପ୍ରାଣୀଧନ ଚିକିତ୍ସାଳୟ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟଳୟ, କୃଷି ବିଭାଗ କାର୍ଯ୍ୟାଳୟ, ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ବିଭିନ୍ନ ବ୍ୟାଙ୍କକୁ ଆସୁଥିବା ଉପଭୋକ୍ତାଙ୍କ ବ୍ୟବହାର ପାଇଁ ଆଦୌ ଶୌଚାଳୟ ନାହିଁ। ନନ୍ଦପୁର ଓ ପାଡୁଆ ଥାନା, ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଶୌଚାଳୟରେ ପାଣି ବ୍ୟବସ୍ଥା ନ ଥିବାରୁ ଏହା ବ୍ୟବହାର ହୋଇପାରୁ ନାହିଁ। କେବଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶୌଚାଳୟ କାର୍ଯ୍ୟକ୍ଷମ ରହିଛି। ବ୍ଲକ୍ ଓ ପଞ୍ଚାୟତ ଦ୍ୱାରା ସଦର ମହକୁମାରେ ନିର୍ମିତ ଶୌଚାଳୟ ୪ ବର୍ଷ ହେବ ବିବାଦରେ ଥାଇ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଲୋକଙ୍କ ବ୍ୟବହାର ଓ ପଞ୍ଚାୟତର ଟିକସ ଆଦାୟ କାମରେ ଲାଗୁନି। ଶୌଚାଳୟଗୁଡ଼ିକର ଏଭଳି ସ୍ଥିତି ଯୋଗୁ ଏଥିରେ କାର୍ଯ୍ୟରତ କର୍ମଚାରୀ, ସାଧାରଣ ଜନତା, ଛାତ୍ରୀଛାତ୍ର, ନନ୍ଦପୁର ବୁଲି ଆସୁଥିବା ପର୍ଯ୍ୟଟକ ହଇରାଣ ହେଉଛନ୍ତି। କୋରାପୁଟ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି। ନନ୍ଦପୁର ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରୀ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ନିର୍ମାଣ କରିବା ଓ ଅନ୍ୟ ଶୌଚାଳୟଗୁଡ଼ିକର ଦୁରବସ୍ଥା ଦୂର ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ କହିଛନ୍ତି।


ନନ୍ଦପୁର ତହସିଲରେ ଅବସ୍ଥାରେ ଥିବା ଶୌଚାଳୟ।

# କୃଷିଭିତ୍ତିକ ବାଲିଯାତ୍ରା ଉଦ୍‌ଯାପିତ

କୁନ୍ଦୁରା, ୧୦।୫(ସନ୍ତୋଷ ପ୍ରହରାଜ)


ମହିଳାମାନେ ଶସ୍ୟ ସଂଗ୍ରହ କରି ନେଉଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଫୁପୁଗାଁ ପଞ୍ଚାୟତ ଯୁବପାତ୍ରପୁଟ ଗ୍ରାମରେ ମାଘ ମାସରୁ ଆରମ୍ଭ ହୋଇଥିବା କୃଷିଭିତ୍ତିକ ବାଲିଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ୩ ମାସ ଧରି ଚାଲିଥିବା ଏହି ପର୍ବ ବାଲିଯାତ୍ରା ଚାଷୀ ଓ ଚାଷକୁ ନେଇ କାରାଯାଇଥାଏ। ଯୁବପାତ୍ରପୁଟ ଗ୍ରାମ ଜୟପୁର ବିକ୍ରମ ଦେବଙ୍କ ଅଧୀନରେ ରାଜାଙ୍କ ସମୟରୁ ଏଠାରେ ବୁଢ଼ୀ ଠାକୁରାଣୀ,ସାତଭଉଣୀ,ବ୍ରାହ୍ମଣଦେଇ, ପାଟଦେବତା, କଙ୍କା ଲୁଣି, ଧାରନି,ଭଣ୍ଡାରୁଣୀ,ବାରଦାଉନି, ମାଉଲି, ଭୈରବୀ,ଡ଼ଙ୍ଗରଦେଇ ପୂଜା ପାଇଥାନ୍ତି। ଗାଁ ମଝିରେ ବାଲି ଘର ଆରମ୍ଭ ଦିନଠାରୁ ନିର୍ମାଣ କରି ସେଠାରେ ଗ୍ରାମର ମଙ୍ଗଳ ପାଇଁ ଗୁରୁ ମାଉଣୀ ପୂଜା କରାଯାଇଥାଏ। ଗ୍ରାମର ପୂଜାରୀ ମୁଖ୍ୟ ସେବକ ଭାବେ ବାଲି ଘରେ ପୂଜା ପାଠ କରନ୍ତି। ସପ୍ତାହରେ ୨ ଥର ଉପନ୍ନ ଯାହାକି ଗ୍ରାମର ସମସ୍ତ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପୂଜାରେ ସାମିଲ ହୁଅନ୍ତି। ଉପନ୍ନ କୃଷକମାନଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ସ୍ଥାପନ କରିବା ସହ ଗ୍ରାମର ବିକାଶ ପାଇଁ ଦେବୀଦେବଙ୍କୁ ଆରାଧନା କରିଥାନ୍ତି। ବାଲିଯାତ୍ରାରେ ଟାମକ ବାଜା ଦ୍ୱାରା ଦେବୀ ପ୍ରସନ୍ନ ହେଉଥିବା ବିଶ୍ୱାସ ରହିଛି। ଏହି ବାଜାର ତାଳରେ ଦେବୀଙ୍କ ଆଶ୍ରୟ ହୋଇଥିବା ମହିଳା ଓ ପୁରୁଷ ନାଚିଥାନ୍ତି। ପ୍ରାୟ ୩୦ରୁ ୪୦ ଯୁବକ ଦୈନିକ ଏହି ଟାମକ ବାଜା ବଜାଇଥାନ୍ତି। ଏହାର ଶବ୍ଦ ଆଖପାଖ ଗ୍ରାମରେ ଶୁଭିବା ପରେ ସେହି ଗ୍ରାମର ମହିଳା ଓ ପୁରୁଷ ଉପନ୍ନ କାର୍ଯ୍ୟରେ ସାମିଲ ହୋଇ ଦେବୀଦେବଙ୍କ ଆଶୀଷ ଲାଭ କରନ୍ତି। ଦେବୀ ଆଶ୍ରୟ ହୋଇଥିବା ମହିଳା ଓ ପୁରୁଷମାନେ ନିର୍ମାଣ ହୋଇଥିବା କଣ୍ଟା ଦୋଳିରେ ଝୁଲନ୍ତି। ଏହି ବାଲିଯାତ୍ରାର ୧୦ଦିନ ପୂର୍ବରୁ ବାଲିରାମ୍ପା କାର୍ଯ୍ୟକ୍ରମ ହୋଇଥାଏ। ଏକ ପଟୁଆର ମାଧ୍ୟମରେ ନିକଟ କୋଲାବ ନଦୀରୁ ବାଲି ଆଣି ବାଉଁଶରେ ନିର୍ମିତ ଟାଙ୍ଗୁଡ଼ିରେ ବିଭିନ୍ନ ପ୍ରକାରର ଶସ୍ୟ ଧାନ, ମାଣ୍ଡିଆ, କୋଳଥ, ବିରି ଓ ମକା ଆଦି ଅନେକ ଶସ୍ୟ ଗଜା କରନ୍ତି। ଏହାର ୧୦ ଦିନ ପରେ ବାଲି ଘରେ ପୂଜା ପାଉଥିବା ଦେବୀଙ୍କ ସହ ଲାଠି,କୁର୍ସି,ଗଜା ଶସ୍ୟ ଟାଙ୍ଗୁଡ଼ି ଧରି ଭୀମା ଦେବତା ରହୁଥିବାସ୍ଥଳ ବାଲିଭଙ୍ଗା ଯାଇ ସେଠାରେ ୨ଦିନ ପୂଜା କରାଯାଏ। ଭୀମା ଦେବତାଙ୍କ ପୀଠରେ ବଡ଼ ମଞ୍ଚା ଚାଷୀଙ୍କ ଦ୍ୱାରା କରାଯାଇଥାଏ। ବାଲିଘରଠାରୁ ବାଲିଭଙ୍ଗା ଯାଇଥିବା ଗଜା ଶସ୍ୟ ଟାଙ୍ଗୁଡ଼ି ଉକ୍ତ ମଞ୍ଚା ଉପରେ ରଖାଯାଇଥାଏ। ଶନିବାର ଉକ୍ତ ମଞ୍ଚାରୁ ସମସ୍ତ ଶସ୍ୟ(ବାଲିଗଜା)ବାହାର କରି ସମସ୍ତ ଚାଷୀ ପରିବାରର ମହିଳାମାନେ ବାଣ୍ଟି ନେବା ସହ ଏହାକୁ କାନରେ ଲଗାଇବା ଦ୍ୱାରା ସର୍ବରୋଗ ନିରାକରଣ ହୋଇଥିବା ବିଶ୍ୱାସ ରହିଛି। ଏଥି ସହ ମହିଳା ଓ ପୁରୁଷମାନେ ପରସ୍ପରକୁ ବାଲିଫୁଲ ପିନ୍ଧାଇଥାନ୍ତି। ଏହାଦ୍ୱାରା ବନ୍ଧୁତା ଅକ୍ଷୁର୍ଣ୍ଣ ହେଉଥିବା ବିଶ୍ୱାସ କରନ୍ତି ଅଞ୍ଚଳବାସୀ। ଗ୍ରାମରେ ୫ ବର୍ଷ ପରେ ପୁଣି ଯାତ୍ରା ଆୟୋଜିତ ହୋଇଥିଲା। ଗ୍ରାମର ମଙ୍ଗଳ ହେବା ସହ ହଇଜା, ମିଳିମିଳା ନ ବ୍ୟାପିବା ଏବଂ ଚାଷୀଙ୍କ କ୍ଷେତ୍ରରେ ରୋଗପୋକ ନ ହେବା ସହ ଅଧିକ ଫସଲ ଅମଳ ହେଉଥିବା ବିଶ୍ୱାସ ରହିଛି। କାର୍ଯ୍ୟକ୍ରମକୁ ଗ୍ରାମର ପରମାନନ୍ଦ କାନ୍ଦଲିଆ, ତ୍ରିନାଥ ହରିଜନ, ରାମଚନ୍ଦ୍ର ପୂଜାରୀ,ସୁଦାମ କାନ୍ଦଲିଆ, ପିତାମ୍ବର ନାୟକ,ପଦ୍ମନ ମାଠପଡ଼ିଆ,ଅଜିତ ପାଢ଼ୀ ଓ ବାଲ୍ୟ ହରିଜନ ପ୍ରମୁଖ ପରିଚାଳନା କରିଥିଲେ।





## ଦେଶ ସୁରକ୍ଷାରେ ନିୟୋଜିତ ପୁଅବୋହୂଙ୍କ ପାଇଁ ପ୍ରାର୍ଥନା କରୁଛୁ



ଅପରେଶନ 'ସିନ୍ଦୂର'କୁ ନେଇ ଭାରତୀୟ ସେନା ସଶସ୍ତ୍ର ଭାବେ ସୀମା ସୁରକ୍ଷାରେ ନିୟୋଜିତ ରହିଛନ୍ତି। ଗୋଳାବାରୁଦର ବର୍ଷାକୁ ଖାତିର ନ କରି ଦେଶମାତୃକାର ସେବାରେ ନିୟୋଜିତ ରହିଥିବା ପୁଅବୋହୂଙ୍କ ପାଇଁ ଏବେ ସାଇବାବାଙ୍କ ଶରଣରେ ପ୍ରାର୍ଥନା କରୁଛନ୍ତି ବୋଲି କହିଛନ୍ତି ମୟୂରଭଞ୍ଜ ଜିଲା ବାରିପଦା ପାଲବଣି ଅଞ୍ଚଳର ବିଜୁଳି ମିଶ୍ର। ରାଜସ୍ଥାନର ବିକାନେର୍ ସୀମାରେ ନିୟୋଜିତ ପୁଅ ରବୀନ୍ଦ୍ର ନାଥ ମିଶ୍ର ଓ ବୋହୂ ଅଞ୍ଜୁ ମିଶ୍ରଙ୍କ ଦୀର୍ଘାୟୁ ପାଇଁ ସେ ପୂଜାର୍ଚ୍ଚନା କରୁଛନ୍ତି। ପୁଅ ସୈନିକ ଭାବେ ଦେଶ ସୁରକ୍ଷାରେ ରହିଥିବା ବେଳେ ବୋହୂ ସ୍ୱାସ୍ଥ୍ୟସେବାରେ ନର୍ସିଂ ଅଫିସର ଭାବେ ରହି ସେବା ଯୋଗାଉଛନ୍ତି। ପୁଅ ବୋହୂଙ୍କ ମଙ୍ଗଳ କାମନା ପାଇଁ ସାଇବାବାଙ୍କ ପାଖରେ ପୂଜାପାଠ କରୁଛନ୍ତି। ଦେଶ ସେବାରେ ନିୟୋଜିତ ସମସ୍ତ ସୈନିକ ବିଜୟୀ ହୁଅନ୍ତୁ। କେବଳ ତାଙ୍କ ପୁଅ ନୁହେଁ, ଦେଶର ସମସ୍ତ ମା'ଙ୍କ ପୁଅ ବିଜୟୀ ହୋଇ ଆସିବାକୁ ଠାକୁରଙ୍କ ନିକଟରେ ସେ ପ୍ରାର୍ଥନା କରୁଛନ୍ତି। ବିଜୟର ଟିକା ପିନ୍ଧାଇବା ପାଇଁ ସମସ୍ତ ମା' ପ୍ରସ୍ତୁତ ହୋଇ ରହିଛନ୍ତି। ଭାରତମାତାର ସୁରକ୍ଷାକରି ପୁଅ ବିଜୟୀ ହେଲେ ପ୍ରତ୍ୟେକ ମା' ପାଇଁ ଗର୍ବର ବିଷୟ ବୋଲି ବିଜୁଳି କହିଛନ୍ତି।

– ବିଜୁଳି ମିଶ୍ର, ସୈନିକଙ୍କ ମା', ବାରିପଦା

## ଅଖଣ୍ଡ ଦୀପ ଜାଳୁଛୁ



ଦେଶର ସୁରକ୍ଷା ପାଇଁ ତାଙ୍କର ଏକମାତ୍ର ପୁଅ ସୀମାରେ ପାକିସ୍ତାନ ସେନା ଓ ଆତଙ୍କବାଦୀଙ୍କ ସହ ଲଢ଼େଇ କରୁଥିଲା। ଏହା ତାଙ୍କ ପାଇଁ ଗର୍ବର ବିଷୟ। ଯୁଦ୍ଧରେ ବିଜୟ ପାଇଁ ପରିବାର ପକ୍ଷରୁ ଅଖଣ୍ଡ ଦୀପ ଜାଳିବା ସହ ସବୁବେଳେ ଭଗବାନଙ୍କୁ ପ୍ରାର୍ଥନା କରୁଛୁ ବୋଲି କହିଛନ୍ତି ଭାରତୀୟ ସେନାରେ କାର୍ଯ୍ୟରତ ଥିବା ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବୋଡ଼କ ମହାଜୀବୀ ଗ୍ରାମର ଗୌରାଙ୍ଗ ପ୍ରଧାନ(୩୫)ଙ୍କ ବାପା ଭାଗୀରଥି ପ୍ରଧାନ। ପୁଅ ପଞ୍ଜାବ ସୀମାରେ ନିୟୋଜିତ ଅଛନ୍ତି। ସେ ସବୁବେଳେ ଟିଭି ସାମ୍ନାରେ ବସି ରହି ଯୁଦ୍ଧର ସ୍ଥିତି ସମ୍ବନ୍ଧୀୟ ଖବର ଦେଖନ୍ତି। ଏପରିକି ଖାଇବା ବେଳେ ମଧ୍ୟ ଟିଭି ସାମ୍ନାରେ ବସି ଖାଆନ୍ତି। ରାତିରେ ନିଦ ଭାଙ୍ଗିଲେ ବି ଯୁଦ୍ଧର ସ୍ଥିତି କ'ଣ ଅଛି ଜାଣିବାକୁ ଟିଭି ଖୋଲି ବସନ୍ତି। ଅସ୍ତ୍ର ବିରତି ହେବା ଶୁଣି ଟିକେ ଖୁସି ଲାଗିଲା। ହେଲେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ ଆଶଂକା ବଢାଇଛି। ତେବେ ଦେଶମାତୃକାର ସୁରକ୍ଷା ପାଇଁ ପ୍ରାର୍ଥନା କରୁଛୁ।

–ଭାଗୀରଥି ପ୍ରଧାନ, ସେନାରେ କାର୍ଯ୍ୟରତ ଗୌରାଙ୍ଗ ପ୍ରଧାନଙ୍କ ବାପା

## ପୁଅ ଦେଶ ସେବା କରୁଥିବାରୁ ଆମେ ଗର୍ବିତ

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ଗ୍ରାମର ସତ୍ୟନାରାୟଣ ସିଂହ ଏବଂ ଶାନ୍ତିଲତା ସିଂହଙ୍କ ବଡ଼ ପୁଅ ସତ୍ୟବ୍ରତ ସିଂହ(୩୪) ସେନାରେ କାର୍ଯ୍ୟରତ ଅଛନ୍ତି। ସେ ୨୦୧୩ରୁ ଇଣ୍ଡିଆନ ଆର୍ମିରେ ଯୋଗଦେଇଥିଲେ। ପ୍ରଥମେ ମଧ୍ୟପ୍ରଦେଶ ପରେ ଦିଲ୍ଲୀ, ଆସାମ, ରାଜସ୍ଥାନରେ ନିୟୋଜିତ ହେବା ପରେ ବର୍ତ୍ତମାନ ପଞ୍ଜାବର ଚଣ୍ଡିଗଡ଼ରେ କାର୍ଯ୍ୟରତ ଅଛନ୍ତି। ତେବେ ବର୍ତ୍ତମାନ ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତିକୁ ଲକ୍ଷ୍ୟ କରି ଦିନ ରାତି ୨୪ ଘଣ୍ଟା ସଜାଗ ଅଛନ୍ତି ସତ୍ୟବ୍ରତ। ଶୁକ୍ରବାର ଅପରାହ୍ନ ୪ଟା ସମୟରେ ସତ୍ୟବ୍ରତଙ୍କ ସହିତ ତାଙ୍କ ମା'ବାପା ମାତ୍ର ୫ ମିନିଟ୍ କଥା ହୋଇଥିଲେ। ବର୍ତ୍ତମାନ ଚଣ୍ଡିଗଡ଼ରେ ବ୍ଲାକ୍ ଆଉଟ ଘୋଷଣା



ଏବଂ ଆକାଶମାର୍ଗରୁ ପାକିସ୍ତାନର କେତେକ ଡ୍ରୋନ୍‌କୁ ଭାରତୀୟ ସେନା ଖସାଇଥିବା କଥା ଯବାନ କହିଥିଲେ। ତେବେ ପୁଅ ଭାରତୀୟ ସେନାରେ ଯୋଗଦେଇ ଦେଶ ସେବା କରୁଥିବାରୁ ନିଜକୁ ଗର୍ବିତ ମନେକରୁଥିବା ସତ୍ୟବ୍ରତଙ୍କ ମା' ବାପା କହିଛନ୍ତି। ଏଥିସହ ଦେଶ ପାଇଁ ଯୁଦ୍ଧ କରୁଥିବା ଅନ୍ୟ ସୈନିକ ତଥା ପୁଅଙ୍କ ପାଇଁ ମଙ୍ଗଳକାମନା କରୁଛୁ ବୋଲି ସତ୍ୟବ୍ରତଙ୍କ ମା' ବାପା କହିଥିଲେ। ଦେଶ ପାଇଁ ଯୁଦ୍ଧ କରି ଭଲରେ ପୁଅ ଘରକୁ ଫେରୁ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି ବୋଲି ମା' ଶାନ୍ତିଲତା କହିଛନ୍ତି।

– ଶାନ୍ତିଲତା ସିଂହ ଓ ସତ୍ୟନାରାୟଣ ସିଂହ, ସୈନିକଙ୍କ ମା'ବାପା, ମୋରଡ଼ା

## ଘରେ ରୋଷେଇ ହେଉଛି, ଆମେ ଖାଇପାରୁନାହୁଁ

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ୍ ଗୁମ୍ମାଗଡ଼ ଗ୍ରାମର କୁଞ୍ଜ ବିହାରୀ କହଁର ପହଲଗାମ୍‌ରେ ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଅଛନ୍ତି। ଏନେଇ ତାଙ୍କ ପତ୍ନୀ କହିଛନ୍ତି, ସ୍ୱାମୀ କଶ୍ମୀରର ପହଲଗାମ୍‌ରେ କାର୍ଯ୍ୟରତ ଅଛନ୍ତି। ଆଗରୁ ଫୋନରେ କଥା ହେଉଥିଲେ। ଏବେ ଆଉ ସମ୍ଭବ ହେଉନାହିଁ। ଦିନକୁ ୨ ମିନିଟ୍‌ରୁ କମ୍ ସମୟ କଥା ହେଉଛନ୍ତି। କଥା ହେବା ପାଇଁ ସୁଯୋଗ ଦିଆଯାଉନାହିଁ। ଆମେ ଫୋନ କଲେ ଉତ୍ତର ମିଳୁନାହିଁ। ସେପଟୁ କେତେବେଳେ କେମିତି ଫୋନ କରୁଛନ୍ତି। ଗତ ଶୁକ୍ରବାର ରାତିରେ ତାଙ୍କ କ୍ୟାମ୍ପ ଉପରେ ପାକିସ୍ତାନ ହମଲା କରିଛି। ସୌଭାଗ୍ୟ ବଶତଃ ତାଙ୍କର କିଛି



କୁଞ୍ଜ ବିହାରୀ କହଁର

ହୋଇନାହିଁ। ପୁଅ ନବମରେ ଏବଂ ଝିଅ ପ୍ରଥମରେ ପଢ଼ୁଛନ୍ତି। ସେମାନେ ଖାଲି ବାପାଙ୍କ କଥା ପଚାରୁଛନ୍ତି। ଆମେ ଭୟଭୀତ ଅବସ୍ଥାରେ ରହୁଛୁ। ଘରେ ରୋଷେଇ ହେଉଛି, କିନ୍ତୁ ଆମେ ଖାଇ ପାରୁନାହୁଁ। ଭଗବାନଙ୍କ ପାଖରେ ପ୍ରାର୍ଥନା ଯୁଦ୍ଧ ବନ୍ଦ ହେଉ, ସେ ଭଲରେ ଘରକୁ ଫେରି ଆସନ୍ତୁ।

– କୁମୁଦିନୀ ଦେହୁରୀ, ଫୁଲବାଣୀ

## ଦେଶ ମାତୃକା ପାଇଁ ଲଢ଼ିବାକୁ ଶପଥ ନେଇଛି



ମୋର ଏକମାତ୍ର ପୁଅ ସୁରଜ କୁମାର ରାଉତ କଶ୍ମୀରରେ ସୀମା ସୁରକ୍ଷା ବଳ ଯବାନ ଭାବେ କାର୍ଯ୍ୟରତ। ଯୁଦ୍ଧ କଥା ଶୁଣିବା ପରେ ସବୁଦିନ ତାଠାରୁ ସୀମା ପରିସ୍ଥିତି କଥା ବୁଝୁଛି। ଯାହାବି ହେଉ ଦେଶ ମାତୃକା ପାଇଁ ଲଢ଼ିବାକୁ ଶପଥ ନେଇଛି। ଆଉ ଅଧିକ କିଛି ଭାବୁନାହିଁ। ଗ୍ରାମଦେବତୀ ମା' କୁଲେଇଶୁଣୀ ଓ ଭାଗବତ ଗୋସେଇଁଙ୍କ ପାଖରେ ପ୍ରାର୍ଥନା କରୁଛି। ବିଜୟୀ ହୋଇ ଭଲରେ ଘରକୁ ଫେରୁ ବୋଲି କହିଛନ୍ତି କଟକ ସଦର ବ୍ଲକ ଅଧୀନ କନ୍ଦରପୁରର ପଞ୍ଚାୟତ ଅଥଙ୍ଗାର ଯବାନ ସୁରଜ କୁମାର ରାଉତଙ୍କ ମା' ପ୍ରମିଳା ରାଉତ।

– ପ୍ରମିଳା ରାଉତ, ସୀମା ସୁରକ୍ଷା ବଳ ଯବାନଙ୍କ ମା'

## ଘରେ ହନୁମାନ ଚାଳିଶା ପାଠ ଚାଲିଛି



ସ୍ୱାମୀ ରମାକାନ୍ତ ସର୍ବଭାରତୀୟ ସେନାରେ କାର୍ଯ୍ୟକରି ଜମ୍ମୁ-କଶ୍ମୀର ଅଞ୍ଚଳରେ ପୋଷ୍ଟିଂ ହୋଇଛନ୍ତି। ଜାଣିବାକୁ ପାଇଲି ସୀମାରେ ରହିଛନ୍ତି। ଛୁଟିରେ ଘରକୁ ଆସିଥିଲେ। ଫୋନ ପାଇ ଚାକିରିକୁ ଚାଲିଗଲେ। ଶାଶୁ ସବୁବେଳେ କାନ୍ଦୁଛନ୍ତି। ଘରେ ହନୁମାନ ଚାଳିଶା ପାଠ ଚାଲିଛି। ଦେଶ ପାଇଁ ଲଢୁଥିବାରୁ ମନରେ ସାହସ ଆସୁଛି। ଦେଶବାସୀ ଯବାନଙ୍କ ପଛରେ ରହିଥିବାରୁ କୌଣସି ଦୁଃଖ ଆସୁନାହିଁ ବୋଲି କହିଛନ୍ତି କଟକ ସଦର ବ୍ଲକ ଅଧୀନ କନ୍ଦରପୁରର ପଞ୍ଚାୟତ ସିଦ୍ଧେଶ୍ୱରପୁର ଗାଁର ଯବାନ ରମାକାନ୍ତଙ୍କ ସ୍ତ୍ରୀ ବୈଜୟନ୍ତୀ ସୁର।

– ବୈଜୟନ୍ତୀ ସୁର, କନ୍ଦରପୁର

## ପୁଅର ମଙ୍ଗଳ ସହ ଭାରତର ବିଜୟ କାମନା କରୁଛୁ

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମପଞ୍ଚାୟତ ବାଘୁଆ ଗ୍ରାମର ଅକ୍ଷୟ କୁମାର ଦାଶ ଜମ୍ମୁସ୍ଥିତ ପ୍ରତିରକ୍ଷା ବିଭାଗର ଗୋଳାବାରୁଦ ଡିପୋରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ମା'ଙ୍କ ଦେହ ଅସୁସ୍ଥ ଥିବାରୁ ଗତ ୩ ତାରିଖଠାରୁ ୧ମାସ ପର୍ଯ୍ୟନ୍ତ ଛୁଟିରେ ଆସିଥିଲେ। ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଦୃଷ୍ଟିରୁ ଏବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କ ପରିବାର ଭୟରେ ରହିଛନ୍ତି। ମା' ଅନ୍ନପୂର୍ଣ୍ଣା ଓ ବାପା କ୍ଷେତ୍ରମୋହନ ଦାଶ ପୁଅର ମଙ୍ଗଳ କାମନା କରିବା ସହ ଭାରତର ବିଜୟ କାମନା କରିଛନ୍ତି। ସେହିପରି ବାଘୁଆ ଗ୍ରାମର ପ୍ରକାଶ କୁମାର ବିଶ୍ୱାଳ ଭାରତୀୟ ସ୍ଥଳସେନା ବିଭାଗରେ ରାଜସ୍ଥାନଠାରେ ଜଣେ ସୈନିକ ଭାବେ କାର୍ଯ୍ୟରତ। ଘରକୁ ଛୁଟିରେ ଆସିବାର ଥିଲେ ମଧ୍ୟ ସାମ୍ପ୍ରତିକ ପରିସ୍ଥିତିରେ ତାଙ୍କର ଛୁଟି ବାତିଲ ହୋଇଯାଇଛି। ଘରେ ଅସୁସ୍ଥ ବାପା ରମେଶ ଚନ୍ଦ୍ର ବିଶ୍ୱାଳ ଓ ମା' ମନୋରମା ବିଶ୍ୱାଳ ଓ ତାଙ୍କ ପରିବାର ଭୟଭିତରେ ଥିଲେ ମଧ୍ୟ ପୁଅର ମଙ୍ଗଳ କାମନା କରିଛନ୍ତି।

– ଅକ୍ଷୟ କୁମାର ଦାଶଙ୍କ ମା'ବାପା

## ଆଶ୍ୱାସନା ପାଉଛନ୍ତି ପରିବାର ଲୋକେ

ଦେଶମାତୃକା ପାଇଁ ଲଢେଇ କରିବାର ସଂକଳ୍ପ ନେଇ ଯୁଦ୍ଧ କ୍ଷେତ୍ରକୁ ବାହାରି ଯାଇଛନ୍ତି। ସେମାନଙ୍କ ଦୈନନ୍ଦିନର ଖବର ପାଇବା ପାଇଁ ଚାତକ ଭଳି ଚାହିଁ ରହିଛନ୍ତି ସେମାନଙ୍କ ପରିବାର ଲୋକେ। କିଛି ଗଣମାଧ୍ୟମର ଖବର ଅତିରଞ୍ଜିତ ହୋଇଥିବାରୁ ବେଳେବେଳେ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡୁଥିବା ଚୌଦ୍ୱାର ତଳବଜାର ବେହେରା ସାହିର ସୁବେଦାର ସଞ୍ଜୟ ବେହେରାଙ୍କ ସ୍ତ୍ରୀ ସୁରେଖା ବେହେରା ପ୍ରକାଶ କରିଛନ୍ତି। ସଞ୍ଜୟ ୧୯୯୭ରେ ସେଣ୍ଟ୍ରାଲ ରିଜର୍ଭ



ପୋଲିସରେ ଯବାନ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ସଞ୍ଜୟ ଶ୍ରୀନଗରର କୁପ୍‌ୱାରାରେ ପୋଷ୍ଟିଙ୍ଗ ଥିଲେ ମଧ୍ୟ ଯୁଦ୍ଧପାଇଁ ବର୍ତ୍ତମାନ ଡଗ୍‌ସ୍କ୍ୱାଡ୍ ଟିମ୍ ଲିଡର ଭାବେ ଶ୍ରୀନଗରର ଗୁର୍‌ଗାଁଓରେ କାର୍ଯ୍ୟରତ। ତାଙ୍କର ୨ପୁତ୍ରରୁ ବରୁଣ ଯୁକ୍ତ ୩ରେ ପାଠ ପଢୁଥିବା ବେଳେ ଅରୁଣ ଦଶମ ପାଠ ପଢୁଛନ୍ତି। ବାପାଙ୍କ ପାଇଁ ୨ପୁତ୍ର ଯେତିକି ଗର୍ବିତ ସେତିକି ଚିନ୍ତିତ ମଧ୍ୟ। ସ୍ତ୍ରୀ ସୁରେଖା ଓ ସାନ ଭାଇ ମଙ୍ଗରାଜଙ୍କ କହିବାନୁଯାୟୀ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସବୁଦିନ ପ୍ରାୟ ଦିନକୁ ୨ଥର ପରିବାର ସହିତ ସଞ୍ଜୟ ଯୋଗାଯୋଗରେ ଅଛନ୍ତି। ଶନିବାର ସକାଳେ ମଧ୍ୟ ସ୍ତ୍ରୀଙ୍କ ସହିତ ଫୋନରେ କଥା ହୋଇଥିବା ବେଳେ କଥାଛଳରେ ତାଙ୍କ ରେଜିମେଣ୍ଟର କିଛି ଯବାନ ଆହତ ହୋଇଥିବା କଥା ଶୁଣି ସୁରେଖା ଓ ତାଙ୍କ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ପାକିସ୍ତାନ -ଭାରତ ଆକ୍ରମଣରେ ଅଧିକ ପ୍ରତିହିଂସା ପରାୟଣ ହୋଇଥିବା ସେ ପ୍ରକାଶ କରିଥିଲେ। ହେଲେ ସୁରେଖା ସଞ୍ଜୟଙ୍କ ମନୋବଳ ବଢାଇବା ପାଇଁ ଆଶ୍ୱାସନା ଦେବା ସହିତ ଘରର ସମସ୍ତ ସଦସ୍ୟ ଠାକୁରଙ୍କୁ ପ୍ରର୍ଥନା କରିବା ସହିତ ସଞ୍ଜୟଙ୍କ ପାଇଁ ବିଭିନ୍ନ ମନ୍ଦିରରେ ମାନସିକ ରଖିଥିବା କହିଥିଲେ। ଯୁଦ୍ଧ ପାଇଁ ପରିବାରବର୍ଗଙ୍କ ମାନସିକ ସ୍ଥିତି ଭଲ ନ ଥିବା ଓ ଯେତେଶୀଘ୍ର ପାକିସ୍ତାନକୁ କଡାଜବାବ ଦେଇ ଗତ ଫେବୃୟାରୀରୁ ଘର ଛାଡି ଯାଇଥିବା ସଞ୍ଜୟ ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଭଲରେ ଘରକୁ ଫେରି ଆସିବାକୁ ଅପେକ୍ଷା କରିଥିବା ସେ ପ୍ରକାଶ କରିଛନ୍ତି।

– ସୁବେଦାର ସଞ୍ଜୟ ବେହେରାଙ୍କ ସ୍ତ୍ରୀ ସୁରେଖା

## ୨ଭାଇଙ୍କ ପାଇଁ ପରିବାର ଗର୍ବିତ

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୨ କାଳୀ ମନ୍ଦିର ପଡ଼ାର ସ୍ୱର୍ଗତ ଝୁନୁ ପ୍ରଧାନ ଓ କବି ପ୍ରଧାନଙ୍କ ବଡ଼ପୁଅ ରଞ୍ଜନ ଏବଂ ସାନପୁଅ ନିଲାଞ୍ଚଳ ଭାରତୀୟ ସେନାବାହିନୀରେ କାର୍ଯ୍ୟରତ। ସେମାନେ ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିର୍ବାହ



ନିଲାଞ୍ଚଳ ପ୍ରଧାନ



ରଞ୍ଜନ କୁମାର ପ୍ରଧାନ

କରୁଛନ୍ତି। ତେବେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଉଭୟ ଭାଇଙ୍କ ସମେତ ଦେଶର ସଫଳତା ପାଇଁ ଘରେ ଗତ ୮ଦିନ ହେଲା ପୂଜାପାଠ ଚାଲିଥିଲା। ଯୁଦ୍ଧ ସ୍ଥିତିକୁ ନେଇ ପରିବାର ଲୋକେ ଆଦୌ ବିଚଳିତ ନୁହଁନ୍ତି, ବରଂ ବହୁତ ଗର୍ବ ଅନୁଭବ କରୁଛନ୍ତି ବୋଲି ମଝିଆ ଭାଇ ସିଲୁ କହିଛନ୍ତି।

୨୦୧୩ ମସିହାରୁ ସେ ସେନାବାହିନୀରେ ଯୋଗଦେଇଥିବା ନିଲାଞ୍ଚଳ ଶ୍ରୀନଗର କୁପୁକୁଡ଼ା ଏଏମସି(ଆର୍ମି ମେଡ଼ିକାଲ କ୍ରୋପ୍)ରେ କାର୍ଯ୍ୟରତ ଅଛନ୍ତି। ଏଠାରେ ତାଙ୍କ ସ୍ତ୍ରୀ ସୁନୀତା ଏବଂ ଶିଶୁପୁତ୍ର ନିଶାନ୍(୩ବର୍ଷ) ଅଛନ୍ତି। ଗତ ଡିସେମ୍ବର ମାସରେ ଧନୁଯାତ୍ରା ଚାଲିଥିବାବେଳେ ଦେଢ଼ମାସର ଛୁଟି ନେଇ ସେ ଘରକୁ ଆସିଥିଲେ। ପୁଣି ଆସିବା ପାଇଁ ସେ ଛୁଟି ମାଗିଥିଲେ ଏବଂ ଶନିବାର(୧୦।୫।୨୦୨୫) ଘରକୁ ଆସିବାର ଥିଲା। ମାତ୍ର ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ତାଙ୍କ ଛୁଟି ବାତିଲ୍ ହୋଇ ଯାଇଥିଲା। ଗତ ୪ଦିନ ତଳେ ସୀମାବର୍ତ୍ତୀ ଅଞ୍ଚଳରେ ଉଡୁଥିବା ପାକିସ୍ତାନ ଝଣ୍ଡାକୁ ଓଲଟାଇ ଦେଇଥିଲୁ ଏବଂ ଯୁଦ୍ଧକ୍ଷେତ୍ରରେ ପାକିସ୍ତାନ ବହୁତ ପଛରେ ଅଛି ବୋଲି ବୋଲି ଶୁକ୍ରବାର ଫୋନ୍‌ଯୋଗେ ସାନଭାଇ ନିଲାଞ୍ଚଳ ତାଙ୍କୁ କହିଥିଲେ ବୋଲି ସିଲୁ ପ୍ରକାଶ କରିଛନ୍ତି।

ସେହିପରି ବଡ଼ଭାଇ ରଞ୍ଜନ ୨୦୧୭ ମସିହାରୁ ସଶସ୍ତ୍ର ସୀମାବଳ(ଏସଏସବି)ରେ ଯୋଗ ଦେଇଛନ୍ତି। ଉତ୍ତର ପ୍ରଦେଶର ଗୋରେଖପୁରରେ ସେ ପ୍ରଥମେ ଅବସ୍ଥାପିତ ଥିଲେ। ଏବେ ବିହାରର ମୁଜାଫରନଗରରେ କାର୍ଯ୍ୟରତ ଅଛନ୍ତି। ଡାକରା ଆସିଲେ ଯୁଦ୍ଧକ୍ଷେତ୍ରକୁ ଯିବା ଲାଗି ପ୍ରସ୍ତୁତ ବୋଲି ରଞ୍ଜନ ତାଙ୍କୁ କହିଥିବା ସିଲୁ କହିଛନ୍ତି। ରଞ୍ଜନଙ୍କ ସ୍ତ୍ରୀ ରେଶ୍ମା ଓ ଶିଶୁପୁତ୍ର ଆୟୁଷ୍ମାନ(୫ବର୍ଷ) ଏଠାରେ ଅଛନ୍ତି। ତେବେ ଦୁଇ ଭାଇଙ୍କ ପାଇଁ ବହୁତ ଗର୍ବ ଅନୁଭବ କରିଥାଉ। ତେବେ ଯୁଦ୍ଧ ବନ୍ଦ ହେବା ଖବର ପାଇଁ ଖୁସି ଲାଗୁଛି ବୋଲି ସିଲୁ କହିଛନ୍ତି।

## ସେନାରେ ୩ ଭାଇ

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ବରପଲ୍ଲୀ ଗ୍ରାମର ଗୋଟିଏ ପରିବାରର ୩ ଭାଇ ସେନାରେ କାର୍ଯ୍ୟରତ ଅଛନ୍ତି। ଗ୍ରାମର ବାଉରୀ ବନ୍ଧୁ ଗୌଡ଼ଙ୍କ ୩ ପୁଅ ଯଥା ପ୍ରେମାନନ୍ଦ, ପ୍ରମୋଦ ଓ ନିତ୍ୟାନନ୍ଦ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଭାରତୀୟ ସେନାରେ କାର୍ଯ୍ୟରତ ଅଛନ୍ତି। ଏଭଳି ସ୍ଥିତିରେ ଭଗବାନ୍ ହିଁ ଭରସା ବୋଲି କହିଛନ୍ତି ତାଙ୍କ ପରିବାର। ସେହିପରି ସେହି ଗ୍ରାମର ଗଣପତି ତରାଇଙ୍କ ୪ ପୁଅ ମଧ୍ୟରୁ ୨ ପୁଅ ଶିବାନନ୍ଦ ଓ ବିଶ୍ୱନାଥ ମଧ୍ୟ ସେନାରେ କାର୍ଯ୍ୟରତ ଅଛନ୍ତି। ଉକ୍ତ ପରିବାର ମଧ୍ୟ ଏହି ଯୁଦ୍ଧ ଖବର ଶୁଣି ମର୍ମାହତ। ପିଲାମାନଙ୍କ ତଥା ଦେଶର ମଙ୍ଗଳ ପାଇଁ ପ୍ରତ୍ୟେକ ଦିନ ଠାକୁରଙ୍କୁ ଡାକୁଥିବା ସେ କହିଛନ୍ତି। ଗଞ୍ଜାମ ଅଞ୍ଚଳର ସୀମାନ୍ତ ଅଞ୍ଚଳରେ ସେନାରେ ଥିବା ନାରାୟଣ ତରାଇଙ୍କ ପୁଅ ବିପିନ ତରାଇଙ୍କ ସହ ଫୋନରେ ଯୋଗାଯୋଗ କରିବାରୁ ସେ କେଉଁଠି ଅଛନ୍ତି ସେନେଇ କୌଣସି ସୂଚନା ଦେବାକୁ ତାଙ୍କ କମାଣ୍ଡର ବାରଣ କରିଛନ୍ତି। ତେବେ ଯୁଦ୍ଧ ବିରତି ଘୋଷଣା ହୋଇଥିଲେ ବି ଭୟ ମନରୁ ଯାଇନି ବୋଲି ସେ କହିଛନ୍ତି।

## ଅନ୍ୟାନ୍ୟ ଖବର

# ଆତଙ୍କବାଦର କୌଣସି ଧର୍ମ ନାହିଁ: ରାଜ୍ୟପାଳ

### ଆଜି ପରାକ୍ରମ ଶୋଭାଯାତ୍ରାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୦।୫(ସୁନିତ୍ ମିଶ୍ର)

ଆତଙ୍କବାଦର କୌଣସି ଧର୍ମ ନାହିଁ କି ହିଂସାର କିଛି ଶାସ୍ତ୍ର ନ ଥାଏ ବୋଲି ରାଜ୍ୟପାଳ ହରିବାବୁ କମ୍ଭମପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପହଲଗାମ୍‌ରେ ସମ୍ପ୍ରତି ଘଟିଯାଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ଘଟଣାକ୍ରମ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଗୋଷ୍ଠୀର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ୨୬ ନିରୀହ ଲୋକଙ୍କ ଜୀବନ ନେଇଥିବା ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ଗଭୀର ଦୁଃଖ ପ୍ରକାଶ କରି ରାଜ୍ୟପାଳ କହିଛନ୍ତି, ଏହା କେବଳ ନିରୀହ ନାଗରିକଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଭାରତର ଧାରଣା, ଆମର ଏକତା, ଗଣତନ୍ତ୍ର ଏବଂ ଶାନ୍ତି ଉପରେ ପ୍ରହାର। ସଶସ୍ତ୍ର ବାହିନୀ 'ଅପରେଶନ ସିନ୍ଦୂର' ଆରମ୍ଭ କରିଛି, ଯେଉଁଥିରେ ସୀମାପାର ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରି ଠିକ୍ ଆକ୍ରମଣ କରାଯାଇଛି। ଆମର ସାହସୀ ସୈନିକମାନେ ସାର୍ବଭୌମତ୍ୱକୁ ରକ୍ଷା କରିବାକୁ ଯାଇ ଆଗଧାଡ଼ିରେ ଛିଡ଼ାହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମେ ସମସ୍ତେ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡ଼ାହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି, ଆତଙ୍କବାଦ ମାନବତା ବିରୋଧରେ ଏକ ଯୁଦ୍ଧ। ଯେତେବେଳେ ଦେଶକୁ ଆବଶ୍ୟକତା ପଡ଼େ, ସେତେବେଳେ ସମସ୍ତେ କିପରି ଏକାଠି ହୁଅନ୍ତି ବୋଲି ଅବତାରଣା କରିବା ସହ ଅବଦୁଲ ହମିଦ୍‌ଙ୍କ ସାହସିକତା ଏବଂ ବଳିଦାନର ଉଦାହରଣ ଦେଇଥିଲେ। ଭାରତୀୟ ଭାବେ ଆମର ସର୍ବୋତ୍ତମ ପରିଚୟ ରହିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି କହିବା ସହ ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜର କର୍ତ୍ତବ୍ୟ ନିଭାଇବାକୁ ସେ ଆହ୍ୱାନ ଜଣାଇଛନ୍ତି। ଅନ୍ୟପଟେ ଅପରେଶନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମକୁ ସମ୍ମାନ ଜଣାଇବା ଲାଗି ରବିବାର ମୁଖ୍ୟମନ୍ତ୍ରୀ ଏକ ଶୋଭାଯାତ୍ରାର ଶୁଭାରମ୍ଭ କରିବେ। ଏହି ପରାକ୍ରମ ଶୋଭାଯାତ୍ରା କଳିଙ୍ଗ ଷ୍ଟାଡିୟମଠାରୁ ବାହାରିବ ବୋଲି ସୂଚନା ଦିଆଯାଇଛି।

# ଜିଲାପାଳ, ଆର୍‌ଡିସି, ଆଇପିଏସ୍ ଅଫିସରଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୧୦।୫(ସୁନିତ୍ ମିଶ୍ର)

ଦେଶରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତିକୁ ନେଇ ରାଜ୍ୟର ସବୁ ଜିଲାପାଳ, ଆର୍‌ଡିସିଙ୍କ ଛୁଟି ବାତିଲ କରିଦିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସବୁ ଜିଲାପାଳ ଏବଂ ଆର୍‌ଡିସିଙ୍କୁ ଚିଠି ମଧ୍ୟ କରାଯାଇଛି। ଯୁଦ୍ଧ ବନ୍ଦ ନେଇ ଏକ ପ୍ରକାର ଘୋଷଣା ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଜିଲାପାଳ, ଆର୍‌ଡିସିମାନଙ୍କ ଲାଗି ଜାରି ଚିଠିକୁ ପରିବର୍ତ୍ତନ କରାଯାଇ ନାହିଁ। ଚିଠିରେ ଉଲ୍ଲେଖ ରହିଛି, ଦେଶରେ ଯୁଦ୍ଧ ହେବା ଭଳି ପରିସ୍ଥିତି ଉପୁଜିଥିବାରୁ ଜିଲାପାଳ, ଆର୍‌ଡିସିମାନଙ୍କ ଛୁଟି ଯାହା ଅନୁମୋଦିତ ହୋଇଥିଲା ତାହା ବାତିଲ କରିଦିଆଯାଇଛି। ଯେଉଁମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ ଆସି କାର୍ଯ୍ୟରେ ଯୋଗଦେବା ଲାଗି କୁହାଯାଇଛି। ଆର୍‌ଡିସିମାନଙ୍କୁ ଏସବୁ ଭଲରେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗୃହ ବିଭାଗ ପକ୍ଷରୁ ଆଉ ଏକ ଚିଠି ଜାରିକରି ଆଇପିଏସ୍ ଅଫିସରମାନଙ୍କ ଛୁଟିକୁ ମଧ୍ୟ ବାତିଲ କରିଦିଆଯାଇଛି। ଦେଶରେ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଆଇପିଏସ୍ ଅଫିସରମାନଙ୍କୁ କୌଣସି ଛୁଟି ମିଳିବ ନାହିଁ। କୌଣସି ଆଇପିଏସ୍ ଅଫିସର ମୁଖ୍ୟାଳୟ ଛାଡ଼ି ନ ଯିବା ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଭାରତୀୟ ଯବାନଙ୍କ ପାଇଁ ବିଜେଡିର ତ୍ରିରଙ୍ଗା ଯାତ୍ରା

ଭୁବନେଶ୍ୱର, ୧୦।୫(ସୁନିତ୍ ମିଶ୍ର)

ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଛି। ଏହାପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯଦିଓ ବର୍ତ୍ତମାନ ସ୍ଥିତିରେ ଯୁଦ୍ଧ ବନ୍ଦ ନେଇ ଉଭୟ ଦେଶ ମଧ୍ୟରେ ସହମତି ପ୍ରକାଶ ପାଇସାରିଛି, ହେଲେ ଆଉ ଥରେ ଏନେଇ ଆସନ୍ତା ୧୨ ତାରିଖରେ ଘୋଷଣା ହେବ ବୋଲି ମଧ୍ୟ ଏମ୍‌ଇଏ ପକ୍ଷରୁ କୁହାଯାଇଛି। ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ନେଇ ବିଜେଡି ପକ୍ଷରୁ ଶନିବାର ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଭୁବନେଶ୍ୱର ଜିଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବିଶାଳ ଶୋଭାଯାତ୍ରା ରାଜମହଲ ଛକଠାରୁ ବାହାରି ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପାକିସ୍ତାନ ବିରୋଧରେ ବିଜେଡି ନେତା ଓ କର୍ମୀମାନେ ସ୍ଲୋଗାନ ଦେଇଥିଲେ। ଭାରତୀୟ ଯବାନମାନଙ୍କ ମନୋବଳ ବଢ଼ାଇବା ଲାଗି ମାଷ୍ଟରକ୍ୟାଣ୍ଟିନଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତାମାନଙ୍କ ମଧ୍ୟରେ ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଦିବ୍ୟଶଙ୍କର ମିଶ୍ର, ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।




# ୧,୯୨,୦୦୩ ମାମଲା ଫଇସଲା

**୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ**

## ୧୩୦,୮୦,୨୮,୧୨୬ ଟଙ୍କା ଆଦାୟ

କଟକ, ୧୦।୫(କାର୍ତ୍ତିକ ସାହୁ)

ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ ସୂଚୀ ଅନୁଯାୟୀ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ସମସ୍ତ ଜିଲାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ୩୦ ଜିଲା କୋର୍ଟ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, କଟକସ୍ଥିତ ଖାଉଟି ବିବାଦ ସମାଧାନ ଆୟୋଗ ଏବଂ ଭୁବନେଶ୍ୱରସ୍ଥିତ ଶିଳ୍ପ ଟ୍ରିବ୍ୟୁନାଲରେ ଲୋକ ଅଦାଲତ ସମାପନ ହୋଇଛି। ସାରା ରାଜ୍ୟରେ ମୋଟ ୧,୯୨,୦୦୩ଟି ମାମଲାର ଆପୋସ ଫଇସଲା ହୋଇଛି। ଏଥିସହ ୧୩୦ କୋଟି ୮୦ ଲକ୍ଷ ୨୮ ହଜାର ୧୨୬ ଟଙ୍କା କ୍ଷତିପୂରଣ ଓ ଅନ୍ୟାନ୍ୟ ବାବଦକୁ ଆଦାୟ ହୋଇଛି।

ସୂଚନାନୁସାରେ, ବିଭିନ୍ନ ଅଦାଲତରେ ବିଚାର ପାଇଁ ପଡ଼ି ରହିଥିବା ୧୫,୯୮୭ ମାମଲା, ରାଜସ୍ୱ ମାମଲା ୧,୬୯,୩୮୨ ଏବଂ ପ୍ରାକ ମକଦ୍ଦମାସ୍ତରୀୟ ବିବାଦ ୬,୬୩୪ଟିର ଆପୋସ ସମାଧାନ କରାଯାଇଛି। ତନ୍ମଧ୍ୟରେ ଫୌଜଦାରି ୨୬୬, ଏନ୍‌ଆଇ ଆକ୍ଟରେ ୯୮୧, ଅର୍ଥ ଆଦାୟ ୪୫୨, ମୋଟର ଯାନ ଦୁର୍ଘଟଣା କ୍ଷତିପୂରଣ ଦାବି ୫୯୭, ଶ୍ରମ ବିବାଦ ୨୦, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୧୧, ବୈବାହିକ/ପାରିବାରିକ ବିବାଦ ୪୭୫, ଜମି ଅଧିଗ୍ରହଣ ୮, ରାଜସ୍ୱ ଅଧିକାରୀଙ୍କ ନିକଟରେ ପଡ଼ି ରହିଥିବା ମାମଲା ୧,୬୯,୩୮୨, କ୍ୱାସି ବିଚାର ବିଭାଗୀୟ ଅଧିକାରୀଙ୍କ ନିକଟରେ ପଡ଼ି ରହିଥିବା ଆଇପିଆର/ଖାଉଟି ଓ ଅନ୍ୟାନ୍ୟ ମାମଲା ୧୬, ଅନ୍ୟାନ୍ୟ ଦେୱାନୀ ୧୫୧୮, ଅନ୍ୟାନ୍ୟ ଫୌଜଦାରି ୧୧,୬୩୨, ଋଣ ଆଦାୟ ଟ୍ରିବ୍ୟୁନାଲ ୬ ଓ ରାଜ୍ୟ ଖାଉଟି ବିବାଦ ଆୟୋଗରେ ୫ଟି ମାମଲା ଫଇସଲା ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରୋନ୍-ଇନ୍-ଚିଫ୍ ଜଷ୍ଟିସ ହରିଶ ଟଣ୍ଡନ, ହାଇକୋର୍ଟର ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି।



ଶୁକ୍ରବାର ରାତିରେ ପାକିସ୍ତାନର ଗୁଳିଗୋଳା ମାଡ଼ରେ ଜମ୍ମୁ ଉପକଣ୍ଠ ବଣ୍ଡଲାବ ଗ୍ରାମର ଏକ ଘର ଧ୍ୱସ୍ତ ହୋଇଯାଇଛି।



ପାକିସ୍ତାନର ଡ୍ରୋନ୍ ଆକ୍ରମଣରେ ଶୁକ୍ରବାର ରାତିରେ ଜମ୍ମୁର ରେହାରି ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ଆବାସିକ କୋଠାଗୁଡ଼ିକ ନିକଟରେ ଉପସ୍ଥିତ ଲୋକେ।



ଭାରତ-ପାକିସ୍ତାନ ମଧ୍ୟରେ ଶୁକ୍ରବାର ରାତିରେ ଗୁଳିଗୋଳା ବର୍ଷଣ ଜୋର୍‌ଦାର ହୋଇଥିବାବେଳେ ରାଜସ୍ଥାନର ଜୈସାଲମର ଅଞ୍ଚଳରେ ପଡ଼ିଥିବା ସନ୍ଦିଗ୍ଧ ଯୁଦ୍ଧ ସାମଗ୍ରୀକୁ ଜଣେ ସୁରକ୍ଷା କର୍ମୀ ଶନିବାର ଯାଞ୍ଚ କରୁଛନ୍ତି।



ପାକିସ୍ତାନର ଡ୍ରୋନ୍ ଆକ୍ରମଣକୁ ଶୁକ୍ରବାର ରାତିରେ ଭାରତର ସଶସ୍ତ୍ର ବଳ ବିଫଳ କରିଦେବା ପରେ ଘଟିଥିବା ବିସ୍ଫୋରଣ ଯୋଗୁ ପଞ୍ଜାବର ଗୁରୁଦାସପୁର ନିକଟ ରାଜୁବେଲା ଛିଛରନ ଗ୍ରାମର ଏକ କୃଷି କ୍ଷେତରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି।



ପାକିସ୍ତାନର ଗୁଳିଗୋଳା ବର୍ଷଣରେ ଶୁକ୍ରବାର ରାତିରେ ଜମ୍ମୁ-କଶ୍ମୀରର ରାଜୌରୀର ଏକ ଘର ଓ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି।



ଗୁଜରାଟର କଚ୍ଛ ଅଞ୍ଚଳରୁ ସୁରକ୍ଷା କର୍ମୀମାନେ ଜବତ କରିଥିବା ସନ୍ଦିଗ୍ଧ ଯୁଦ୍ଧ ଅସ୍ତ୍ର ଭଗ୍ନାବଶେଷକୁ ଶନିବାର ଜବତ କରାଯାଇଛି।



ଭାରତର ଏସ୍-୪୦୦ ଦ୍ୱାରା ଶୁକ୍ରବାର ରାତିରେ ପାକିସ୍ତାନୀ ଡ୍ରୋନ୍ ଧ୍ୱସ୍ତ ହୋଇଥିବାବେଳେ ସେଥିରେ ଥିବା ବିସ୍ଫୋରକ ସାମଗ୍ରୀ ଅମୃତସର ଉପକଣ୍ଠ ଜନବସତିରେ ପଡ଼ିଛି।



ପାକିସ୍ତାନର ସିଆଲକୋଟ୍‌ସ୍ଥିତ ଆତଙ୍କବାଦୀ ଲଞ୍ଚପ୍ୟାଡ୍‌କୁ ଶୁକ୍ରବାର ରାତିରେ ବିଏସ୍‌ଏଫ୍ ପକ୍ଷରୁ ଧ୍ୱଂସ କରିଦିଆଯାଇଛି।



ଶୁକ୍ରବାର ରାତିରେ ପାକିସ୍ତାନୀ ସେନାର ମୋର୍ଟାର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲା ମେଣ୍ଢର ସେକ୍ଟର ଅନ୍ତର୍ଗତ ବେହରା ଗ୍ରାମର ଏକ ଘରଛାତ।



ପାକିସ୍ତାନର ଗୁଳିଗୋଳା ଆକ୍ରମଣରେ ଶୁକ୍ରବାର ରାତିରେ ଜମ୍ମୁର ଜାକିର ହୁସେନ ନିହତ ହୋଇଥିବାବେଳେ ମୃତଦେହ ନିକଟରେ ତାଙ୍କ ଆତ୍ମୀୟସ୍ୱଜନ।

# ୫୬୫୪ ମାମଲା ଫଇସଲା, ୪୧.୯୮ ଲକ୍ଷ ଜରିମାନା

## ରାଷ୍ଟ୍ରୀୟ ଲୋକ ଅଦାଲତ

**ରାୟଗଡା,୧୦।୫(ଆଶିଷ ରଞ୍ଜନ ପଣ୍ଡା)**



ଲୋକ ଅଦାଲତରେ ଜଜ୍‌ମାନେ ମାମଲାର ଫଇସଲା କରୁଛନ୍ତି।

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଜିଲା ସିଭିଲ୍ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ଜିଲାର ବିଭିନ୍ନ କୋର୍ଟରେ ଦୀର୍ଘଦିନ ଧରି ପଡ଼ି ରହିଥିବା ୫୬୫୪ ମାମଲାର ଫଇସଲା କରାଯାଇ ୪୧ ଲକ୍ଷ ୯୮ ହଜାର ୫୦୭ ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏଥିରେ ରାୟଗଡ଼ା ଜିଲା ଅଦାଲତ ସମେତ ଗୁଣପୁର, ବିଷମକଟକ, କାଶୀପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତରେ ଦୀର୍ଘ ଦିନ ଧରି ପଡିରହିଥିବା ୧୧୯ ମାମଲାର ଫଇସଲା ହୋଇ ୩୯ ଲକ୍ଷ ୫୨ ହଜାର ୩୯୬ ଟଙ୍କାର ସେଟେଲମେଣ୍ଟ କରାଯାଇଛି। ସେହିପରି ରାଜସ୍ୱ ସମ୍ବନ୍ଧିତ ୫୫୨୮ଟି ମାମଲା ଫଇସଲା ହୋଇଛି। ପ୍ରିଲିଟିଗେଶନ ସମ୍ବନ୍ଧିତ ୭ଟି ମାମଲାର ଫଇସଲା ହୋଇ ସମୁଦାୟ ୨ ଲକ୍ଷ ୪୬ ହଜାର ୧୧୧ ଟଙ୍କାର ସେଟେଲମେଣ୍ଟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ପରିବାର ଅଦାଲତ ବିଚାରପତି ସଞ୍ଜିତ କୁମାର ବେହେରା, ମହିଳା କୋର୍ଟ ବିଚାରପତି ସସ୍ମିତା ମିଶ୍ର, ବରିଷ୍ଠ ଦେୱାନି ବିଚାରପତି ଆଶିଷ ପଟ୍ଟନାୟକ, ରେଜିଷ୍ଟ୍ରାର ରାଣା ଘୋଷ, କୋଲନରା ଗ୍ରାମ ନ୍ୟାୟଧିକାରୀ ଜ୍ୟୋତିର୍ମୟୀ ଷଡଙ୍ଗୀ, ଜେଏମ୍‌ଏଫ୍‌ସି ରିଚିମିଲନ ପାତ୍ରଙ୍କ ସମେତ ବାର୍ ଆସୋସିଏଶନର ସମସ୍ତ ଆଇନଜୀବୀ ଯୋଗଦେଇଥିଲେ।

# ଶର୍ଟ ସର୍କିଟରୁ ଜିଆଇଇଟିରେ ଅଗ୍ନିକାଣ୍ଡ



ଜିଆଇଇଟି ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ଲାବ୍‌ରେ ନିଆଁ ଲାଗି ଧୂଆଁ ବାହାରୁଛି ।

■ ଅଧାରୁ ବନ୍ଦହେଲା ଓଜେଇଇ ପରୀକ୍ଷା
■ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ

**ଗୁଣପୁର,୧୦।୫(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଶନିବାର ମଧ୍ୟାହ୍ନ ୧ଟା ୪୫ରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ବହୁ କ୍ଷତି ହୋଇଥିବା ଜଣାପଡିଛି। ଜିଆଇଇଟି ବିଶ୍ୱବିଦ୍ୟାଳୟର ୫ମହଲା କୋଠା (ସିଏସ୍‌ଇ) ବିଭାଗର କମ୍ପ୍ୟୁଟର ଲାବ୍‌ରେ ଏହି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ସୁଦ୍ଧା ଲାବ୍‌ରେ ଶର୍ଟ ସର୍କିଟରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଇଛି । ଅଗ୍ନିକାଣ୍ଡରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଲାବ୍‌ରେ ଥିବା ୧୪ଟି କମ୍ପ୍ୟୁଟର, ଟେବୁଲ ଚେୟାର, ସିଲିଂ ସର୍ଭର ରୁମ୍ ପୋଡ଼ି ନଷ୍ଟହୋଇଛି। ଏହାର ଆନୁମାନିକ ମୂଲ୍ୟ ୧କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓ ସୂଚନା ଦେଇଛନ୍ତି। ଖବରପାଇ ଗୁଣପୁର ଅଗ୍ନିଶମ ବାହିନୀର ଅଧିକାରୀ ରଜନୀକାନ୍ତ ଗୌଡ଼ ଅନ୍ୟ କର୍ମଚାରୀଙ୍କ ସହ ପହଞ୍ଚି ନିଆଁକୁ ଲିଭାଇଥିଲେ। ତେବେ ନିରାପତ୍ତା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଓଜେଇଇ ପରୀକ୍ଷା ଅଧାରୁ ବନ୍ଦକରି ଦିଆଯାଇଥିଲା। ୧୦୦ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଉଥିବା ବେଳେ ପରୀକ୍ଷା ସରିବା ପାଇଁ ଆଉ ମାତ୍ର ୪୦ ମିନିଟ୍ ରହିଥିଲା । ଏହା ସହ ଦ୍ୱିତୀୟ ଶିଫ୍ଟରେ ଥିବା ପରୀକ୍ଷାକୁ ମଧ୍ୟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି ।

# ମୃତଦେହକୁ ଶ୍ମଶାନ ମନା



ତହସିଲଦାର, ଝରିଗାଁ ଥାନାଧିକାରୀ ମୃତକଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

**ଝରିଗାଁ,୧୦।୫(କିଶୋର ଚନ୍ଦ୍ର ମଣ୍ଡଳ)**

■ ଧର୍ମ ପରିବର୍ତ୍ତନ କରିଥିବାରୁ ଗାଁ ଶ୍ମଶାନରେ ମୃତଦେହ ସତ୍କାର ବାରଣ
■ ନିଜ ଜିଦ୍‌ରେ ଅଟଳ ଗ୍ରାମବାସୀ, ମୃତକଙ୍କ ପରିବାର

କିଛି ବର୍ଷ ତଳେ ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିଲେ ପରିବାର ଲୋକେ। ଏହା ମଧ୍ୟରେ ଶୁକ୍ରବାର ରାତିରେ ଘରୁ ଜଣଙ୍କର ମୃତ୍ୟୁ ହୋଇଥିଲା। ତେବେ ଧର୍ମ ପରିବର୍ତ୍ତନ କରିଥିବାରୁ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଇଦେଲେନାହିଁ ଗ୍ରାମବାସୀ। ତେଣୁ ପ୍ରାୟ ୨୦ ଘଣ୍ଟା ପରେ ମଧ୍ୟ ମୃତଦେହ ସତ୍କାର ହୋଇପାରିନାହିଁ। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ବାଣୁଆଗୁଡ଼ା ପଞ୍ଚାୟତ ଦେଉଳକୋଣା ଗ୍ରାମରେ ଏହି ଘଟଣା ଘଟିଛି। ପୋଲିସ ଓ ବ୍ଲକ୍ ପ୍ରଶାସନିକ ଅଧିକାରୀ ପହଞ୍ଚି ଉଭୟ ଧର୍ମର ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ।

ସୂଚନାନୁଯାୟୀ, କିଛି ବର୍ଷ ତଳେ ଦେଉଳକୋଣା ଗ୍ରାମର ଡମ୍ବରୁଧର ହରିଜନଙ୍କ ପରିବାର ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମରେ ମିଶିଥିଲେ। ଶୁକ୍ରବାର ରାତିରେ ତାଙ୍କ ମା' ରୂପେୟା (୮୦)ଙ୍କ ମୃତ୍ୟୁ ହୋଇଥିଲା। ଧର୍ମ ପରିବର୍ତ୍ତନ କରିଥିବାରୁ ଗ୍ରାମବାସୀ ଗାଁ ଶ୍ମଶାନରେ ରୂପେୟାଙ୍କ ମୃତଦେହ ସତ୍କାର କରିବାକୁ ବାରଣ କରିଥିଲେ। ଅନ୍ୟପକ୍ଷରେ ଗାଁରେ ହିଁ ମୃତଦେହ ପୋତିବାକୁ ମୃତକଙ୍କ ପରିବାର ଜିଦ୍ କରିଛନ୍ତି। ଖବରପାଇ ଝରିଗାଁ ତହସିଲଦାର ସୁମନ୍ତ ପାତ୍ର, ଥାନାଧିକାରୀ ପ୍ରଦୀପ କୁମାର ଶବର, ଏଏସ୍ ଆଇ. କେଦାରନାଥ ରାଉତ, ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ବିଷୋୟୀ ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିଛନ୍ତି। ତଥାପି କିଛି ସୁଫଳ ମିଳିନାହିଁ। ପୋଲିସ ଏବେ ରୂପେୟାଙ୍କ ମୃତଦେହକୁ ଜବତକରି ଝରିଗାଁ ଆଣିଛି। ଏବେ ଯାଏ ସତ୍କାର ହୋଇ ନ ଥିବା ଥାନାଧିକାରୀ ପ୍ରଦୀପ କୁମାର ଶବର କହିଛନ୍ତି।

# ମୁଁ ବି ଗାଇବି, ମୁଁ ବି ନାଚିବି କାର୍ଯ୍ୟକ୍ରମ

**ଗୁଣପୁର, ୧୦।୫( ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର ଏମ ଆର୍ଟ ଭାରତୀୟ କଳା ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ଶୁକ୍ରବାର 'ମୁଁ ବି ଗାଇବି, ମୁଁ ବି ନାଚିବି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବାର୍ଷିକ ଉତ୍ସବ ପୂର୍ବରୁ ପ୍ରତିଭା ପ୍ରତିଯୋଗିତା -୨୦୨୫ ସିଜନ -୨ ମାଧ୍ୟମରେ ଘୁଙ୍ଗୁର ପ୍ରତିଭା ସମ୍ମାନ ପାଇଁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଭାବେ ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ସ୍ଥାନୀୟ ଆଦର୍ଶ ଥାନା ଏସ୍‌ଆଇ ସଞ୍ଜୀବ କୁମାର ପଟ୍ଟନାୟକ, ସଙ୍ଗୀତ କଳାରେ ନୈପୁଣ୍ୟତା ହାସଲ କରିଥିବା ଆଦର୍ଶ ଶିକ୍ଷକ ଏମ .କେଶବ ରାଓ, ଅନୁଷ୍ଠାନର ମୁଖ୍ୟ ତଥା ନିର୍ଦ୍ଦେଶକ ପ୍ରଣବ ଚୌଧୁରୀ ଓ ଶିକ୍ଷକ ସଞ୍ଜୀବ କୁମାର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହାପରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ କୁନିକୁନି ପ୍ରତିଯୋଗୀମାନେ ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ନିଖିଲ ପାଢ଼ୀ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ପୁଣି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାତ୍ର ଯୋଗଦେଇ କଳା, ସଂସ୍କୃତି ଓ ଆମ ପରମ୍ପରାଗତ ନୃତ୍ୟ କଳା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ତାଙ୍କ ସହ ଡାକ୍ତର ଲକ୍ଷ୍ମଣ କୁମାର ପାତ୍ର, ଅନୁଷ୍ଠାନର ଶ୍ରୀନୁବାସ ରାଓ ଓ ଗୁରୁ ସସ୍ମିତା ପଣ୍ଡା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରୀ ନବଦୁର୍ଗା ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ବଡଗୁଡ଼ା ଗ୍ରାମର କୁନି କୁନି ପିଲାମାନେ ନିଜଗୁରୁ ମୋହନ ଭାଇଙ୍କ ସହ ଆସି ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ ।



ପ୍ରତିଯୋଗୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଇଗ୍ନୁ ପକ୍ଷରୁ ପ୍ରାରମ୍ଭିକ ଅଧିଷ୍ଠାପନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**ରାୟଗଡା,୧୦।୫ (ଭାଗ୍ୟଶ୍ରୀ ମିଶ୍ର)**

ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟ (ଇଗ୍ନୁ ) ପାଠ୍ୟକେନ୍ଦ୍ର ତରଫରୁ ଶନିବାର ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛତ୍ରଙ୍କୁ ନେଇ ପ୍ରାରମ୍ଭିକ ଅଧିଷ୍ଠାପନ କାର୍ଯ୍ୟକ୍ରମ ସ୍ଥାନୀୟ ସୁବର୍ଣ୍ଣ ଜୁବୁଲି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷା ଡ. ସରସ୍ୱତୀ ରାୟ ଯୋଗଦେଇ ପ୍ରଥମେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ତାପରେ ଇଗ୍ନୁ ପାଠ୍ୟକ୍ରମ, ପରୀକ୍ଷା ପଦ୍ଧତି ଓ ଅନ୍ୟାନ୍ୟ ନୀତି ନିୟମ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରାଇଥିଲେ। କଲେଜର ପରୀକ୍ଷା ନିୟନ୍ତ୍ରକ ୱାଇ. ଭି. ସାଇମାଧବ ଇଗ୍ନୋ ପାଠ୍ୟକ୍ରମର ଉପଯୋଗିତା ସମ୍ପର୍କରେ ବୁଝାଇଥିଲେ। ରାଜନୀତି ବିଜ୍ଞାନର ବିଭଗୀୟ ମୁଖ୍ୟ ଅଧ୍ୟାପକ ପି. ଅରୁଣ କୁମାର, ସହାୟକ କର୍ମଚାରୀ ଭୀମ ପଣ୍ଡା, ଭି. ଶ୍ରୀକାନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଦୁର୍ଘଟଣାରେ ଜଣେ ମୃତ

**ପାପଡ଼ାହାଣ୍ଡି/ମୈଦଲପୁର, ୧୦।୫ (ସ୍ୱପ୍ନଜିତ ପଟ୍ଟନାୟକ/ ସଦାଶିବ ଦାସ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମୈଦଲପୁର ଥାନା ଚରାମୂଳା ପୋଲ ନିକଟରେ ଶୁକ୍ରବାର ରାତିରେ ଏକ ବାଇକ୍ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ମୈଦଲପୁର ଥାନା ଅଧୀନ ପୋଖନାଗୁଡ଼ାର ଡମ୍ବୁ ମାଝୀ। ଆହତ ଜଣଙ୍କ ହେଲେ ଉକ୍ତ ଗାଁର ସୁରେନ୍ଦ୍ର ନାୟକ।

ସୂଚନାନୁଯାୟୀ, ଚରାମୂଳା ଗାଁରେ ଚାଲିଥିବା ବାଲିଯାତ୍ରା ଦେଖିବାକୁ ଡମ୍ବୁ ଓ ସୁରେନ୍ଦ୍ର ଯାଇଥିଲେ। ସେଠାରୁ ମୈଦଲପୁର ଆଡ଼କୁ ଫେରିବାବେଳେ ପୋଲ ବାଡ଼କୁ ତାଙ୍କ ବାଇକ୍ ଧକ୍କାଦେଇଥିଲା। ଘଟଣାସ୍ଥଳରେ ଡମ୍ବୁଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଖଣ୍ଡା ଦେଖାଇ ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ୪୦ ହଜାର ଲୁଟ୍

**ପାପଡ଼ାହାଣ୍ଡି, ୧୦।୫ (ସ୍ୱପ୍ନଜିତ ପଟ୍ଟନାୟକ)**

ମୁଖା ପିନ୍ଧା ଦୁର୍ବୃତ୍ତମାନେ ଖଣ୍ଡା ଦେଖାଇ ବ୍ୟବସାୟୀଙ୍କଠାରୁ ଛଡ଼ାଇ ନେଲେ ୨ ଲକ୍ଷ ୪୦ ହଜାର ଟଙ୍କା। ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶନିବାର ସକାଳେ ନବରଙ୍ଗପୁର ଜିଲା ମୈଦଲପୁର ଥାନା ନୂଆକୋଟ ପଞ୍ଚାୟତ ସିନ୍ଧିଗୁଡ଼ା ନିକଟ ଚିଲିପଦର ଛକରେ ଏହି ଘଟଣା ଘଟିଛି।

ସୂଚନା ପ୍ରକାରେ ଶନିବାର ସକାଳ ୭ଟା ୩୦ରେ ସିନ୍ଧିଗୁଡ଼ା ଗ୍ରାମର କେ. ଏଙ୍କା ପାତ୍ର ୨ ଲକ୍ଷ ୪୦ ହଜାର ଟଙ୍କା ଧରି ଖଇରାସ୍ଥିତ ନିଜ ଦୋକାନକୁ ଯାଉଥିଲେ। ଏହି ସମୟରେ ୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ରାସ୍ତା ଉପରକୁ ଆସି ଖଣ୍ଡା ଦେଖାଇ ଟଙ୍କା ବ୍ୟାଗ୍ ଛଡ଼ାଇନେଇ ଘଟଣାସ୍ଥଳରୁ ପଳାଇଥିଲେ। ବ୍ୟବସାୟୀ କେ. ଏଙ୍କା ଏ ସମ୍ପର୍କରେ ପୋଲିସକୁ ଖବର ଦେବା ପରେ ମୈଦଲପୁର ଆଇଆଇସି ବିପିନ କୁଲଦୀପ, ଏଏସ୍‌ପି ଆଦିତ୍ୟ ସେନ, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ କେସ୍ ନଂ. ୩୯/୨୫ରେ ମାମଲା ରୁଜୁ କରିଛି। ମୁଖାପିନ୍ଧା ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ଗଞ୍ଜେଇ ଜବତ, ଜଣେ ଗିରଫ

**ବାଲିଗୁଡା,୧୦।୫ (ସଞ୍ଜୟ କୁମାର ପାଣିଗ୍ରାହୀ)**

ବାଲିଗୁଡ଼ା ଥାନା ବାରଖମାରୁ ଅନ୍ୟ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲଣ ହେଉଥିବା ଖବର ବାଲିଗୁଡ଼ା ପୋଲିସ ପାଇଥିଲା। ବାରଖମା ଫାଣ୍ଡିଅଧିକାରୀ ବିକାଶ ଜାଲଙ୍କ ନେତୃତ୍ୱରେ ପୋଲିସ ସଦଳବଳେ ଗାଡି (ଓଡ଼ି-୦୨-ଏସ-୧୯୯୯)କୁ ଅଟକାଇ ୫୬ କିଲୋ ୫୦୦ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଜଣଙ୍କୁ ଗିରଫ କରିଛି। ସେ ହେଲେ ବାରଖମା ଗ୍ରାମର ଡ଼ି. ବ୍ରୋଶ ଆଲାମ ଓରଫ ରିପୁ ଡିଗାଲ ବୋଲି ଜଣାପଡିଛି।

# ଜିଆଇଇଟିରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଗୁଣପୁର,୧୦।୫(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଗତ ୫ଦିନ ଧରି ଚାଲିଥିବା ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ବାଙ୍ଗାଲୋରସ୍ଥିତ ଇଣ୍ଟୁପଲ ଟେକ୍ନୋଲୋଜିର ଆପ୍ଲିକେଶନ ଇଞ୍ଜିନିୟର ପି.ରାଜେନ୍ଦ୍ର କୁମାର ଏବଂ ସଞ୍ଜୟ କୁମାର ପ୍ରମୁଖ ଯୋଗଦେଇ କେଡେନ୍ସ ସଫ୍ଟୱେରର ବ୍ୟବହାର, ଡିଜାଇନ ଫ୍ଲୋ ଓ ତାହାର ଅନୁପ୍ରୟୋଗ ବିଷୟରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଡିନ୍ ଡ. ଡୁଲୁ ପଟ୍ଟନାୟକ ଯୋଗଦେଇ କର୍ମଶାଳାର ଉପଯୋଗିତା ବିଷୟରେ କହିଥିଲେ । ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ଅନୁଷ୍ଠାନର ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ବିଭୁପ୍ରସାଦ ସ୍ୱାଗତ ଭାଷଣ ଦେଇ ଥିବାବେଳେ ଆବାହକ ଜିତେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ତୁଷାରକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଜଣେ ଅଧ୍ୟାପକଙ୍କୁ ପୁରସ୍କୃତ କରୁଛନ୍ତି ।

# ବିଧାୟକଙ୍କ ବିରୋଧରେ ବିଭ୍ରାନ୍ତିକର ଖବର ପ୍ରକାଶକୁ ବିରୋଧ

■ ଯୁବକଙ୍କ ନାଁରେ ୪ ଥାନାରେ ଏତଲା ଦେଲେ ବିଧାୟକ
■ ଖବରଦାତା ସମ୍ମିଳନୀରେ ସୂଚନା ଦେଲା ଜିଲା କଂଗ୍ରେସ

**ରାୟଗଡ଼ା/ମୁନିଗୁଡ଼ା,୧୦।୫(ଆଶିଷ ରଞ୍ଜନ ପଣ୍ଡା/ନନ୍ଦକିଶୋର ପଟ୍ଟନାୟକ)**



ଖବରଦାତା ସମ୍ମିଳନୀରେ ବିଧାୟକଙ୍କ ସହ କଂଗ୍ରେସ ନେତା ।



ମୁନିଗୁଡ଼ା ଥାନାରେ କଂଗ୍ରେସ କର୍ମକର୍ତ୍ତା ଅଭିଯୋଗପତ୍ର ଦେଉଛନ୍ତି ।

ରାୟଗଡ଼ା ଜିଲା ବିଷମକଟକ ନିର୍ବାଚନମଣ୍ଡଳୀ ବିଧାୟକ ନୀଳମାଧବ ହିକ୍‌କାଙ୍କ ନାଁରେ ଅଣପଞ୍ଜୀକୃତ ଖବରକାଗଜ ଓ ସୋସିଆଲ ମିଡିଆରେ ହୋଇଥିବା ବିଭ୍ରାନ୍ତିକର ଖବର ପରିବେଷଣକୁ ଜିଲା କଂଗ୍ରେସ ବିରୋଧ କରିଛି । ଏ ନେଇ ଶନିବାର ରାୟଗଡ଼ାସ୍ଥିତ ଏକ ହୋଟେଲରେ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଷମକଟକ ବିଧାୟକ ହିକ୍‌କା ଓ ବରିଷ୍ଠ କଂଗ୍ରେସ ନେତାମାନେ ପ୍ରକାଶିତ ଖବରକୁ ଖଣ୍ଡନ କରିଛନ୍ତି। ଏଥିସହ ଖବର ପରିବେଷଣ କରିଥିବା ସମ୍ପୃକ୍ତ ଖବରଦାତାଙ୍କ ନାଁରେ ବିଷମକଟକ ନିର୍ବାଚନମଣ୍ଡଳୀର କଲ୍ୟାଣସିଂହପୁର, ଚାନ୍ଦିଲି, ବିଷମକଟକ ଓ ମୁନିଗୁଡ଼ା ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି।

ବିଧାୟକ ହିକ୍‌କାଙ୍କ ସୂଚନା ଅନୁସାରେ ବିଷମକଟକର ଗୌରୀ ପାତ୍ର ନାମକ ଜଣେ ବ୍ୟକ୍ତି ଏକ ଅଣପଞ୍ଜୀକୃତ ଖବରକାଗଜ 'ଦ ନିୟମଗିରି ପୋଷ୍ଟ'ରେ ବିଭିନ୍ନ ବିଭ୍ରାନ୍ତିକର ଓ ଅଶାଳୀନ ମନ୍ତବ୍ୟ ଦେଇ ଖବର ପରିବେଷଣ କରିଛନ୍ତି । ତେଣୁ ତାଙ୍କ ବିରୋଧରେ ସମସ୍ତ ଥାନାରେ ଲିଖିତ ଏତଲା ଦିଆଯିବା ସହ ଜିଲାପାଳ ଓ ଏସ୍‌ପିଙ୍କୁ ମଧ୍ୟ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ଏ ନେଇ ଜିଲାପାଳ ଓ ଏସ୍‌ପି ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ହିକ୍‌କା ଓ କଂଗ୍ରେସ ନେତା ଦାବି କରିଛନ୍ତି। ବିଧାୟକ ହିକ୍‌କା ଅଭିଯୋଗ କରିଛନ୍ତି, ଗୌରୀ ସାମ୍ବାଦିକତା ନାଁରେ ଏବଂ ସୂଚନା ଆଇନ ଅଧିକାରର ଅପବ୍ୟବହାର କରି ଜନସାଧାରଣ, ଠିକାଦାର ଓ ଅଧିକାରୀଙ୍କଠାରୁ ବଟି ଆଦାୟ କରୁଛନ୍ତି। ଯେଉଁ ବ୍ୟକ୍ତି ତାଙ୍କ କଥାରେ ରାଜି ନ ହୁଅନ୍ତି ତାଙ୍କ ନାଁରେ ମିଥ୍ୟା ଖବର ପରିବେଷଣ କରନ୍ତି ।

ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଦୁର୍ଗାପ୍ରସାଦ ପଣ୍ଡା ମଧ୍ୟ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତି ଜଣକ ମିଥ୍ୟା ଖବର ପରିବେଷଣ କରିଛନ୍ତି ଏବଂ ଉକ୍ତ ଖବରକାଗଜ ପଞ୍ଜୀକୃତ ନୁହେଁ । ତେଣୁ ଉକ୍ତ ଖବରକାଗଜ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏହି ଖବରରେ କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା, କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜ, ବରିଷ୍ଠ କଂଗ୍ରେସ ନେତା ଦିଲୀପ ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକ, ଉପସଭାପତି ଅସଲାମ୍ ଖାନ୍, ଯୁବନେତା ଅଶୋକ ପୁଆଲା, ଏମ୍‌ପିଙ୍କ ପିଏ ବାପି ପଟ୍ଟନାୟକ ଓ ସମସ୍ତ ବ୍ଲକ କଂଗ୍ରେସ ସଭାପତି ଉପସ୍ଥିତ ଥିଲେ । ଏ ନେଇ ଗୌରୀ ପ୍ରସାଦ ପାତ୍ରଙ୍କୁ ଯୋଗାଯୋଗ କରିବାରୁ ବିଧାୟକ ଥାନାରେ ଯେଉଁ ଗୌରୀ ପାତ୍ରଙ୍କ ନାଁରେ ଏତଲା ଦେଇଛନ୍ତି ସେ ମୁଁ ନୁହେଁ । ତାଙ୍କ ନାଁ ଗୌରୀ ପ୍ରସାଦ ପାତ୍ର ବୋଲି କହିଛନ୍ତି। ତେଣୁ ବିଧାୟକ କେଉଁ ଗୌରୀ ପାତ୍ରଙ୍କ ନାଁରେ ଏତଲା ଦେଇଛନ୍ତି ସେ ଜାଣିନାହାନ୍ତି ବୋଲି କହିଛନ୍ତି । ଅନ୍ୟପକ୍ଷେ ଗୌରୀ ପ୍ରସାଦ ପାତ୍ର କହିଛନ୍ତି, ସେ ପୂର୍ବରୁ କଂଗ୍ରେସ ସହ ଜଡ଼ିତ ରହିଥିଲେ । ହେଲେ ଏପ୍ରିଲ ୨୪ରୁ ସେ ଦଳରେ ନାହାନ୍ତି ଏବଂ ସେ କୌଣସି କାର୍ଯ୍ୟରେ ସମ୍ପୃକ୍ତ ନାହାନ୍ତି ବୋଲି କହିଛନ୍ତି।

ମୁନିଗୁଡ଼ା ବ୍ଲକ୍ କଂଗ୍ରେସ ସଭାପତି ନୀଳାମ୍ବର ବିଭାରଙ୍କ ନେତୃତ୍ୱରେ ବ୍ଲକ୍ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରା, ଏମ୍‌ପି ପ୍ରତିନିଧି ରଜନୀକାନ୍ତ ପଡ଼ାଲ, କଂଗ୍ରେସ ସଭାନେତ୍ରୀ ତଥା ସରପଞ୍ଚ ସରସ୍ୱତୀ ଶବର, ଚନ୍ଦ୍ରଜିତ ଯାଦବ, ପ୍ରସାଦ ମହାଙ୍କୁଡ, ଲାଡି ଗୌରୀଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ମୁନିଗୁଡ଼ା ଥାନାରେ ପହଞ୍ଚି ଲିଖିତ ଅଭିଯୋଗପତ୍ର ଏସ୍‌ଆଇ ବିକାଶ ଦେବନାଥଙ୍କୁ ପ୍ରଦାନ କରିଛନ୍ତି ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ବାଲିଗୁଡ଼ା,୧୦।୫ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଥାନା ବାରଖମାରୁ ଅନ୍ୟ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲଣ ହେଉଥିବା ଖବର ବାଲିଗୁଡ଼ା ପୋଲିସ ପାଇଥିଲା। ବାରଖମା ଫାଣ୍ଡିଅଧିକାରୀ ବିକାଶ ଜାଲଙ୍କ ନେତୃତ୍ୱରେ ପୋଲିସ ସଦଳବଳେ ଗାଡି (ଓଡ଼ି-୦୨-ଏସ-୧୯୯୯)କୁ ଅଟକାଇ ୫୬ କିଲୋ ୫୦୦ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଜଣଙ୍କୁ ଗିରଫ କରିଛି। ସେ ହେଲେ ବାରଖମା ଗ୍ରାମର ଡ଼ି. ବ୍ରୋଶ ଆଲାମ ଓରଫ ରିପୁ ଡିଗାଲ ବୋଲି ଜଣାପଡିଛି।

### ଦାଦାବଟି ମାଗି ଯୁବକ ଗିରଫ

ବେଲଗୁଣ୍ଠା,୧୦।୫,( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଗାଙ୍ଗପୁର ଥାନା ଅନ୍ତର୍ଗତ କୁମୁଣ୍ଡି ବିଞ୍ଜିଗିରୀ ରାସ୍ତା ମଝିରେ ଜଣେ କଣ୍ଟ୍ରାକ୍ଟରଙ୍କୁ ଦାଦାବଟି ମାଗି ସହ ତାଙ୍କୁ ଆକ୍ରମଣ ଅଭିଯୋଗରେ ଶନିବର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୋଗ କରିଥିବା କଣ୍ଟ୍ରାକ୍ଟର ଜଣଙ୍କ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଆମ୍ବପୁଆ ଗ୍ରାମର ସୁଶାନ୍ତ ସାହୁ। ସୁଶାନ୍ତଙ୍କ ଅଭିଯୋଗ ପ୍ରକାରେ ଗତ ଚାରିବର୍ଷ ଧରି ସୁଶାନ୍ତ ଜଣେ କଣ୍ଟ୍ରାକ୍ଟର ଭାବେ ବୋରୀ ଛକ ଠାରୁ ବିଞ୍ଜିଗିରୀ, ସିଆରିମାଳ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା କାମରେ ଅଂଶୀଦାର ଅଛନ୍ତି। ଆଜି ସକାଳ ସାତ ଘଣ୍ଟା ତିରିଶି ମିନିଟ ସମୟରେ ସୁଶାନ୍ତ OD୩୨K୩୩୫୭ ନମ୍ବର୍ ବିଶିଷ୍ଟ ଏକ ମୋଟରସାଇକେଲ ରେ ବେଲଗୁଣ୍ଠାରୁ ଆସି କୁମୁଣ୍ଡି ଠାରୁ ବିଞ୍ଜିଗିରୀ ପର୍ଯ୍ୟନ୍ତ ରାସ୍ତା କାମର ତଦାରଖ କରୁଥିଲେ। ଏହି ସମୟରେ ଦୁଇଜଣ ଯୁବକ OD୧୬୪୬୩୧ ନମ୍ବର୍ ବିଶିଷ୍ଟ ଏକ ନାଲି ରଙ୍ଗର ମୋଟରସାଇକେଲ ରେ ଆସି ସୁଶାନ୍ତଙ୍କ ନିକଟରେ ପହଞ୍ଚି ଥିଲେ। ଯୁବକ ଦୁଇ ଜଣ ହେଉଛନ୍ତି ଗାଙ୍ଗପୁର ଥାନା ଅନ୍ତର୍ଗତ ବାରଟା ଗ୍ରାମର କାହ୍ନା ସୱାଇଁ ଏବଂ ପାଳକଷଣ୍ଠା ଗ୍ରାମର ଦିଲ୍ଲୀପ କୁମାର ରାଜ ଜେନା। ସେମାନେ ପୂର୍ବରୁ ସୁଶାନ୍ତଙ୍କୁ ଦାଦାବଟି ମାଗି ଆସୁଥିବା ବେଳେ ଆଜି ମଧ ଦାଦା ବଟି ମାଗିଥିଲେ। କିନ୍ତୁ ସୁଶାନ୍ତ ଦାଦାବଟି ଦେବାକୁ ମନା କରିଦେବାରୁ କାହ୍ନା ଏକ ଷ୍ଟିଲ ଖଣ୍ଡା ଦେଖାଇ ସୁଶାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହିତ ଦାଦା ବଟି ନଦେଲେ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲା। ଦୁଇ ଯୁବକଙ୍କ ଆକ୍ରମଣରେ ସୁଶାନ୍ତ ତଳେ ପ ପରେ ସେମାନେ ଜୋରଜବରଦସ୍ତ ସୁଶାନ୍ତଙ୍କ ପକେଟ ରୁ ନଗଦ ପାଞ୍ଚ ହଜାର ଟଙ୍କା ଛ ନେଇଯାଇଥିଲେ। ସୁଶାନ୍ତଙ୍କ ଚିତ୍କାର ଶୁଣି କିଛି ଦୂରରେ ଥିବା ଚନ୍ଦନ ସେଠୀ ନାମକ ଅନ୍ୟଜଣେ କର୍ମଚାରୀ ସେଠାକୁ ଆସିଯିବାରୁ ଉଭୟ ଆକ୍ରମଣକାରୀ ସୁଶାନ୍ତଙ୍କୁ ଛା ଘଟଣା ସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଏନେଇ ସୁଶାନ୍ତ ଗାଙ୍ଗପୁର ଥାନାରେ ଏତାଲା ଦେବାପରେ ସୁଶାନ୍ତଙ୍କ ଏତାଲାକୁ ଭିତ୍ତିକରି ୩୦୭/୨୫ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତକାରୀ ଅଧିକାରୀ ତଥା ଗାଙ୍ଗପୁର ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ଅଭିଯୁକ୍ତ କାହ୍ନାକୁ ଗିରଫ କରି ତାଠାରୁ ନଗଦ ୪୨୦୦ ଟଙ୍କା ଏବଂ ଏକ ଖଣ୍ଡା ଜବତ କରିଥିଲେ। ଅଭିଯୁକ୍ତ କାହ୍ନାକୁ କୋର୍ଟଚାଲାଣ କରାଯାଇଥିବା ଗାଙ୍ଗପୁର ଥାନା ଅଧିକାରୀ ଶ୍ରୀମତୀ ପୂଜାରୀ ପ୍ରକାଶ କରିଛନ୍ତି।

# ମୃତଦେହକୁ ଶ୍ମଶାନ ମନା



ତହସିଲଦାର, ଝରିଗାଁ ଥାନାଧିକାରୀ ମୃତକଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

ଝରିଗାଁ,୧୦।୫(କିଶୋର ଚନ୍ଦ୍ର ମଣ୍ଡଳ)

- ଧର୍ମ ପରିବର୍ତ୍ତନ କରିଥିବାରୁ ଗାଁ ଶ୍ମଶାନରେ ମୃତଦେହ ସତ୍କାର ବାରଣ
- ନିଜ ଜିଦ୍‌ରେ ଅଟଳ ଗ୍ରାମବାସୀ, ମୃତକଙ୍କ ପରିବାର

କିଛି ବର୍ଷ ତଳେ ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିଲେ ପରିବାର ଲୋକେ। ଏହା ମଧ୍ୟରେ ଶୁକ୍ରବାର ରାତିରେ ଘରୁ ଜଣଙ୍କର ମୃତ୍ୟୁ ହୋଇଥିଲା। ତେବେ ଧର୍ମ ପରିବର୍ତ୍ତନ କରିଥିବାରୁ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଇଦେଲେନାହିଁ ଗ୍ରାମବାସୀ। ତେଣୁ ପ୍ରାୟ ୨୦ ଘଣ୍ଟା ପରେ ମଧ ମୃତଦେହ ସତ୍କାର ହୋଇପାରିନାହିଁ। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ବାଣୁଆଗୁଡ଼ା ପଞ୍ଚାୟତ ଦେଉଳକୋଣା ଗ୍ରାମରେ ଏହି ଘଟଣା ଘଟିଛି। ପୋଲିସ ଓ ବ୍ଲକ୍ ପ୍ରଶାସନିକ ଅଧିକାରୀ ପହଞ୍ଚି ଉଭୟ ଧର୍ମର ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ କିଛି ସୁଫଳ ମିଳିନାହିଁ।

ସୂଚନାନୁଯାୟୀ, କିଛି ବର୍ଷ ତଳେ ଦେଉଳକୋଣା ଗ୍ରାମର ଡମ୍ବରୁଧର ହରିଜନଙ୍କ ପରିବାର ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମରେ ମିଶିଥିଲେ। ଶୁକ୍ରବାର ରାତିରେ ତାଙ୍କ ମା' ରୂପେୟା (୮୦)ଙ୍କ ମୃତ୍ୟୁ ହୋଇଥିଲା। ଧର୍ମ ପରିବର୍ତ୍ତନ କରିଥିବାରୁ ଗ୍ରାମବାସୀ ଗାଁ ଶ୍ମଶାନରେ ରୂପେୟାଙ୍କ ମୃତଦେହ ସତ୍କାର କରିବାକୁ ବାରଣ କରିଥିଲେ। ଅନ୍ୟପକ୍ଷରେ ଗାଁରେ ହିଁ ମୃତଦେହ ପୋତିବାକୁ ମୃତକଙ୍କ ପରିବାର ଜିଦ୍ କରିଛନ୍ତି। ଖବରପାଇ ଝରିଗାଁ ତହସିଲଦାର ସୁମନ୍ତ ପାତ୍ର, ଥାନାଧିକାରୀ ପ୍ରଦୀପ କୁମାର ଶବର, ଏଏସ୍ ଆଇ. କେଦାରନାଥ ରାଉତ, ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ବିଷୋୟୀ ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିଛନ୍ତି। ତଥାପି କିଛି ସୁଫଳ ମିଳିନାହିଁ। ପୋଲିସ ଏବେ ରୂପେୟାଙ୍କ ମୃତଦେହକୁ ଜବତକରି ଝରିଗାଁ ଆଣିଛି। ଏବେ ଯାଏ ସତ୍କାର ହୋଇ ନ ଥିବା ଥାନାଧିକାରୀ ପ୍ରଦୀପ କୁମାର ଶବର କହିଛନ୍ତି।

# ୧୫ହଜାର ୪୦୭ ରାଜସ୍ୱ ମାମଲା ଫଇସଲା



ଏକ କେସ୍‌ର ଫଇସଲା କରାଯାଉଛି।

ନବରଙ୍ଗପୁର,୧୦।୫
(ସଦାଶିବ ପ୍ରହରାଜ)

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୫**

ନବରଙ୍ଗପୁର ଡିଏଲ୍‌ଏସ୍‌ଏ ପକ୍ଷରୁ ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକାରଣ ଅଧକ୍ଷ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଠାରେ ୨୦୧ କୋର୍ଟ କେସ୍ ଓ ୧୫ହଜାର ୪୦୭ ଗୋଟି ରାଜସ୍ୱ ମାମଲାର ଫଇସଲା କରାଯାଇ ୪ଲକ୍ଷ ୭୦ହଜାର ୩୦୩ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କର ୯ ପ୍ରାକ୍ ମକଦ୍ଦମା ମଧ ଫଇସଲା କରାଯାଇ ଟ.୧ଲକ୍ଷ ୯୮ହଜାର ୧୦୦ ଟଙ୍କା ଋଣ ଆଦାୟ କରାଯାଇଛି। ଟିପିଏସ୍‌ଓଡିଏଲ୍ ୫୫୯ ପ୍ରାକ୍ ମକଦ୍ଦମା ମଧ ଫଇସଲା କରାଯାଇ ୮୪ଲକ୍ଷ ୬୨ହଜାର ୪୬୩ ଟଙ୍କା ଆଦାୟ କରାଯାଇଛି।

ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତି ୪ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା ଫଇସଲା କରିଛନ୍ତି। ସେଥିରୁ ୩୧ଲକ୍ଷ ୩୨ହଜାର ୭୬୦ ଟଙ୍କା କ୍ଷତିପୂରଣ ଆଦାୟ କରାଯାଇଛି। ପରିବାର ବିଚାରବିଭାଗୀୟ ଜଜ୍ ଲିଲିପ୍ତା ପଶାୟତ ୧୦ ପାରିବାରିକ ବିବାଦ ସମାଧାନ କରିଛନ୍ତି। ସେଥିମଧ୍ୟରୁ ୨ଟି କେସ୍‌ରେ ଦୀର୍ଘଦିନ ବିବାଦର ଅନ୍ତ ଘଟାଇ ଦମ୍ପତିଙ୍କ ମଧ୍ୟରେ ଆପୋସ ମିଳାମିଶା କରାଯାଇଛି। ବରିଷ୍ଠ ଦେୱାନୀ ଜଜ୍ ମୋନିତା ତ୍ରିପାଠୀ ୩ଟି ବ୍ୟାଙ୍କ ଋଣଦେୟ ସମ୍ବନ୍ଧୀୟ ବିବାଦର ଫଇସଲା କରିଛନ୍ତି। ସେଥିରୁ ୨ଲକ୍ଷ ୨୭ ହଜାର ୨୫୪ ଟଙ୍କା ଋଣ ଆଦାୟ କରାଯାଇଛି। ଗୋଟିଏ ଦେୱାନୀ କେସ୍ ଫଇସଲା କରିଛନ୍ତି। ମହିଳା କୋର୍ଟ ବରିଷ୍ଠ ଦେୱାନୀ ଜଜ୍ ୪ ଫୌଜଦାରି ମକଦ୍ଦମା, ସେହିଭଳି ଉପଖଣ୍ଡ ବିଚାରବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟ ଶଙ୍କର ମହନ୍ତ ୯୩ ଫୌଜଦାରି ଓ ୩ ଏନ୍‌ଆଇ ଆକ୍ଟ କେସ୍ ସମାଧାନ କରିଛନ୍ତି। ଦ୍ୱିତୀୟ ଶ୍ରେଣୀ ବିଚାରବିଭାଗୀୟ ଦଣ୍ଡାଧିକାରୀ ଅଙ୍କିତା ପାଣିଗ୍ରାହୀ ୧ଟି ଫୌଜଦାରି ମକଦ୍ଦମା ସମାଧାନ କରିଛନ୍ତି। ଏଠାରେ ଅତିରିକ୍ତ ଜିଲା ଜଜ୍ ବିଷ୍ଣୁପ୍ରସାଦ ମିଶ୍ର, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ସୀମା ତ୍ରିପାଠୀ ଓ ରେଜିଷ୍ଟ୍ରାର (ଜିଲା କୋର୍ଟ) ସୁକାନ୍ତ କିଶୋର ଜେନା ଯୋଗଦେଇଥିଲେ। ଡିଏଲ୍‌ଏସ୍‌ଏ ସଚିବ ସାଇ ଅଭିପ୍ସା ଗୋଚ୍ଛାୟତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳନା କରିଥିଲେ। ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ମହିଳାଙ୍କୁ ଅସଦାଚରଣ, ଆକ୍ରମଣ ଅଭିଯୋଗ

ଦିଗପହଣ୍ଡି,୧୦।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ୍ ଚକାଡେନ୍ତୁଲି ଗ୍ରାମର ରାଜେନ୍ଦ୍ର ସ୍ୱାଇଁ ଘରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ବବି ସ୍ୱାଇଁଙ୍କୁ ତାଙ୍କ ଗାଁର ରିଣ୍ଟୁ ଗୌଡ଼ ଘରେ ପଶି ଅସଦାଚରଣ ପ୍ରଦର୍ଶନ କରିବା ସହ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବବି ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ନଂ.୧୬୮/୨୫ରେ ଏକ ମାମଲା ରୁଜୁ କରି ଏସଆଇ ସୋଫିଆ ମିଶ୍ରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୪ ଟାରେ ବବି ତାଙ୍କ ଘର ସଫା କରୁଥିବା ବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ରିଣ୍ଟୁ ତାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ ପ୍ରଦର୍ଶନ କରିବା ସହ ନିସ୍ଥୁକ ମାଡ ମାରିବାରୁ ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ସାନଝିଅ ଦୌଡ଼ି ଯାଇ ରାଜେନ୍ଦ୍ରଙ୍କୁ ଡାକିଥିଲେ। ରାଜେନ୍ଦ୍ର ଆସିବା ଦେଖି ରିଣ୍ଟୁ ଦୌଡ଼ି ପଳାଇଥିଲେ। ବବିଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ଘଟଣାର ପରଦିନ ବବି ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ପୂର୍ବ ଶତ୍ରୁତାର ସମାଧାନ ପାଇଁ ଗତ ୩ରେ ଉଭୟ ପରିବାର ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଉକ୍ତ ଚୁକ୍ତିକୁ ଉଲଂଘନ କରି ରିଣ୍ଟୁ ତାଙ୍କୁ ଘରେ ପଶି ଜୀବନରେ ମାରିଦେବାକୁ ଧମକ ଦେବା ସହ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ରହିଛି।

# ବାଲିଯାତ୍ରା ଦେଖି ଫେରିବାବେଳେ ଦୁର୍ଘଟଣା

**ଜଣେ ମୃତ, ଜଣେ ଗୁରୁତର**

ପାପଡ଼ାହାଣ୍ଡି/ମୈଦଲପୁର, ୯।୫
(ସ୍ୱପ୍ନଜିତ ପଟ୍ଟନାୟକ/ ସଦାଶିବ ଦାସ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମୈଦଲପୁର ଥାନା ଚରାମୂଳା ପୋଲ ନିକଟରେ ଶୁକ୍ରବାର ରାତିରେ ଏକ ବାଇକ୍ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ମୈଦଲପୁର ଥାନା ଅଧୀନ ପୋଖନାଗୁଡ଼ାର ଡମ୍ବୁ ମାଝୀ। ଆହତ ଜଣଙ୍କ ହେଲେ ଉକ୍ତ ଗାଁର ସୁରେନ୍ଦ୍ର ନାୟକ।

ସୂଚନାନୁଯାୟୀ, ଚରାମୂଳା ଗାଁରେ ଚାଲିଥିବା ବାଲିଯାତ୍ରା ଦେଖିବାକୁ ଡମ୍ବୁ ଓ ସୁରେନ୍ଦ୍ର ଯାଇଥିଲେ। ସେଠାରୁ ମୈଦଲପୁର ଆଡ଼କୁ ଫେରିବାବେଳେ ପୋଲ ବାଡ଼କୁ ତାଙ୍କ ବାଇକ୍ ଧକ୍କାଦେଇଥିଲା। ଘଟଣାସ୍ଥଳରେ ଡମ୍ବୁଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ସୁରେନ୍ଦ୍ରଙ୍କୁ ଉଦ୍ଧାରକରି ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଖବରପାଇ ମୈଦଲପୁର ଥାନା ଆଇଆଇସି ବିପିନ କୁମାର କୁଳଦୀପ ଓ ଏଏସ୍‌ଆଇ କମଳ ଲୋଚନ ନାୟକ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପୋଲିସ କେସ୍ ନଂ. ୩୮/୨୫ରେ ମାମଲା ରୁଜୁକରି ତଦନ୍ତ କରୁଛି।

## ବାଲିଯାତ୍ରାରେ ବାଇକ୍ ଚୋରି, ଥାନାରେ ଏତଲା

ପାପଡ଼ାହାଣ୍ଡି,୧୦।୫(ସ୍ୱପ୍ନଜିତ ପଟ୍ଟନାୟକ)



ଥାନାରେ ଅଭିଯୋଗ କରିବାକୁ ଆସିଥିବା ପଙ୍କଜ।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଅଧୀନ ମନ୍ତ୍ରୀଗୁଡ଼ାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଇକ୍ ଚୋରି ହୋଇଛି। ଏ ନେଇ ଗାଡ଼ି ମାଲିକ ପାପଡ଼ାହାଣ୍ଡି ଥାନାରେ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ଶୁକ୍ରବାର ମନ୍ତ୍ରୀଗୁଡ଼ାରେ ଚାଲିଥିବା ବାଲିଯାତ୍ରାର ଶେଷ ଦିନ ଥିଲା। ଅମଲାଭଟ୍ଟା ପଞ୍ଚାୟତ ଡେଙ୍ଗାଗୁଡ଼ା ଗାଁର ପଙ୍କଜ ବିଷୋୟୀ ଏହାକୁ ଦେଖିବାକୁ ମନ୍ତ୍ରୀଗୁଡ଼ାସ୍ଥିତ ତାଙ୍କ ଭଉଣୀଙ୍କ ଘରକୁ ଯାଇଥିଲେ। ଯାତ୍ରା ଦେଖି ଫେରିବା ପରେ ସମସ୍ତେ ଖାଇ ଶୋଇଥିଲେ। ପଙ୍କଜ ତାଙ୍କ ବାଇକ୍ (ଓଡି-୨୪କେ-୦୬୪୦) କୁ ଘର ବାହାରେ ରଖିଥିଲେ। କିନ୍ତୁ ସକାଳୁ ଉଠି ଦେଖିବା ବେଳକୁ ତାଙ୍କ ଗାଡ଼ି ନ ଥିଲା। ବହୁ ଖୋଜାଖୋଜି ପରେ ବାଇକ୍ ନ ମିଳିବାରୁ ସେ ପାପଡ଼ାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବର୍ଷେ ତଳେ ଋଣ କରି ଗାଡ଼ିଟିକୁ କିଣିଥିବା ପଙ୍କଜ ଦୁଃଖର ସହ କହିଛନ୍ତି।

## ଶର୍ଟ ସର୍କିଟରୁ ଜିଆଇଇଟିରେ ଅଗ୍ନିକାଣ୍ଡ



ଜିଆଇଇଟି ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ଲାବ୍‌ରେ ନିଆଁ ଲାଗି ଧୂଆଁ ବାହାରୁଛି।

ଗୁଣପୁର,୧୦।୫(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଶନିବାର ମଧ୍ୟାହ୍ନ ୧ଟା ୪୫ରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ବହୁ କ୍ଷତି ହୋଇଥିବା ଜଣାପଡିଛି। ଜିଆଇଇଟି ବିଶ୍ୱବିଦ୍ୟାଳୟର ୫ମହଲା କୋଠା (ସିଏସ୍‌ଇ) ବିଭାଗର କମ୍ପ୍ୟୁଟର ଲାବ୍‌ରେ ଏହି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ସୁଦ୍ଧା ଲାବ୍‌ରେ ଶର୍ଟ ସର୍କିଟରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଇଛି। ଅଗ୍ନିକାଣ୍ଡରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଲାବ୍‌ରେ ଥିବା ୧୪ଟି କମ୍ପ୍ୟୁଟର, ଟେବୁଲ ଚେୟାର, ସିଲିଂ ସର୍ଭର ରୁମ୍ ପୋଡ଼ି ନଷ୍ଟହୋଇଛି। ଏହାର ଆନୁମାନିକ ମୂଲ୍ୟ ୧କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓ ସୂଚନା ଦେଇଛନ୍ତି। ଖବରପାଇ ଗୁଣପୁର ଅଗ୍ନିଶମ ବାହିନୀର ଅଧିକାରୀ ରଜନୀକାନ୍ତ ଗୌଡ଼ ଅନ୍ୟ କର୍ମଚାରୀଙ୍କ ସହ ପହଞ୍ଚି ନିଆଁକୁ ଲିଭାଇଥିଲେ। ତେବେ ନିରାପତ୍ତା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଓଜେଇଇ ପରୀକ୍ଷା ଅଧାରୁ ବନ୍ଦକରି ଦିଆଯାଇଥିଲା। ୧୦୦ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଉଥିବା ବେଳେ ପରୀକ୍ଷା ସରିବା ପାଇଁ ଆଉ ମାତ୍ର ୪୦ ମିନିଟ୍ ରହିଥିଲା। ଏହା ସହ ଦ୍ୱିତୀୟ ଶିଫ୍ଟରେ ଥିବା ପରୀକ୍ଷାକୁ ମଧ ବନ୍ଦ କରି ଦିଆଯାଇଥିବା ଜଣାପଡିଛି।

## ଖଣ୍ଡା ଦେଖାଇ ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ୪୦ ହଜାର ଲୁଟ୍



ଘଟଣାସ୍ଥଳରେ ତଦନ୍ତ ଚାଲିଛି।

ପାପଡ଼ାହାଣ୍ଡି, ୧୦।୫ (ସ୍ୱପ୍ନଜିତ ପଟ୍ଟନାୟକ)

ମୁଖା ପିନ୍ଧା ଦୁର୍ବୃତ୍ତମାନେ ଖଣ୍ଡା ଦେଖାଇ ବ୍ୟବସାୟୀଙ୍କଠାରୁ ଛଡ଼ାଇ ନେଲେ ୨ ଲକ୍ଷ ୪୦ ହଜାର ଟଙ୍କା। ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶନିବାର ସକାଳେ ନବରଙ୍ଗପୁର ଜିଲା ମୈଦଲପୁର ଥାନା ନୂଆକୋଟ ପଞ୍ଚାୟତ ସିନ୍ଧିଗୁଡ଼ା ନିକଟ ଚିଲିପଦର ଛକରେ ଏହି ଘଟଣା ଘଟିଛି।

ସୂଚନା ପ୍ରକାରେ ଶନିବାର ସକାଳ ୭ଟା ୩୦ରେ ସିନ୍ଧିଗୁଡ଼ା ଗ୍ରାମର କେ. ଏଙ୍କା ପାତ୍ର ୨ ଲକ୍ଷ ୪୦ ହଜାର ଟଙ୍କା ଧରି ଖଇରାସ୍ଥିତ ନିଜ ଦୋକାନକୁ ଯାଉଥିଲେ। ଏହି ସମୟରେ ୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ରାସ୍ତା ଉପରକୁ ଆସି ଖଣ୍ଡା ଦେଖାଇ ଟଙ୍କା ବ୍ୟାଗ୍ ଛଡ଼ାଇନେଇ ଘଟଣାସ୍ଥଳରୁ ପଳାଇଥିଲେ। ବ୍ୟବସାୟୀ କେ. ଏଙ୍କା ଏ ସମ୍ପର୍କରେ ପୋଲିସକୁ ଖବର ଦେବା ପରେ ମୈଦଲପୁର ଆଇଆଇସି ବିପିନ କୁଳଦୀପ, ଏଏସ୍‌ପି ଆଦିତ୍ୟ ସେନ, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ କେସ୍ ନଂ. ୩୯/୨୫ରେ ମାମଲା ରୁଜୁ କରିଛି। ମୁଖାପିନ୍ଧା ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ସରକାରୀ ଯୋଜନାକୁ ଅନେଇ ବସିଛନ୍ତି କାନଗୁଡ଼ାବାସୀ

ନବରଙ୍ଗପୁର,୧୦।୫(ସଦାଶିବ ପ୍ରହରାଜ)



ବନ୍ଦ ହୋଇ ପଡ଼ିଥିବା ଗାଁ ସ୍କୁଲ।

- ନାହିଁ ଉଠାଜଳସେଚନ ବ୍ୟବସ୍ଥା, ପ୍ରାଣୀ ଚିକିତ୍ସାଳୟ
- ସ୍କୁଲ ନ ଥିବାରୁ ୪ କିମି ଦୂରକୁ ଯାଇ ପଢ଼ୁଛନ୍ତି ଗାଁ ପିଲା
- ଆକ୍ସନ ପ୍ଲାନ୍‌ରେ ଅର୍ଥ ରଖାଯାଇଥିବା କହିଲେ ବିଡିଓ

ରାଜ୍ୟ ଓ କେନ୍ଦ୍ର ସରକାର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଅନେକ ଯୋଜନା କରିଛନ୍ତି। ତେବେ ଏବେବି ଅନେକ ଗାଁରେ ସରକାରୀ ଯୋଜନାର ସୁଫଳ ମିଳିନାହିଁ। ଏହିଭଳି ଏକ ଗାଁ ହେଉଛି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ମଦେଗାଁ ପଞ୍ଚାୟତ ଅଧୀନ କାନଗୁଡ଼ା ଗାଁ।

ସୂଚନାନୁଯାୟୀ, କାନଗୁଡ଼ା ଗାଁରେ ୨୨ ପରିବାର ବସବାସ କରୁଛନ୍ତି। କୃଷି ସମସ୍ତଙ୍କ ମୁଖ୍ୟ ପେଷା। ଏଠାକାର ଲୋକେ ଧାନ, ମକା ବ୍ୟତୀତ ଗୋପାଳନ ମଧ କରନ୍ତି। ଏଠି ଲୋକେ ଚାଷ ପାଇଁ ବର୍ଷା ଉପରେ ନିର୍ଭର କରନ୍ତି। ଉଠାଜଳସେଚନ ବ୍ୟବସ୍ଥା କରାଗଲେ କୃଷିର ଉନ୍ନତି ହେବା ସହ ଚାଷୀଙ୍କ ରୋଜଗାର ବୃଦ୍ଧି ହୋଇପାରନ୍ତା ବୋଲି ଚାଷୀ କହିଛନ୍ତି। ଗାଁରେ ୨୨ ପରିବାର ୨୦୦ରୁ ଊର୍ଦ୍ଧ୍ୱ ଗାଈ, ମେଣ୍ଢା, ଛେଳି, ବତକ ଓ କୁକୁଡ଼ା ଆଦି ପାଳନକରି ଅନ୍ୟ ଗାଁ ପାଇଁ ପ୍ରେରଣା ଆଣିଛନ୍ତି। ଗାଈ, ଛେଳି, ମେଣ୍ଢା ପାଇଁ ଗୁହାଳ କରିବାକୁ ଆବେଦନ କରିଛନ୍ତି ଗୋପୀ ସାନ୍ତା। ସେ ନିଜେ ୧୪ ଗାଈ ରଖିଥିବା କହିଛନ୍ତି। ଗାଁର ଘସିନୀ ସାନ୍ତା, ଇଚ୍ଛାବତୀ ସାନ୍ତା, ସନାଇ ସାନ୍ତା, ହରବତୀ ସାନ୍ତା, ମଙ୍ଗଳଦେଇ ସାନ୍ତା, ତ୍ରିଲୋଚନ ସାନ୍ତା ପ୍ରମୁଖ ଗୁହାଳ ପାଇଁ ଆବେଦନ କରିଛନ୍ତି। ଗୋରୁ ରୋଗାକ୍ରାନ୍ତ ହେଲେ ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ।୯ କି.ମି. ଦୂର ଚିର୍ମା ପଞ୍ଚାୟତକୁ ଯିବାକୁ ପଡୁଛି ବୋଲି ତୁଳାରାମ ଜାନୀ ଓ ଈଶ୍ୱର ଜାନୀ କହିଛନ୍ତି।

ଗାଁକୁ ସୋଲାର ମାଧ୍ୟମରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହୋଇଛି। କିନ୍ତୁ ପିଣ୍ଡିଗୁଡ଼ିକ ତିଆରି ହୋଇପାରୁନାହିଁ। ନିକଟରେ ନଦୀନାଳ ବ୍ୟବସ୍ଥା ନାହିଁ। ତେବେ ନିକଟରେ ପୋଖରୀଟିଏ ମଧ ନାହିଁ। ଗାଁଠାରୁ କିଛି ଦୂରରେ ଗୋଟିଏ ଆଡ଼ି ବନ୍ଧ ରହିଥିଲା ତାହା ପୋତିହୋଇଗଲାଣି। ତାହା ବ୍ୟବହାର ଉପଯୋଗୀ ନୁହେଁ। ଗାଁରେ କାହାର ପୋଖରୀ ନ ଥିଲେ ଶୁଦ୍ଧି ଘର କାର୍ଯ୍ୟ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଖରାଦିନେ ଗୋରୁଙ୍କ ପାଇଁ ଟୋପାଏ ପାଣି ମିଳିବା କଷ୍ଟକର। ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଗୋପାଳନ, ପଶୁପକ୍ଷୀଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ।

ଗାଁରେ ପ୍ରାଥମିକ ବିଦ୍ୟାଳୟ ଟିଏ ଥିଲା। ୨୦୨୦-୨୧ରେ ତାହାକୁ ବନ୍ଦ କରିଦିଆଗଲା। ଗାଁରୁ ପିଲାମାନେ ନେକଗୁଡ଼ା ୨ କି.ମି. ଓ ମଦେଗାଁ ୪ କି.ମି. ଦୂରକୁ ଯାଇ ପାଠ ପଢୁଛନ୍ତି। ଗାଁରେ ବିଦ୍ୟାଳୟ ଖୋଲିବାକୁ ତୁଳାରାମ ଜାନୀ କହିଛନ୍ତି।

ସେହିଭଳି ଗାଁରେ ୧୧ ଜଣ ଆବାସ ଯୋଜନାରେ ଘର କରିଛନ୍ତି। ଅନେକ ପରିବାର ଭିନ୍ନ ହୋଇଗଲେଣି। ଏବେ ବି ୧୧ରୁ ଊର୍ଦ୍ଧ୍ୱ ପରିବାର ଆବାସ ଯୋଜନାରେ ଘର ଖଣ୍ଡେ ପାଇନାହାନ୍ତି। ଗାଁରେ ଭୂବନ୍ଦୋବସ୍ତ ସମୟରେ ମ୍ୟାପଗୁଡ଼ିକ ଭୁଲ୍ ରହିଥିବାରୁ ଘରବାଡ଼ି ଭାଗବଣ୍ଟା ଓ ସୀମା ନିର୍ଦ୍ଧାରଣରେ ସମସ୍ୟା ଦେଖାଦେଉଛି। ଜିଲାପାଳ ଏଥିପ୍ରତି ଗୁରୁତ୍ୱ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ୯ ଜଣ ବାର୍ଦ୍ଧକ୍ୟଭତ୍ତାରୁ ବଞ୍ଚିତ ଅଛନ୍ତି। ରାଧିକା ସାନ୍ତା ୩୦ ବର୍ଷ ହେବ ବିଧବା ଭତ୍ତା ପାଇଁ ଆବେଦନ କରିଥିଲେ ମଧ ପାଇନାହାନ୍ତି। ୱାର୍ଡମେମ୍ବର ଘାସିନୀ ପରଜା ଚଳିତ ମାସରେ ଭତ୍ତା ପ୍ରଦାନ କରିବା ନେଇ ପଞ୍ଚାୟତରେ ଜଣାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ କୋଷାଗୁମୁଡ଼ା ବିଡିଓ ଅସିତ ତ୍ରିପାଠୀଙ୍କୁ ପଚାରିବାରୁ ପୋଖରୀ ପାଇଁ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଆକ୍ସନ ପ୍ଲାନ୍‌ରେ ୧୦ ଲକ୍ଷ ଟଙ୍କା ରଖାଯାଇଛି। ପେନ୍‌ସନ ଓ ଗୁହାଳ ପାଇଁ ପଞ୍ଚାୟତର ହିସାବ ରକ୍ଷକ ତଥା ଡାଟା ଏଣ୍ଟ୍ରି ଅପରେଟର ଲିଙ୍ଗରାଜ ମିଶ୍ରଙ୍କୁ କୁହାଯାଇଛି। ସେ ସର୍ଭେକରି ପଠାଇବେ। ନିଶ୍ଚିତ ଭବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ତ୍ରିପାଠୀ କହିଛନ୍ତି।

# ୪୧୬୭ ମକଦ୍ଦମା ଫଇସଲା, ୩.୫୧ ଲକ୍ଷ ଜରିମାନା ଧାର୍ଯ୍ୟ

## ଦ୍ୱିତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ

ମାଲକାନଗିରି,୧୦।୫ (ଦୁର୍ଯ୍ୟୋଧନ ପାତ୍ର)



ଲୋକ ଅଦାଲତରେ ବିଚାରପତି ମାମଲାର ଫଇସଲା କରୁଛନ୍ତି ।

ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଶନିବାର ଦ୍ୱିତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ ମାଲକାନଗିରି ଜିଲାର ସମସ୍ତ ବିଚାରାଳୟ ତଥା ମାଥିଲି, ମୋଟୁ ଓ କୁଡୁମୁଲୁଗୁମ୍ମାଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ, ତାଲୁକ ଆଇନସେବା ପ୍ରାଧିକରଣ, ମୋଟୁ ଓ ଜେଏମ୍ଏଫ୍ସି, ମାଥିଲି, କୁଡୁମୁଲୁଗୁମାମା, ଗ୍ରାମ ନ୍ୟାୟାଳୟ କୋରୁକୋଣ୍ଡା ଦ୍ୱାରା ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ମାଲକାନଗିରି ଜିଲା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲା ଜଜ୍ ଶାନ୍ତନୁ କୁମାର ଦାସ, ବରିଷ୍ଠ ଦେୱାନି ବିଚାରପତି ବିଜୟ କୁମାର ଦାସ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନି ବିଚାରପତି ସଙ୍ଗୀତା ପାତ୍ର, ଉପଖଣ୍ଡ ଦଣ୍ଡାଧିକାରୀ ପ୍ରତିମା ସାହୁ ଓ ଗ୍ରାମ ନ୍ୟାୟାଧିକାରୀ ଦେବେନ୍ଦ୍ରନାଥ ବାଘ, ମାଥିଲି ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ପଦ୍ମଲାଭ ମାଝି, କୁଡୁମୁଲୁଗୁମ୍ମା ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ବିମଲଲକ୍ଷ୍ମୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅଦାଲତରେ ମୋଟ ୪୧୬୭ ଟି ବିଭିନ୍ନ ମକଦ୍ଦମାର ଫଇସଲା କରାଯାଇ ୩,୫୧,୮୩୨ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ଜିଲାରେ ଥିବା ସମସ୍ତ କୋର୍ଟର କର୍ମଚାରୀ, ଆଇନଜୀବୀ ଓ ମାଲକାନଗିରି, ମୋଟୁ ଓକିଲ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଛତିଶଗଡ଼ରେ ୩୮ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୦।୫ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ୩୮ ମାଓବାଦୀ ପଡ଼ୋଶୀ ତେଲଙ୍ଗାନା ଭଦ୍ରାଦ୍ରି କତାଗୁଡେମ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୬ଜଣ ମିଲିସିଆ ସଦସ୍ୟ, ୭ ଜଣ ବିସିଏମ୍, ୬ ଜଣ କେଏଏମ୍ଏସ୍ ସଦସ୍ୟ, ୩ ଜଣ ସିଏନ୍ଏମ୍ ଓ ୪ ଜଣ ଜିଆର୍ଡି କ୍ୟାଡର ମାଓବାଦୀ ବୋଲି ସୂଚନା ମିଳିଛି। ଶନିବାର ଆତ୍ମସମର୍ପଣ କରିଥିବା ୩୮ ଜଣ ପୁରୁଷ ଓ ମହିଳା ମାଓବାଦୀଙ୍କୁ ତେଲଙ୍ଗାନା ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ କହିଛି।

ଭଦ୍ରାଦ୍ରି କତାଗୁଡେମ ପୋଲିସ ସୂଚନା ଅନୁଯାୟୀ, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଭିନ୍ନ କ୍ୟାଡରର ମୋଟ ୨୬୫ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଡିବିସିଏମ୍‌ର ଜଣେ, ଏସିଏମ୍‌ର ୧୧ ଜଣ, ପିଏମ୍ ର ୨୯ ଜଣ ମିଲିସିଆ ସଦସ୍ୟ ୯୨ ଜଣ, ଆର୍‌ପିସି ସମିତି ସଦସ୍ୟ ୩୩ ଜଣ, ଡିଏକେଏମ୍ଏସ୍, କେଏମ୍ଏସ୍ଏସ୍‌ର ୪୭ ଜଣ, ସିଏନ୍ଏମ୍ ସଦସ୍ୟ ୩୦ ଜଣ ଓ ଜିଆର୍‌ଡିର ୨୨ଜଣ ସାମିଲ ଅଛନ୍ତି। ବର୍ତ୍ତମାନ ତେଲଙ୍ଗାନା ଓ ଛତିଶଗଡ଼ ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠାକରି ମାଓବାଦୀ ଦମନ କାର୍ଯ୍ୟକ୍ରମ ଜାରି ରଖିଛି। ଇତିମଧ୍ୟରେ ବହୁ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଥିବା ବେଳେ ଅଧିକାଂଶ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଫଳରେ ମାଓବାଦୀ ସଂଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଏହି ୨ ରାଜ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ଚାଲିଥିବାବେଳେ ଏଥିରେ ଅନୁପ୍ରାଣିତ ହୋଇ ମାଓବାଦୀମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି।

# ୨ ସନ୍ତାନ ସହ ବିବାହିତା ନିଖୋଜ ଘଟଣା
## ଏସ୍‌ଆଇଙ୍କ ଦୁର୍ବ୍ୟବହାର ସମ୍ପର୍କରେ ଅଭିଯୋଗ କଲେ ଗ୍ରାମବାସୀ

ଦିଗପହଣ୍ଡି,୧୦।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗ୍ରାମର ଜଣେ ବିବାହିତା ମହିଳା ତାଙ୍କର ଦୁଇ ସନ୍ତାନଙ୍କ ସହ ଗତ ରବିବାରଠାରୁ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ତାଙ୍କ ସ୍ୱାମୀ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଜଣେ ଏସ୍‌ଆଇ ଘଟଣାର ତଦନ୍ତ ପାଇଁ ସମ୍ପୃକ୍ତ ଗ୍ରାମକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ପ୍ରତିବାଦରେ ଶନିବାର ଗ୍ରାମର ବହୁ ବ୍ୟକ୍ତି ଦିଗପହଣ୍ଡି ଥାନାରେ ପହଞ୍ଚି ଅସନ୍ତୋଷ ପ୍ରକାଶ କରିଥିଲେ। ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଗ୍ରାମବାସୀଙ୍କୁ ବୁଝାଶୁଝା କରି ଖୁବ୍‌ଶୀଘ୍ର ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ଥାନାରୁ ଫେରିଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଏକ ନିଖୋଜ ମାମଲା (ନଂ.୨୦/୨୫) ରୁଜୁ ହୋଇଥିବା ଜଣାପଡ଼ିଛି। ଗତ ୧୩ ବର୍ଷ ତଳେ ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳର ଜଣେ ଯୁବତୀ ଦିଗପହଣ୍ଡି ଥାନା ଅଞ୍ଚଳର ସମ୍ପୃକ୍ତ ଗ୍ରାମରେ ବିବାହ କରିଥିଲେ। ତାଙ୍କର ଜଣେ ୧୩ ବର୍ଷର ପୁଅ ଏବଂ ୪ ବର୍ଷର ଏକ କନ୍ୟାସନ୍ତାନ ରହିଛି। ପରକୀୟା ପ୍ରୀତିକୁ ନେଇ ଗତ କିଛିବର୍ଷ ହେଲା ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିରହୁଥିଲା। ସ୍ତ୍ରୀ ସ୍ୱାମୀଙ୍କ ଅଗୋଚରରେ ଏକ ମୋବାଇଲ ଫୋନ୍ ବ୍ୟବହାର କରୁଥିଲେ। ଗତ ୩ ତାରିଖରେ ଫୋନ୍‌ଟି ସ୍ୱାମୀଙ୍କ ନଜରରେ ପଡ଼ିବାରୁ ଏହା କାହାର ବୋଲି ସେ ସ୍ତ୍ରୀଙ୍କୁ ପଚାରିଥିଲେ। ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ଯୁକ୍ତିତର୍କ ଲାଗି ସ୍ୱାମୀ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଘଟଣା ପରଦିନଠାରୁ ସ୍ତ୍ରୀ ଓ ଝିଅପୁଅ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ଅନ୍ୟପକ୍ଷରେ କିଛି ଯଥେଷ୍ଟ କାରଣ ନ ଥାଇ ତାଙ୍କ ଝିଅଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ମିଳୁଥିଲା ବୋଲି ନିଖୋଜ ମହିଳାଙ୍କ ମା' ପୋଲିସକୁ କହିଛନ୍ତି। ଝିଅ ଓ ନାତୁଣୀ ନାତିଙ୍କ ନିଖୋଜ ଘଟଣାରେ ଜ୍ୱାଇଁଙ୍କ ହାତ ଥିବା ସେ ଅଭିଯୋଗ କରିଛନ୍ତି।

# ଯୁବକକୁ ଆକ୍ରମଣ ଅଭିଯୋଗରେ ଜଣେ ଅଟକ

ବ୍ରହ୍ମପୁର,୧୦।୫(ସୁବାସ ଚନ୍ଦ୍ର ପାଢ଼ୀ)

ଜଣକୁ ମାରିବାକୁ ଯାଇ ଅନ୍ୟଜଣେ ଯୁବକଙ୍କୁ ହାଣିଦେଲେ। ଏନେଇ ଅଟକ ଅଭିଯୁକ୍ତଙ୍କୁ ଜେରା ବେଳେ ପୋଲିସ ଜାଣିବାକୁ ପାଇଛି। ନିମଖଣ୍ଡି ପୋଲିସ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ସଲମାନ ଓରଫ ଫେରାଦ ଅଲି ବେଗଙ୍କୁ ଅଟକ ରଖିଛି। ଅନ୍ୟତମ ଅଭିଯୁକ୍ତ ଫେରାର ରହିଥିବା ପୋଲିସ କହିଛି। ସ୍ଥାନୀୟ ବାପୁଜୀ ନଗର ପଞ୍ଚମ ଲାଇନରେ ରହୁଥିବା ଶମ୍ଭୁ ଗୌଡ଼ ଗୁରୁତର ହୋଇ ଏମକେସିଜିରେ ଚିକିତ୍ସାଧୀନ ଅଛନ୍ତି। ବାପୁଜୀ ନଗର ପଞ୍ଚମ ଲାଇନରେ ଶମ୍ଭୁ ଗୌଡ଼ ରୁହନ୍ତି। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଉକ୍ତ ଘରେ ରହିଥିବା ଯୁବକଙ୍କୁ ମାରିବାକୁ ଯାଇଥିଲେ। ଉକ୍ତ ଘର କବାଟ ବାଡେଇବାରୁ ଶମ୍ଭୁ ଖୋଲିଥିଲେ। ହେଲେ ଅପରାଧୀମାନେ ତାଙ୍କୁ ସେଠାରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ଶମ୍ଭୁ ଆହତ ହୋଇଥିବା ବେଳେ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ଘଟଣାକୁ ନେଇ ଶମ୍ଭୁଙ୍କ ମାଆ ସୁଷମା ଗୌଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପଡ଼ିଆରେ ଶିଶୁ ମଙ୍ଗଳ କ୍ୟାମ୍ପ

ମାଲକାନଗିରି,୧୦।୫ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମାସ୍ଥିତ ଶିଶୁ ମଙ୍ଗଳ କମିଟି ପରିସରରେ ଶନିବାର ଏକ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପରେ ଶିଶୁ ମଙ୍ଗଳ କମିଟିର ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାଶ, ଚାଇଲ୍ଡ ଲାଇନର କର୍ମୀମାନେ ଯୋଗ ଦେଇଥିଲେ। ଅଙ୍ଗନୱାଡି କର୍ମୀମାନେ ମୋଟ ୧୧୩ ଜଣ ମା'ବାପ ଛେଉଣ୍ଡ, ମା' ଛେଉଣ୍ଡ ଏବଂ ବାପା ଛେଉଣ୍ଡ ଶିଶୁଙ୍କୁ ଚିହ୍ନଟ କରି କ୍ୟାମ୍ପରେ ହାଜର କରିଥିଲେ। ଶିଶୁମାନଙ୍କ ସହ ସେମାନଙ୍କ ବାପା , ମାଆ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ଶିଶୁ ମଙ୍ଗଳ କମିଟି ତରଫରୁ କିପରି ସେମାନଙ୍କ ଥଇଥାନ କରାଯିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସମସ୍ତ ଶିଶୁମାନଙ୍କୁ ଠିକ୍ ଥଇଥାନ, ଶିକ୍ଷା, ଆବାସ, ଖାଦ୍ୟପେୟ ଇତ୍ୟାଦିର ସୁବିଧା କରାଯିବ ବୋଲି କ୍ୟାମ୍ପରେ ଆଲୋଚନା ହୋଇଥିଲା।


ଶିଶୁ ମଙ୍ଗଳ କ୍ୟାମ୍ପରେ ଉପସ୍ଥିତ ଅଧିକାରୀ, ଅଙ୍ଗନୱାଡି କର୍ମୀଙ୍କ ସହ ଅନାଥ ଶିଶୁ ।

# ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀଙ୍କ ନାଁରେ ମାମଲା

ଦିଗପହଣ୍ଡି,୧୦।୫(ଅଶେଷ ନାଥ ମିଶ୍ର)

OIPR-04002/11/0083/2526 **Sd./- Unit Head, UKHEP, Bariniput**

## OFFICE OF THE ENGINEER-IN-CHIEF (CIVIL), ODISHA
### NIRMAN SOUDHA, UNIT-V, BHUBANESWAR
E-mail ID : cebuildings_orissa@yahoo.co.in, cebuildings@rediffmail.com,
Tel. - (0674)-2391523

No.B-110

**INVITATION FOR BIDS (IFB)**

**File No. B-IV-(F/D)-01/2016 Lr. No. 18609 /Bhubaneswar, dtd. 8th May, 2025**

**Invitations for Bids**

**1st Corrigendum**

**Bid Identification No. C.E.(B) - 04/2025-26**

Name of the Work - Construction of New Banijyakar Bhawan at Chandrasekharpur, Bhubaneswar on Turnkey Basis in the state of Odisha.

The following changes have been made in Bid Identification No. C.E. (B) - 04/2025-26

Bid documents can be seen / downloaded from the Govt. Website i.e. www.tendersorissa.gov.in, during the period dt.22.05.2025 to 17.30 hours of dt.12.06.2025 instead of dt.08.05.2025 to 17.30 Hours of dt.29.05.2025 for ONLINE BIDDING respectively.

1. A pre-bid meeting shall be held on dt.02.06.2025 at 11:30 AM at the Conference Hall of Office of the Chief Engineer (Buildings-I), Odisha, Nirman Soudha, Unit-V, Bhubaneswar instead of dt.19.05.2025
2. Online bids shall be received till 17.30 Hours of dt.12.06.2025 instead of dt.29.05.2025.
3. Hardcopy shall be received on or before dt.19.06.2025 up to 17.30 Hours by this office instead of dt.05.06.2025.
4. The technical bids will be opened at 11.30 A.M. of dt.20.06.2025 instead of dt.06.06.2025. All other terms and conditions remain unchanged.

**Sd./- Chief Engineer-cum-Addl. Secretary to Govt., Works Department, Odisha**

OIPR-34117/11/0092/2526

## GOVERNMENT OF ODISHA
### OFFICE OF THE EXECUTIVE ENGINEER, RURAL WORKS DIVISION: RAYAGADA
e-mail ID:rw_rayagada@yahoo.co.in

**Letter No.1830, Date:08.05.2025**

**1st Corrigendum**

No.O-144:In continuation to this office Bid Identification No. EERWRGD-Online-11/2024-25 this office letter No.1013, dated 01.03.2025 partial modification of TCN has been made as follows.

| Sl.No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | 11.03.2025 at 11.00 AM to 25.03.2025 upto 5.00 PM | 09.05.2025 at 11.00 AM to 23.05.2025 upto 5.00 PM |
| 2 | Date & Time of Opening Tender | 25.03.2025 at 5.30 PM | 23.05.2025 at 5.30 PM |

| Sl. No. | Sl.No. work | Estimated Cost as per original TCN (Rs. in Lakh) | Revised Estimated cost as per corrigendum notice (Rs. in Lakh) | EMD Cost as per Original TCN | Required EMD cost as per corrigendum Notice |
|---|---|---|---|---|---|
| 1 | 5 | 58.83 | 56.92 | Rs.58,830/- | Rs.56,920/- |

**Sl.No. of Work 1 to 4 is hereby cancelled due to unavoidable circumstances.**
**All other terms and conditions remain unchanged.**

**Sd./- Executive Engineer**
**Rural Works Division, Rayagada**

OIPR-25072/11/0021/2526

## GOVERNMENT OF ODISHA No.O-140:
### OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
**No.2385 , Date 07.05.2025**

**Corrigendum**

**1st Corrigendum to Bid Identification No. Tender-Online-C.C.10 of 2025, Dated 28.04.2025 invited vide this office Lr.No. 2153, dated 28.04.2025**

The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C-10 of 2025 Dt.28.04.2025 issued vide this office Lr.No.2153, Dt.28.04.2025 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for bidding | Date & Time of opening of Tender | |
|---|---|---|---|---|
| | | Upto | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online- C.C. 10 of 2025 | 13.05.2025 upto 5.00 PM | 14.05.2025 at 11.00 A.M. | To be intimated later on |

**All other conditions remain unaltered.**

OIPR-25194/11/0043/2526 **Sd./- Chief Construction Engineer, Central Rural Works Circle, Bhubaneswar**

## ODISHA CONSTRUCTION CORPORATION LIMITED, BHUBANESWAR,ODISHA
**PIN:751012, Tel No.(0674) 2562020, e-Mail:theoccltd@odishaconstruction.com**
**GSTIN:21AAACO2571K2ZM**

**"e"-Procurement Notice No.-06/OCCL/2025-26 (on-line)**

**No.CAD-344:On-line tender is invited for the following consultancy work from the prospective bidders.**

| Sl. No. | Name of Work | Bid Identification No. | Approx. value of work (Rs. in Cr.) | Bid Security (through on-line transfer/ as per DTCN) (in Rs.) | Period of Completion | Availability & Submission of tender of Tender (on-line) |
|---|---|---|---|---|---|---|
| 1 | Preparation of Detailed Project Report (DPR) basing on the approved conceptual drawings & designs which includes LS, CS of river, soil report, detail architectual & structural drawings of each component including cost estimates as per Govt. of Odisha S/R, preparation of tender documents for invitation of online tender and provide consultancy services during execution from time to time. | OCCL-SMP/01/ 25-26 | NA | Rs.3,00,000/- | 06 (Six) Calendar Months (for DPR) | From 15.05.2025, 03.30 PM to 13.06.2025, 5.30 PM |

Procurement Officer: Managing Director, OCCL
Date of Opening of the Tender : **16.06.2025, 12.00 Noon onwards**
Further details can be seen from the e-Procurement Portal:https://www.tendersodisha.gov.in

OIPR-34176/11/0029/2526 **Sd./- Managing Director**

## ODISHA CONSTRUCTION CORPORATION LIMITED
**BHUBANESWAR, ODISHA, PIN-751012, Tel.No.(0674) 2562020**

**No.CAD-345:** e-Mail:theoccltd@odishaconstruction.com, GSTIN-21AAACO2571K2ZM

**"e"-Procurement Notice No.05/OCCL/2025-26 (online)**

Online tenders are invited from eligible ORSAC empanelled UAV/Drone Survey Agencies for undertaking LIDAR Survey of Minor Irrigation Tanks under OIIPCRA through ORSAC empanelled Agencies following Standard Operating Procedure for execution of the following works:

| Sl. No. | Name of Work | Block/ District | Bid Identification No. | Bid Security (through online transfer only (in Rs.) | Period of Completion | Availability & Submission of tender of Tender (On-line) |
|---|---|---|---|---|---|---|
| 01 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-I) | Khallikote, Polasara, Kodala, Chatrapur and Ganjam blocks of Ganjam District | OCCL-LIDAR_10/ 2025-26 | Rs.45,000/- | 01 (One) Year | From 09.05.2025 10.00 AM to 09.06.2025, 3.00 PM |
| 02 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-II) | Digapahandi, Sanakhemundi, Seragada, Hinjili, Kukudakhandi, Kabisuryanagar, Purushottampur Block of Ganjam District and Mohana Block of Gajapati District | OCCL-LIDAR_11/ 2025-26 | Rs.40,000/- | 01 (One) Year | |
| 03 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-III) | Dharakote, Sorada, Bhanjanagar, Belaguntha, Aska, Jagannathprasad and Buguda Block of Ganjam District | OCCL-LIDAR_12/ 2025-26 | Rs.45,000/- | 01 (One) Year | |
| 04 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-IV) | Bangiriposhi, Barasahi, Baripada, Betnoti, Bisoi, Gopabandhunagar, Kaptipada, Morada, Somakhunta, Saraskana, Udala of Mayurbhanj District and Nilagiri block of Balasore District | OCCL-LIDAR_13/ 2025-26 | Rs.30,000/- | 01 (One) Year | |
| 05 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-V) | Bijatala, Jashipur, Karanjia, Rairangpur, Raruan, Sukruli, Thakurmunda and Kuliana block of Mayurbhanj District | OCCL-LIDAR_14/ 2025-26 | Rs.20,000/- | 01 (One) Year | |
| 06 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-VI) | Bhawanipatna, Golamunda, Junagarh, Kesinga, Narla blocks of Kalahandi district and Chandahandi, Umerkote and Raighar blocks of Nabarangpur District | OCCL-LIDAR_15/ 2025-26 | Rs.15,000/- | 01 (One) Year | |
| 07 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-VII) | Ambabhona, Ghaisilet, Padampur and Paikamal blocks of Baragarh District | OCCL-LIDAR_16/ 2025-26 | Rs.10,000/- | 01 (One) Year | |
| 08 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-VIII) | Anandpur, Bansapal, Champua, Jashipur, Ghatagaon, Harichandanpur, Hatadihi, Jhumpura, Joda and Patna blocks of Keonjhar district | OCCL-LIDAR_17/ 2025-26 | Rs.20,000/- | 01 (One) Year | |
| 09 | Conducting LIDAR Survey of Minor Irrigation Tanks under OIIPCRA through ORSAC Empanelled Agencies following standard Operating Procedure for execution of the minor irrigation works (CLUSTER-IX) | Bongamunda, Belpara, Gudvela, Khaprakhol, Lohisinga, Patnagarh,Puintala, Titilagarh blocks of Balangir District and Tarabha of Subarnapur district and Kantamal block of Boudh District. | OCCL-LIDAR_18/ 2025-26 | Rs.20,000/- | 01 (One) Year | |

Procurement Officer : Managing Director, OCCL, Unit-VIII, Gopabandhunagar
Date of Opening of the Tender: **09.06.2025, 03.30 onwards**
Further details can be seen from the e-Procurement portal: https://dowrodisha.gov.in, https://octdms.in, https://odishaconstruction.com

OIPR-34176/11/0030/2526 **Sd./- Managing Director**

## idco | ODISHA NEW OPPORTUNITIES
**No. HO/P&C/EST/E-2859/01/2025/12669** **Date : 02.05.2025**

**Invitation for Bids**

**BID IDENTIFICATION NO - P&C / EST/E -09/ 2025-26**

**No.CAD-374** : Odisha Industrial Infrastructure Development Corporation (IDCO) invites Proposals from reputed and experienced Agencies/Firms/ Companies for the work "Site investigation, Concept Development based on statutory norms, Architectural Drawings, Technical Drawings (Structural, PH, MEP, HVAC), Site Development, Procurement and Execution of 4000 bedded Workers' Hostel at Kalibeti, Khordha. (on Turnkey basis)" till handover of the project"*

| Sl. No. | Name of Work | Processing Fee | Period of completion | Class of contractor |
|---|---|---|---|---|
| 1 | 2 | 3 | 4 | 5 |
| 1. | "Site Investigation, Concept Development based on statutory norms, Architectural Drawings, Technical Drawings (Structural, PH, MEP, HVAC), Site Development, Procurement and Execution of 4000 bedded Workers' Hostel at Kalibeti, Khordha. (on Turnkey basis)" till handover of the project"* | Rs.11,800/- (On-Line) | 24 (Twenty Four) Calendar Months | "Super" Class Contractors of PWD & Equivalent Class of other Departments |

*Note-I : Earnest Money Deposit will be applicable as per prevailing circular of Govt. of Odisha at the time of bidding.

The Bid document comprising of detailed eligibility criteria, scope of the work, land details, Instruction to bidders etc. can be downloaded from the web-site www.tendersodisha.gov.in from **5 P.M. of Dt.14.05.2025 to Dt.16.06.2025**

OIPR-14003/11/0152/2526 **Sd./- Chief General Manager (P&C)**

## GOVERNMENT OF ODISHA
e-mail:serw_ctc@yahoo.com
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK
**No.Tender Online RWC-07/2025 Letter No.1662, Date:02.05.25**

**e-Procurement Notice**

**No.O-137:** 1.Name of the Work: Construction of Road Works. 2. Class of Contractor: c) Estimated cost more than Rs.6.00 Crore & upto Rs.50.00 Crore: Special Class (of Odisha PWD) & relevant class of other licensing authorities. d) Estimated cost more than Rs.1.00 Crore & upto Rs.20.00 Crore: A Class (of Odisha PWD) & relevant class of other licensing authorities. c) Estimated cost more than Rs.20.00 Lakh & upto Rs.3.00 Crore: B Class (of Odisha PWD) & relevant class of other licensing authorities. 3. Time for completion: As specified in the Column-7 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC- 07/25 | 17.05.2025 at 11.30 A.M. | 06.06.2025 upto 5.00 P.M. | 06.06.2025 upto 02.00 P.M. | 09.06.2025 at 11.30 A.M. | Will be intimated later |

Further details can be seen from the website: **www.tendersodisha.gov.in.**

**Sd./- Chief Construction Engineer, Rural Works Circle, Cuttack**

OIPR-25097/11/0019/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍‌ଓଡିଟିଇପି ଯୋଜନା ସମ୍ପ୍ରସାରଣକୁ ଫିକିର ଅନୁରୋଧ

**ଭୁବନେଶ୍ୱର,୧୦।୫ (ଅଭୟ ଦାଶ)**

ବର୍ତ୍ତମାନ ସମୟରେ ରପ୍ତାନୀ ଉତ୍ପାଦ ଉପରେ ଶୁଳ୍କ କିମ୍ବା ଟିକସ ଛାଡ଼ (ଆର୍‌ଓଡିଟିଇପି) ଯୋଜନା ସମ୍ପ୍ରସାରଣକୁ ବଢ଼ାଇବା ପାଇଁ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ସରକାରଙ୍କୁ ଅନୁରୋଧ କରିଛି। ଏପରିକି ଫିକି ଆନୁଷ୍ଠାନିକ ଭାବେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟକୁ ଚିଠି ଲେଖି ଅଗ୍ରିମ ପ୍ରାଧିକରଣ (ଏଏ), ରପ୍ତାନୀଭିତ୍ତିକ ୟୁନିଟ୍ (ଇଓୟୁଏସ୍) ଏବଂ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସ୍‌ଇଜେଡ୍) ଅଧୀନରେ କାର୍ଯ୍ୟ କରୁଥିବା ୟୁନିଟ୍‌ଗୁଡ଼ିକ ପାଇଁ ରପ୍ତାନୀ ଉତ୍ପାଦ ଉପରେ ଶୁଳ୍କ କିମ୍ବା ଟିକସ ଛାଡ଼ (ଆର୍‌ଓଡିଟିଇପି) ଯୋଜନାକୁ ତୁରନ୍ତ ବିସ୍ତାର କରିବା ପାଇଁ ଆବେଦନ କରିଛି। ବାଣିଜ୍ୟ ମନ୍ତ୍ରଣାଳୟକୁ ଲେଖିଥିବା ଏକ ଚିଠିରେ ଫିକି ଏହି ରପ୍ତାନୀମୁଖୀ ଜୋନ୍‌ଗୁଡ଼ିକରେ ଆଧାରିତ ୟୁନିଟ୍ ପାଇଁ ୨୦୨୫ ଫେବୃଆରୀ ୫ପରେ ଆର୍‌ଓଡିଟିଇପି ଲାଭ ବନ୍ଦ ହେବା ଉପରେ ଚିନ୍ତା ପ୍ରକଟ କରିଛି ଏବଂ ମନ୍ତ୍ରଣାଳୟକୁ ଅତି କମ୍‌ରେ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏକ ବୃଦ୍ଧି ବିଜ୍ଞପ୍ତିକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛି। ପ୍ରଚଳିତ ବିଶ୍ୱ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଫିକି ଭାରତୀୟ ଉତ୍ପାଦନର ମୂଲ୍ୟ ପ୍ରତିଯୋଗିତା ବଜାୟ ରଖିବା ଏବଂ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସମାନ କ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ଯୋଜନା ଅଧୀନରେ ଏଏ/ଇଓୟୁ/ଏସ୍‌ଇଜେଡ୍ ୟୁନିଟ୍‌ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଜାରି ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି।

ଫିକିର ପ୍ରତିନିଧିତ୍ୱ ଭାରତୀୟ ଖଣିଜ ଶିଳ୍ପ ଫେଡେରେଶନ (ଫିମି) ଏବଂ ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆ (ଏଏଆଇ) ଭଳି ଶୀର୍ଷ ଶିଳ୍ପ ସଂସ୍ଥା ଦ୍ୱାରା ସମ୍ପ୍ରତି କରାଯାଇଥିବା ସମାନ ଉପସ୍ଥାପନା ପରେ ଆସିଛି, ଯାହା ବିଶ୍ୱ ବାଣିଜ୍ୟ ବିଷୟରେ ବ୍ୟାପକ ଶିଳ୍ପ ଆଶଙ୍କାକୁ ପ୍ରତିଫଳିତ କରିଥାଏ। ୨୦ବିଲିୟନ ଡଲାରରୁ ଅଧିକ ନିବେଶ ସହ ଆଲୁମିନିୟମ ଭାରତର ଶିଳ୍ପ ଦୃଶ୍ୟପଟରେ ଏକ ପ୍ରମୁଖ ଶିଳ୍ପ ପାଲଟିଛି, ଯାହା ଭାରତକୁ ବିଶ୍ୱର ଦ୍ୱିତୀୟ ବୃହତ୍ ଆଲୁମିନିୟମ ଉତ୍ପାଦକ କରିଥାଏ। ପୂର୍ବରୁ ଫିମି ଏହାର ପ୍ରତିନିଧିତ୍ୱରେ ଉଲ୍ଲେଖ କରିଥିଲା। ଭାରତର ପ୍ରାୟ ୪୫% ଆଲୁମିନିୟମ ରପ୍ତାନି ଏଏ/ଇଓୟୁ/ଏସ୍‌ଇଜେଡ୍‌ସ୍ଥାନଗୁଡ଼ିକରେ ଅବସ୍ଥିତ ୟୁନିଟ୍‌ଗୁଡ଼ିକରୁ ଆସିଥାଏ। ଆର୍‌ଓଡିଟିଇପି ସମର୍ଥନ ପ୍ରତ୍ୟାହାର କରିବା ଭାରତୀୟ ନିର୍ମାତାମାନଙ୍କର ସେମାନଙ୍କର ବିଶ୍ୱସ୍ତରୀୟ ସାଥୀମାନଙ୍କ ସହ ପ୍ରତିଯୋଗିତା କରିବାର କ୍ଷମତାକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଦୁର୍ବଳ କରିଥାଏ। କାରଣ ଏମ୍ବେଡେଡ୍ କର ଏବଂ ଶୁଳ୍କ, ଯାହା ଆଲୁମିନିୟମ ଉତ୍ପାଦନ ଖର୍ଚ୍ଚର ୧୦% ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ, ଅକ୍ଷୁଣ୍ଣ ଏବଂ ସମାଧାନ ହେବ ନାହିଁ।

## ୟୁବିଆଇର ମେଗା କୃଷି ଆଉଟ୍‌ରିଚ୍ ପ୍ରୋଗ୍ରାମ

**ଭୁବନେଶ୍ୱର,୧୦।୫**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ମେଗା କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ ପ୍ରୋଗ୍ରାମର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୟୁବିଆଇ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଏକ ମେଗା କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ ପ୍ରୋଗ୍ରାମ କେନ୍ଦ୍ରାପଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁବିଆଇ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ରେଡିଟ୍ ମୁଖ୍ୟ ହରେକୃଷ୍ଣ ସାହୁ, କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଶାଖାଗୁଡ଼ିକର ଶାଖା ମୁଖ୍ୟଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

ଏ ନେଇ ଷଡ଼ଙ୍ଗୀ ଏବଂ ସାହୁ ବ୍ୟାଙ୍କର କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ ପ୍ରୋଗ୍ରାମ ବିଷୟରେ ସୂଚନା ପ୍ରଦାନ କରିବା ସହ ବର୍ତ୍ତମାନ ଓ ଆଗ୍ରହୀ ଗ୍ରାହକମାନଙ୍କ ନିକଟରେ ପହଞ୍ଚି ବିଭିନ୍ନ ସରକାରୀ ପ୍ରାୟୋଜିତ ଯୋଜନା ଅଧୀନରେ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ। ସେହିଭଳି ୟୁବିଆଇର ଅଧିକାରୀମାନେ ବିଭିନ୍ନ କୃଷି ଅଭିବୃଦ୍ଧି ଯୋଜନା ଏବଂ ଏହାର ସୁବିଧା ଉପରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ପରିଶେଷରେ ୩୨ଟି ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ଯୋଗଦେଇଥିଲେ।

## ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ରୂପାନ୍ତରଣ

**ଭୁବନେଶ୍ୱର,୧୦।୫**

ଓଡ଼ିଶା ବିଧାନସଭା ଦ୍ୱାରା ଗଠିତ ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି-ଏକ୍ସ (ଶକ୍ତି)ର ଏକ ପ୍ରତିନିଧି ଦଳ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର ଭୁବନେଶ୍ୱର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନର ଲକ୍ଷ୍ୟ ହେଉଛି, ଓଡ଼ିଶା ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାରେ ଡିଜିଟାଲ ଭିତ୍ତିଭୂମି ଓ ପରିଚାଳନାରେ ଚାଲିଥିବା ଉନ୍ନତିର ସମୀକ୍ଷା କରିବା। ଷ୍ଟାଣ୍ଡିଂ କମିଟି-ଏକ୍ସ (୨୦୨୫-୨୬)ର ଅଧ୍ୟକ୍ଷ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱାଧୀନ ପ୍ରତିନିଧିଦଳରେ ବିଧାୟକ ସରୋଜ କୁମାର ପ୍ରଧାନ, ବିଧାୟକ ଦିବ୍ୟଶଙ୍କର ମିଶ୍ର ଏବଂ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଟିପିସିଓଡିଏଲ୍‌ର ନେତୃତ୍ୱ ଦଳ ମଧ୍ୟ ଉପସ୍ଥିତ ଥିଲେ।

ଟିପିସିଓଡିଏଲ୍ ଅଧିକାରୀମାନେ କମିଟି ସଦସ୍ୟଙ୍କୁ ସୁପରଭାଇଜରି କଣ୍ଟ୍ରୋଲ ଓ ଡାଟା ଆକ୍ୱିଜିସନ୍ (ସ୍କାଡା) ପ୍ଲାଟ୍‌ଫର୍ମ କିଭଳି ବିଦ୍ୟୁତ୍ ନେଟ୍‌ୱର୍କର ବାସ୍ତବ ସମୟ ନିରୀକ୍ଷଣ କରିବା ସହ ବୁଦ୍ଧିମତ୍ତାର ସହ ତ୍ରୁଟିକୁ ଅଲଗା ଏବଂ ଗ୍ରୀଡ୍ ପରିଚାଳନାକୁ ସ୍ୱୟଂକ୍ରିୟ କରିପାରିଛି, ତାହା ବୁଲି ଦେଖାଇଥିଲେ ।

## ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି ପକ୍ଷରୁ ଏସ୍‌ଏଲ୍‌ଡିସି ପରିଦର୍ଶନ



ଏସ୍‌ଏଲ୍‌ଡିସି ପରିଦର୍ଶନରେ ଆସିଥିବା ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୦।୫**

ଓଡ଼ିଶା ବିଧାନସଭା ଦ୍ୱାରା ଗଠିତ ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି -ଏକ୍ସର ପ୍ରତିନିଧି ଦଳ ଶନିବାର ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ ରାଜ୍ୟ ଭାର ପ୍ରେରଣ କେନ୍ଦ୍ର (ଏସ୍‌ଏଲ୍‌ଡିସି) ପରିଦର୍ଶନ କରିଛନ୍ତି। ଏହି କମିଟିର ଅଧ୍ୟକ୍ଷ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ବିଧାୟକ ସରୋଜ କୁମାର ପ୍ରଧାନ ଓ ବିଧାୟକ ରମେଶ ଚନ୍ଦ୍ର ବେହେରା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା ଏବଂ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ, ରାଜ୍ୟ ଭାର ପ୍ରେରଣ କେନ୍ଦ୍ରର ନିର୍ଦ୍ଦେଶକ,ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ରାଜ୍ୟ ଭାର ପ୍ରେରଣ କେନ୍ଦ୍ରର ନିର୍ଦ୍ଦେଶକ କମିଟି ସଦସ୍ୟମାନଙ୍କୁ ଜରୁରିକାଳୀନ ଓ ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା କରିବାକୁ ଏହି କେନ୍ଦ୍ରରେ କିପରି ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ଏ ନେଇ ବିଧାୟକ ସ୍ୱାଇଁ ରାଜ୍ୟ ଭାର ପ୍ରେରଣ କେନ୍ଦ୍ରର କାର୍ଯ୍ୟକୁଶଳତାକୁ ଉଚ୍ଚ ପ୍ରଶଂସା କରିଥିଲେ।

## ବାର୍ଷିକ ୧୮.୮୨% ଅଭିବୃଦ୍ଧି

**ଭୁବନେଶ୍ୱର,୧୦।୫**

କ୍ରମାଗତ ଭାବେ ଏଚ୍‌ଡିଏଫ୍‌ସି ଫ୍ଲେକ୍ସି କ୍ୟାପ୍ ଫଣ୍ଡ୍‌ର କାରବାର ବୃଦ୍ଧି ପାଉଥିଲାବେଳେ ଏହାର ଅତୁଳନୀୟ ପ୍ରଦର୍ଶନୀ ମଧ୍ୟ ଜାରି ରହିଛି। ଏପରିକି ଏହା ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ଫଣ୍ଡ୍ ହୋଇଥିଲାବେଳେ ନିବେଶକମାନଙ୍କୁ ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟିରେ ବେଶ୍ ସହାୟକ ହୋଇଛି। ଲାର୍ଜ କ୍ୟାପ୍, ମିଡ୍ କ୍ୟାପ ଓ ସ୍ମଲ କ୍ୟାପ ଷ୍ଟକ୍‌ରେ ନିବେଶ ଜାରି ରହିଛି। ୧୯୯୧ ଜାନୁଆରୀ ୧ରେ ଏହାର ଶୁଭାରମ୍ଭ ହୋଇଥିଲା। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଏହା ଚକ୍ରବୃଦ୍ଧି ହାରରେ ବାର୍ଷିକ ୧୮.୮୨% ଅଭିବୃଦ୍ଧି ପ୍ରଦାନ କରିଛି। ଶୁଭାରମ୍ଭରେ ନିବେଶ ହୋଇଥିବା ୧ଲକ୍ଷ ଟଙ୍କା ବର୍ତ୍ତମାନ ୧.୮୪ କୋଟି ଟଙ୍କାରେ ପରିଣତ ହୋଇଛି, ଯାହା ନିଫ୍ଟି ୫୦୦ ଟିଆର୍‌ଆଇ ସମାନ ନିବେଶ ଉପରେ ପ୍ରଦାନ କରିଥିବା ୧.୫୧କୋଟି ଟଙ୍କାର ରିଟର୍ନ ତୁଳନାରେ ଅଧିକ ବୋଲି କୁହାଯାଉଛି। ଏଚ୍‌ଡିଏଫ୍‌ସି ଏଏମ୍‌ସିର ଏମ୍‌ଡି ତଥା ସିଇଓ ନବନୀତ ମୁନୋଟ କହିଛନ୍ତି, ଗତ ୩ ଦଶନ୍ଧି ମଧ୍ୟରେ ଏଚ୍‌ଡିଏଫ୍‌ସି ଫ୍ଲେକ୍ସି କ୍ୟାପର ଯାତ୍ରା ଶୃଙ୍ଖଳିତ ନିବେଶ ଦର୍ଶନ ଏବଂ ନିବେଶକ ସମ୍ପତ୍ତି ସୃଷ୍ଟିକରିବା ପ୍ରତି ଅତୁଟ ପ୍ରତିବଦ୍ଧତାର ପ୍ରମାଣ ପାଲଟିଛି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ନିଧି ମହାନନ୍ଦ**
ଆବିର୍ଭାବ: ୦୧।୦୧।୧୯୫୫
ତିରୋଧାନ: ୩୦।୦୪।୨୦୨୫
ନୂଆପଡ଼ା, ତୁଷରା, ଜିଲ୍ଲା: ବଲାଙ୍ଗୀର

ହେ ପୂଜ୍ୟ, ଆଜି (୧୧।୦୫।୨୦୨୫) ପବିତ୍ର ଏକାଦଶାହ ଉପଲକ୍ଷେ ଆପଣଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ। ଆପଣଙ୍କ ଅନାବିଳ ଶ୍ରଦ୍ଧା, ସସ୍ନେହ, ଭଲପାଇବା ଓ ଆଶୀର୍ବାଦ ଥିଲା, ଅଛି ଓ ସବୁଦିନ ରହିଥିବ। ଆପଣଙ୍କୁ କୋଟି ପ୍ରଣାମ ।

ଶୋକସନ୍ତପ୍ତ:- ସ୍ତ୍ରୀ: ବନିତା, ପୁଅ: ସରୋଜ ମହାନନ୍ଦ, ମନୋଜ ମହାନନ୍ଦ (କେନ୍ଦ୍ରୀୟ ରାସ୍ତା ଓ କୋଠା ସର୍କଲ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଭୁବନେଶ୍ୱର), ନରେଶ ମହାନନ୍ଦ, ବୋହୂ, ଝିଅ ସସ୍ମିତା, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ ।

ଧ-୪୯୪



# Classified Everyday

0674-2580101, 9692975378



## MATRIMONIAL

### BRIDE WANTD

Brahmin Boy 1993, 5'11", MBA Serving Bhubaneswar, Monthly 60,000/- "Sunasansar"- 9937512659. D-76267

Teli Boy 1992, 5'5", +2, dving Business Monthly 30,000/- "Sunasansar"- 9937512659. D-76268

### GROOM WANTED

47 ବର୍ଷ SBI BANK ରେ କାର୍ଯ୍ୟରତ, ବିବାହଯୋଗ୍ୟ ବ୍ୟକ୍ତି ଯୋଗାଯୋଗ କରନ୍ତୁ- 8455853154. D-491



## REAL ESTATE SALE

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

3BHK flat with 3 Bathrooms, SBA (1750sqft.) 2nd floor, Eastfacing, near Basudev Wood, Saheed Nagar, Bhubaneswar, @price: 1.79Cr. Contact: 9937936471, 8938849650. D-76056

PLOT FOR SALE BANKUALA BBSR Near to Saibaba Mandira 1740sqft. only for SC and ST in lowest price Contact- 8700747184. D-487

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

Lodge/ Resort/ Cottage at Puri @ 15Lakhs & Sandalwood Farming Project @3Lakhs. 8917622925. D-482



## CONSTRUCTION

Do you want to construct a building on your own plot please contact K.K. Construction. 7 0 0 8 2 6 8 1 2 9 , 9439143273. D-71397

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## GENERAL SALE

**Whole sale paper plate & danna For Buffet , P h u l a n a n k h a r a , Cuttack. 7809525452.** D-74651




Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8 0 1 8 8 2 2 3 0 7 , 7978560206 for location and details. D-303

**1000sqft. Office on rent at Jayadev Vihar Square @35000/-, Marketing Office not allowed. +91 6371-084018 Sohan.** D-499




Newly open Jyoti SPA positively health benefits (Expert therapist). 8458067955. D-76912

**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by experience therapist with homely atmosphere. 8658088274. D-447

## AFFIDAVIT

By virtue of an affidavit sworn before the Notary Public, Bhubaneswar, dated 9 May 2025, I, Thomas Das Paltasingh, residing at Plot No.- SE- 19/3, Satyanagar, P.O.- Saheednagar, P.S.- Kharvelanagar, Bhubaneswar- 751007, Dist.- Khurda, Odisha, declare that I have changed my name from Thomas Das to Thomas Das Paltasingh. Henceforth, I shall be known as Thomas Das Paltasingh for all purposes.
Thomas Das Paltasingh D-488

I, Rambhabati Nayak (new name), Rambha Nayak (old name), W/o- Late Nakul Chandra Nayak, R/o. Village- Phulpatharkhol, P.O.- Jharagogua, P.S.- Laimura, Dist.- Deogarh, PIN- 768108 declare by this affidavit No.-261 dated 8.5.2025 sworn before the Executive Magistrate, Deogarh, I have changed my name from Rambha Nayak to Rambhabati Nayak. Henceforth, I shall be known as Rambhabati Nayak for all purposes. D-493

I, P.Ramesh Patra, S/o- Late P.Shyam Sundar Patra, resident of Plot No.- 166/2574, Ekamra Vihar, Ebaranga, Sundarpada, P.O.- Sundarpada, Ps-Air field, Bhubaneswar- 751002, Dist.- Khordha, Odisha, declare by this affidavit No.- 435 dtd.- 07.05.2025, that now onwards, I shall be known as P.Ramesh Kumar Patra for all future purposes. D-501

By virtue of an affidavit sworn before the Executive Magistrate, Dharmasala, dated 07.05.2025, I, Bulu Malik, Address: At- Bandhadiha, P.O.- Bandhadiha, P.S.- Dharmasala, Dist.- Jajpur, Odisha- 755005 declare that I have changed my daughter's name from Roji Malik to Lozy Malik. Henceforth, She shall be known as Lozy Malik for all purposes. D-489

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, କଣାସ, ଜି- ପୁରୀଙ୍କ ପାଖରେ ଶପଥ କରୁଅଛି କି, ମୁଁ ମୀରା ମହାପାତ୍ର, ସ୍ୱା- ପ୍ରମୋଦ ମହାପାତ୍ର, ଗ୍ରା/ପୋ- ଓହ୍ଲାଣ, ଥା- ଗଡ଼ଶାଗୋଦା, ମୋର ଆଧାର ନମ୍ବର XXXX XXXX ୫୨୧୧ ମୋର ଆଗ ନାମକୁ ବଦଳାଇ ନିରୁପମା ମହାପାତ୍ର କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୫୦୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, SAMIRA KUMAR SAHOO, S/o- Late Dhaneswar Sahoo, resident of At- Chanchapada, P.O.- Damodarpur, P.S.- Kishannagar, Dist.- Cuttack-754130, Odisha declare by this affidavit No.- 5451, dated 10.05.2025 that now onwards I shall be known as SAMIR KUMAR SAHOO for all future purposes. D-497

I, Madhumita Mishra, W/o- Sibanjan Mishra, resident of flat No. TP206, Imarat Trinath Plaza, near Mahalaxmi Cold Storage, Patrapada, P.S.- Khandagiri, Bhubaneswar, Dist.- Khordha, PIN- 751019, Odisha declare by this affidavit No. 6005, dtd- 08.05.2025 that now onwards I shall be known as Madhumita Ray for all future purposes. D-492

By virtue of an affidavit sworn before Executive Magistrate, Bhubaneswar, dated 11.04.2025, I, Surath Mukhi, S/o- DAMA MUKHI, Address: Resident of Plot No.-183, Kapilaprasad, Talsahi, near Trinatha Temple, Old Town, Bhubaneswar, Dist.- Khordha, Odisha-751002 declare that I have changed my name from Surendra Mukhi to Surath Mukhi. Henceforth, I shall be known as Surath Mukhi for all purposes.
Surath Mukhi D- 503

## LEGAL NOTICE

BEFORE THE DISTRICT CONSUMER DISPUTES REDRESSAL COMMISSION, PURI (ODISHA)
C.C.EXECUTION CASE NO.- 4 of 2025 (Arising out of C.C. Case No.- 155 of 2014)

Sunita Mohapatra, aged about 47 years, W/o- Ashutosh Mohapatra, At- Nua Sahi, Nabakalebar Road, P.O.- Puri-2, P.S.- Kumbharapada, Dist.- Puri.
.....Decree Holder
-Versus-
The Proprietor-cum-Manager, Swapna Motors Private Limited, At- Plot No.- 156, 157 & 158, Sector-A, Zone-A, Mancheswar Industrial Estate, Bhubaneswar-751010, Dist.- Khurdha
.......Judgment Debtor

NOTICE

Where as in the aforementioned Case, the notices issued could not be served on the Judgment Debtor in the ordinary process.

Therefore the JDR is directed to appear before this Commission in person or through Advocate on 29.05.2025 at 11.30 AM failing which the case will be decided in your absence in merit.

Sd./- President
District C.D.R. Commission, Puri
D-498

# ପ୍ରଥମ ଉପହାର ମା' ପାଇଁ



ମା' ଏମିତି ଏକ ମଣିଷ, ଯାହାର ତୁଳନା ନାହିଁ। ସନ୍ତାନକୁ ସେ ଜନ୍ମ ଦେଇଛି, ନିଜ କ୍ଷୀର ଖୁଆଇଛି, ଭଲ ମଣିଷ କରି ଗଢ଼ିବାକୁ ପ୍ରଥମ ଗୁରୁ ବି ସାଜିଛି, ଆଉ ଆଗକୁ ବଢ଼ି ସଫଳ ହେବା ଲାଗି ପ୍ରେରଣା ଓ ମାର୍ଗଦର୍ଶନ ବି ଦେଇଛି। ତେବେ ପ୍ରତିବଦଳରେ କିଛି ଆଶା ନ ରଖି ଜୀବନସାରା ନିଃସ୍ୱାର୍ଥ ଭାବେ କେବଳ ଦେଇ ଚାଲିଥିବା ମା'କୁ ନିଜ ପ୍ରଥମ ରୋଜଗାରରେ କିଛି ଉପହାର ଦେବାର ଅନୁଭୂତି ସତରେ ଅନନ୍ୟ ଓ ଅପୂର୍ବ। ଆଜି ମଦର୍ସ ଡେ' (ମେ ୨ୟ ରବିବାର) ଅବସରରେ କେତେଜଣଙ୍କ ଏଭଳି ଅନୁଭୂତିକୁ ନେଇ ବିଶେଷ ଉପସ୍ଥାପନା...

–ପୌର୍ଣ୍ଣମାସୀ

## ବୋଉ ଆଖିରେ ଖୁସି ଆଉ ଲୁହ ଥିଲା



**ଲଳିତ କୁମାର ସ୍ୱାଇଁ** (ସାହିତ୍ୟିକ, ନନ୍ଦଳା, ପୁରୀ)– ବୋଉ ପାଇଁ ପ୍ରଥମ ରୋଜଗାରରେ କିଣିଥିବା ଉପହାରର ଅନୁଭୂତି ସବୁବେଳେ ସତେଜ ହୋଇ ରୁହେ। ଜୀବନସାରା ଛୋଟ ଛୋଟ ଜିନିଷ ପାଇଁ ବୋଉକୁ ହାତ ପତାଉ ଥିବା ମଣିଷଟିଏ ମୁଁ। ଗାଁ ସ୍କୁଲରେ ବେସରକାରୀ ଭାବେ ଶିକ୍ଷକତା କରୁଥାଏ। ୨୦୦୮, ଅଗଷ୍ଟ ମାସରେ ମୋର ପ୍ରଥମ ରୋଜଗାର ଥିଲା ୭୦୦ ଟଙ୍କା। ଆଉ ସେହି ରୋଜଗାର ଅନୁସାରେ ତା' ପାଇଁ ହଳେ ଚପଲ, ଚୁଡ଼ି ଆଉ ଗୋଟେ ଶାଢ଼ି କିଣି ନେଇଥିଲି। ଏସବୁ ଦେଖି ସେ ଆଶ୍ଚର୍ଯ୍ୟ ଓ ସ୍ତବ୍ଧ ହୋଇଗଲା। ମୁଁ ସ୍ପଷ୍ଟ ଦେଖିପାରୁଥାଏ ତା' ଆଖିର ଖୁସି ଆଉ ଲୁହକୁ। ବୋଉକୁ ଦେଖିବା ପରଠୁ ସେ ସୂତା ଲୁଗା ପିନ୍ଧି ଆସୁଥିଲା। ଭାବିଲି ଭଲ ଶାଢ଼ି ଗୋଟେ ନେଇଗଲେ ସେ ବୋଧେ ବେଶି ଖୁସି ହେବ। ତା' ପରେ ଅବଶ୍ୟ ଗାଳି ଶୁଣିଲି, ''ତତେ ଜିନିଷ କିଣି ଆସେନି, ତତେ କିଏ କହିଲା ଏସବୁ କିଣିବାକୁ, ତତେ ଠକିଦେଲା, ଏମିତି ଡିଜାଇନ ଭଲ ହୋଇନି, ମୋର ଏସବୁ କ'ଣ ହେବ, ଏମିତି କେତେ କ'ଣ।'' ପୁଅର କାହିଁ ଅଯଥା ଟଙ୍କା ସରିବ ବୋଲି ବୋଉ ସିନା ମୋତେ ଏମିତି କହିଥିଲା, କିନ୍ତୁ ବାକି ସମସ୍ତଙ୍କୁ ଖୁସିରେ କହିଛି, ମୋ ପୁଅ ମୋ ପାଇଁ ଏସବୁ ଆଣିଛି। ଗାଁମାନଙ୍କରେ ବିଶେଷକରି ଏସବୁ ଅନାବିଳ ସ୍ନେହ, ଭଲପାଇବା ଆଉ ଆବେଗକୁ ସାମ୍ନା ଲୋକ ଆଗରେ ଏତେଟା କୁହାଯାଉ ନ ଥିଲା। ଦଶମରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ପୁଅକୁ ମଧ୍ୟ ଗାଁରେ ଲାଜ କରିବାକୁ ପଡୁଥିଲା। ମୋ କ୍ଷେତ୍ରରେ ବି ସେଇଆ ହୋଇଥିଲା। ଜୀବନର ସବୁକିଛି ଦେଇ ମତେ ତିଆରି କରିଥିବା ବୋଉକୁ ଉପହାର ଦେବାର ଧୃଷ୍ଟତା କରିଥିଲି, ଆଉ ତାହା ପାଇଁ ସେ ବହୁତ ଖୁସି ହୋଇଥିଲା, ତାହା ହିଁ ଆନନ୍ଦ।

## ମମି ପାଖରେ ଥିଲେ ମୁଁ ହିରୋ

**ମୁକେଶ** (ଆଙ୍କର)– ମମି (ସୁଚିତ୍ରା ବରିଶଲ) ପାଖରେ ଥିଲେ ମୋ ପାଇଁ ସବୁଦିନ ସ୍ପେଶାଲ। କାରଣ ମମି ବିନା ମୁଁ ଜିରୋ, ଆଉ ସେ ଥିଲେ ମୁଁ ହିରୋ। ପିଲାବେଳୁ ଏପର୍ଯ୍ୟନ୍ତ ସେ ଯେଉଁ ଆଦର ଯତ୍ନରେ ମୋତେ ବଢ଼ାଇଛନ୍ତି, ସେଥିପାଇଁ ସଦାସର୍ବଦା ତାଙ୍କ ପାଖରେ ଋଣୀ। କେବଳ ଖୁଆଇବା, ପାଠ ପଢ଼ାଇବା, ଗାଇଡ୍ କରିବା ନୁହେଁ ବରଂ ଆଜିର ଗ୍ଲାମର ଦୁନିଆରେ ନିଜର ପରିଚୟ ସୃଷ୍ଟି କରିବାରେ ବି ତାଙ୍କର ହାତ ଅଛି। କାରଣ ଆଜି ପର୍ଯ୍ୟନ୍ତ ଚୁଟି କାଟିବା ଲାଗି ହେଉ କିମ୍ବା ଫେସ୍ କେୟାର୍ ପାଇଁ କେବେ ପାର୍ଲର ଯାଇନି, ସେ ହିଁ ପିଲାବେଳୁ ମୋ ବ୍ୟୁଟିସିଆନ୍। ତାଙ୍କର ମୋର ପସନ୍ଦ ବି ସମାନ। ତାଙ୍କୁ ବ୍ଲାକ୍ କଲର ବହୁତ ପସନ୍ଦ। ତେଣୁ ୨୦୧୫ରେ ଯେଉଁଦିନ ମୋ ପ୍ରଥମ ରୋଜଗାର ଟଙ୍କା ପାଇଥିଲି, ତାଙ୍କ ପାଇଁ ନାଇଟି ଟିଏ କିଣି ଆଣିଥିଲି। ସେ ତା'କୁ ଧରି ଯେତିକି ଖୁସି ହୋଇଥିଲେ, ତା' ଆଗରେ ଯେମିତି କୋଟିଏ ଟଙ୍କାର ଉପହାର ବି ତୁଚ୍ଛ। ତାଙ୍କୁ ଦେଖି ମୋତେ ଯେଉଁ ଆନନ୍ଦ ମିଳିଥିଲା ତାହା ଅବର୍ଣ୍ଣନୀୟ। ସେହିବର୍ଷ ମଦର୍ସ ଡେ'ରେ ତାଙ୍କୁ ଦୁଇ ହଳ ଇୟରରିଙ୍ଗ୍ସ ଏବଂ ହଳେ ପାଉଁଜି ବି ଦେଇଥିଲି। ଆଜି ଏହି ଶୁଭ ଅବସରରେ ମମି ସୁସ୍ଥ ରୁହନ୍ତୁ ଏବଂ ସବୁବେଳେ ମୋ ପାଖରେ ରୁହନ୍ତୁ ଏତିକି ଈଶ୍ୱରଙ୍କ ନିକଟରେ କାମନା କରିବି।



## ଫେସିଆଲ୍ ଏକ୍ସପ୍ରେଶନ୍‌ରେ ପ୍ରସ୍ଫୁଟିତ ହେଉଥିଲା ମା'ଙ୍କ ଖୁସି



**ଜ୍ୟୋତି** (ଅଭିନେତା)– ପିଲାବେଳୁ ଅଭିନୟ ପ୍ରତି ମୋର ଆଗ୍ରହ। ଏ କ୍ଷେତ୍ରରେ ଆଗକୁ ବଢ଼ିବା ଓ ଜଣେ ଅଭିନେତା ଭାବେ ନିଜର ପରିଚୟ ସୃଷ୍ଟି କରିବା ଲାଗି ଯିଏ ସାଜିଥିଲେ ମୋର ପ୍ରଥମ ଗୁରୁ, ସେ ହେଉଛନ୍ତି ମୋ ମା' (ଚନ୍ଦ୍ରକାନ୍ତି ପଣ୍ଡା)। ସେ ଜଣେ କଣ୍ଠଶିଳ୍ପୀ। ତେଣୁ ପିଲାଦିନୁ ସେ ମୋ ରୁଚିକୁ ସଫଳ କରିବା ଦିଗରେ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ ଏବଂ ସଦାସର୍ବଦା ଉତ୍ସାହିତ କରିଥିଲେ। ଅଭିନୟରେ କ୍ୟାରିୟର ଆରମ୍ଭ କରିବା ପରେ ମୋ ପ୍ରଥମ ରୋଜଗାର ଟଙ୍କାରେ ତାଙ୍କ ପାଇଁ ଗୋଟିଏ ଶାଢ଼ି ଆଣିଥିଲି। ମା'ଙ୍କୁ ଜୀବନରେ ପ୍ରଥମଥର ଉପହାର ଦେବାକୁ ଯାଉଥିବାରୁ ମୋ ମନରେ ଉତ୍କଣ୍ଠା ଭରି ରହିଥିଲା। ଆଉ ଯେତେବେଳେ ତାଙ୍କ ହାତକୁ ପ୍ୟାକେଟ୍‌ଟି ବଢ଼ାଇଦେଇଥିଲି, ସେ ଶାଢ଼ିଟିକୁ ଦେଖି ଖୁବ୍ ସୁନ୍ଦର ହୋଇଛି, କିନ୍ତୁ କାହିଁକି ଆଣୁଥିଲୁ ବୋଲି କହିଥିଲେ। ହେଲେ ବାସ୍ତବରେ ଅନ୍ତରର ଖୁସି ତାଙ୍କ ଫେସିଆଲ୍ ଏକ୍ସପ୍ରେଶନ୍‌ରେ ପ୍ରସ୍ଫୁଟିତ ହେଉଥିଲା। ସତ କହିବି ସେହି ମୁହୂର୍ତ୍ତଟି ମୋତେ ଏତେ ଖୁସି ଦେଇଥିଲା ଯେ ସାରା ଜୀବନ ଏ ଅନୁଭୂତି ମୋ ମନରେ ସାଇତା ହୋଇ ରହିବ।

## ମା'କୁ କିଛି ଦେଇପାରିଥିବାରୁ ନିଜକୁ ଧନ୍ୟ ମନେକରୁଛି

**ଦ୍ୟୁତୀ ଚାନ୍ଦ** (କ୍ରୀଡ଼ାବିତ୍)– ପିଲାବେଳ ଅଭାବରେ କଟିଛି। ପିଲାଙ୍କୁ ଭଲକରି ଟିକେ ଖୁଆଇବା ପାଇଁ ଅଭିଭାବକଙ୍କ କଷ୍ଟକୁ ଅନୁଭବ କରିଛି। ଆମକୁ ମଣିଷ କରିବା ଲାଗି ମା'(ଅଖୋଜି ଚାନ୍ଦ) ଯେବେ ନିଜ ପାଖରେ ଥିବା ଅଳ୍ପ କେତୋଟି ଗହଣାକୁ ବି ବିନା ଲୋଭରେ ବିକି ଦେଇଛି ତାହା ବି ଦେଖିଛି। ଏମିତିରେ ଭବିଷ୍ୟତରେ ନିଶ୍ଚୟ ସଫଳ ହୋଇ ତା'ଙ୍କ ମନରେ ଖୁସି ଭରିଦେବା ମୋର ସବୁଠୁ ବଡ଼ ଲକ୍ଷ୍ୟ ଥିଲା। ମା'କୁ ନିଜ ପ୍ରଥମ ରୋଜଗାରରେ ସମ୍ବଲପୁରୀ ଶାଢ଼ିଟିଏ ଉପହାର ଦେଇଥିଲି। ଆଉ ଖୁସିରେ ତା' ପାଟିରୁ ଯେଉଁ ଆଶୀର୍ବାଦ ବାହାରିଥିଲା, ତାହା ମୋତେ କେତେ ଆନନ୍ଦ ଦେଇଥିଲା ପ୍ରକାଶ କରିବାକୁ ମୋ ପାଖେ ଭାଷା ନିଅଣ୍ଟ। ପରେ ସୁନାଗହଣା ଦେଇଛି, ରହିବା ପାଇଁ ଭଲ ଘରଟିଏ ଦେଇପାରିଛି। ଯଦିଓ ମା' କେବେ ଉପହାର ଆଶା କରେନି, ତାକୁ ଯାହାଦେଲେ କାହିଁକି ଆଣୁଛୁ କହି ମନା କରେ ; ତଥାପି ଜଣେ ଝିଅ ହୋଇ ବି ମା'କୁ କିଛି ଦେଇପାରିଥିବାରୁ ନିଜକୁ ଧନ୍ୟ ମନେକରୁଛି।



## ବୋଉ ଆଦରରେ ସାଇତି ରଖିଛି

**ସୂର୍ଯ୍ୟକାନ୍ତ ସାମଲ** (ଅଭିନେତା, ପ୍ରଯୋଜକ)– ବୋଉ (ବାସନ୍ତି ସାମଲ)ଠାରୁ ମଧୁର ଶବ୍ଦ ଏ ଦୁନିଆରେ ଆଉ କିଛି ନାହିଁ। ତା' ନାଁ ଧରିଲେ ଯେମିତି ସବୁ କଷ୍ଟ ଦୂରେଇଯାଏ। ତେଣୁ ତା' ପାଇଁ ଗୋଟିଏ ଦିନ ନୁହେଁ ସାରା ଜୀବନ ଉତ୍ସର୍ଗୀକୃତ। ତଥାପି ଏହି ମଦର୍ସ ଡେ'ରେ ମା'କୁ କିଛି ଉପହାର ଦେଇ ଏହି ସ୍ପେଶାଲ ଦିନକୁ ଭଲ ଭାବେ ସେଲିବ୍ରେଟ୍ କରିବାକୁ ହୃଦୟର ସହ ସ୍ୱାଗତ କରୁଛି। ତେବେ ମୋ ମତରେ ଜୀବନରେ ଯେବେ ସୁଯୋଗ ମିଳୁଛି ତା'କୁ କିଛି ଦେବା ନିହାତି ଦରକାର। କାରଣ ଯିଏ ଆମକୁ ଜନ୍ମ ଦେଇଛି, ସବୁ ଅଳି ଅଝଟ ସହି କୋଳେଇ କାଖେଇ ମଣିଷ କରିଛି ତା'କୁ ଖୁସିରେ ରଖିବା ଆମର ପ୍ରଥମ କର୍ତ୍ତବ୍ୟ। ମୁଁ ଯେବେ ପ୍ରଥମ ଥର ରୋଜଗାର କରିଥିଲି ବୋଉ ପାଇଁ ଗୋଟିଏ ସାଲ୍ ଆଣିଥିଲି। ତା'କୁ ଦେଖି ସେ ଏତେ ଖୁସି ହୋଇଯାଇଥିଲା କହିଲେ ନ ସରେ। ଏବେବି ସେ ତା'କୁ ବଡ ଆଦରର ସହ ସାଇତି ରଖିଛି। ଆଉ ତା'ପରେ ମୁଁ ବୋଉ ପାଇଁ ଅନେକ ଜିନିଷ ଆଣିଛି ସତ, ହେଲେ ଯେବେବି ସେହି ସାଲ୍‌ଟି ସେ ଦେହରେ ପକାଏ ମୋତେ କାହିଁକି ସବୁଠୁ ଅଧିକ ଖୁସି ମିଳେ।







## ଏକ୍ସାଇଟ୍‌ମେଣ୍ଟ ବହୁତ ବଢ଼ିଯାଇଥିଲା

**ଅର୍ପିତା** (କଣ୍ଠଶିଳ୍ପୀ)– ପ୍ରତ୍ୟେକ ସନ୍ତାନ ଜୀବନରେ ମା'ର ଭୂମିକା ଅତୁଳନୀୟ। ତେଣୁ ମା'କୁ ଉପହାରରେ ଯାହା ବି ଦେଲେ ସବୁ କମ୍। ତଥାପି ସବୁବେଳେ ଯାହାଠାରୁ କେବଳ ପାଇଛେ ତାଙ୍କୁ ନିଜ ପ୍ରଥମ ରୋଜଗାରରେ କିଛି ଗିଫ୍ଟ ଦେବାରେ ଯେଉଁ ଅପୂର୍ବ ଆନନ୍ଦ ମିଳେ ତାହା ଅବର୍ଣ୍ଣନୀୟ। ମନେପଡୁଛି, ଯଦିଓ ଶିଶୁ କଣ୍ଠଶିଳ୍ପୀ ଭାବେ ଷ୍ଟାଣ୍ଡାର୍ଡ ୩ରୁ ସ୍କଲାରଶିପ୍ ପାଇବା ଆରମ୍ଭ ହୋଇଯାଇଥିଲା, ହେଲେ ଯେବେ ପ୍ରଥମଥର ଏଥିରେ କ୍ୟାରିୟର ଆରମ୍ଭ କରି ଟଙ୍କା ପାଇଲି, ମାମା (ରମା ରେଣୁ ମହାପାତ୍ର)ଙ୍କ ପାଇଁ ଗୋଟିଏ ସୁନ୍ଦର ଶାଢ଼ି ଆଣିଥିଲି। ପ୍ରଥମଥର ଝିଅ ନିଜ ରୋଜଗାରରେ ଗିଫ୍ଟ ଦେଉଥିବା ବେଳେ ତାଙ୍କ ପ୍ରତିକ୍ରିୟା କେମିତି ରହିବ ଦେଖିବା ପାଇଁ ମୋ ଭିତରେ ଏକ୍ସାଇଟ୍‌ମେଣ୍ଟ ବହୁତ ବଢିଯାଇଥିଲା। ଆଉ ଯେତେବେଳେ ତାଙ୍କ ହାତକୁ ଶାଢ଼ିଟି ବଢ଼ାଇଦେଲି ଖୁସିରେ ତାଙ୍କ ଆଖି ଝରଝର ହୋଇଗଲା ଓ ସେ ମୋତେ କୁଣ୍ଢାଇ ପକାଇଲେ। ଆଜି ମୁଁ ମା'ଙ୍କୁ କିଛି ଦେବା ପାଇଁ ସକ୍ଷମ ହୋଇପାରିଛି ଭାବି ବେଶ୍ ଆତ୍ମସନ୍ତୋଷ ମିଳିଥିଲା ଏବଂ ଆଗକୁ ଅଧିକରୁ ଅଧିକ ରୋଜଗାର କରି ମାମାବାପାଙ୍କ ପାଦତଳେ ସବୁ ଖୁସି ଅଜାଡି ଦେବାକୁ ଆହୁରି ଆଗ୍ରହ ବଢିଥିଲା। ସେବେଠୁ ତାଙ୍କ ପାଇଁ କିଛି ନା କିଛି ଉପହାର ନିଶ୍ଚୟ ନିଏ। ଆଜି ମଦର୍ସ ଡେ' ଅବସରରେ ମାମା ସବୁବେଳେ ହସ ଖୁସିରେ ରୁହନ୍ତୁ ବୋଲି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି।



## ଏ ସପ୍ତାହର ପ୍ରଶ୍ନ

୧– ବିରୂପାକ୍ଷ ମନ୍ଦିର.......... ରାଜ୍ୟରେ ଅବସ୍ଥିତ ?
୨– ଏନ୍‌ଆଇଏଲ୍‌ପିର ଫୁଲ୍‌ଫର୍ମ ................ ?
୩– ରୋମିଓ ଆଣ୍ଡ ଜୁଲିଏଟ୍ ପୁସ୍ତକର ଲେଖକ ................. ?
୪– ନ୍ୟାଶନାଲ ସ୍ପୋର୍ଟ୍ସ ଡେ' ........ ତାରିଖରେ ପାଳନ କରାଯାଏ ?
୫– ବୁଦ୍ଧ ସମ୍ୟକ୍ ଦର୍ଶନ ସଂଗ୍ରହାଳୟ ........... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଏପ୍ରିଲ୍ ୧୮ ତାରିଖ
୨ ମହାରାଷ୍ଟ୍ର
୩ ଆୱାର ପାୱାର, ଆୱାର ଆର୍ଥ– ଆମ ଶକ୍ତି ଆମ ପୃଥିବୀ
୪ ଉତ୍ତରାଖଣ୍ଡ
୫ ସାଉଥ୍ ଆଫ୍ରିକା

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ମାନସ ରଞ୍ଜନ ପଟ୍ଟନାୟକ ଭୁବନେଶ୍ୱର


ଶକ୍ତି ପ୍ରସାଦ ସିଂ ଭୁବନେଶ୍ୱର

## ଟପ୍ ୧୦

### ଲୋକପ୍ରିୟ କଫି ବ୍ରାଣ୍ଡ



୧...................................ଷ୍ଟାରବକ୍ସ
୨...................................କିଉରିଗ୍ ଡ. ପିପର୍
୩...................................ନେସ୍କାଫେ
୪...................................ପିଟ୍ସ କଫି
୫...................................ଗ୍ଲୋରିଆ ଜିନ୍ସ କଫିଜ୍
୬...................................ଟିମ୍ ହର୍ଟନ୍ସ
୭...................................କୋଷ୍ଟା କଫି
୮...................................ଫଲ୍‌ଗର୍ସ
୯...................................ଲାଭାଜା
୧୦...................................ଡଙ୍କିନ୍

**ୟୁଥ୍ ଫ୍ୟାଶନ୍**

## ଇଣ୍ଡୋ-ୱେଷ୍ଟର୍ନ ଫ୍ୟାଶନ୍ ଟ୍ରେଣ୍ଡ

ବର୍ତ୍ତମାନ ଟ୍ରାଡିସିନାଲ ୱେର ସହିତ ବିଭିନ୍ନ ୱେଷ୍ଟର୍ନ ଡ୍ରେସ୍‌ର ଫ୍ୟୁଜନ୍ ଏବେ ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଛି। ତେବେ ଏହି ଇଣ୍ଡୋ–ୱେଷ୍ଟର୍ନ ଆଉଟ୍‌ଫିଟ୍ ଯୁବପିଢ଼ିଙ୍କୁ ସର୍ବାଧିକ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି ...

- ବର୍ତ୍ତମାନ ଫେଷ୍ଟିଭ୍ ଲୁକ୍‌ରେ ଯୁବତୀ ହୁଅନ୍ତୁ ଅବା ଯୁବକ, ବିଭିନ୍ନ ଟ୍ରାଡିସିନାଲ କୁର୍ତ୍ତା ସହିତ ଜିନ୍ସର କମ୍ବିନେଶନ୍‌କୁ ଅଧିକ ପସନ୍ଦ କରୁଛନ୍ତି। ଅନେକ ଯୁବତୀ ଆଙ୍କେଲ୍ ଲେନ୍ଥ ଜିନ୍ସ ସହ ଶାଢ଼ି, ବେଲ୍ଟ ଏବଂ ହାଇନେକ୍ ବ୍ଲାଉଜ୍ ପିନ୍ଧି ମଧ୍ୟ ଟ୍ରେଣ୍ଡି ଓ ଆଇକ୍ୟାଚି ଲୁକ୍ ପାଇପାରୁଛନ୍ତି।
- ସିଲ୍କ ଶାର୍ଟ ସହିତ ଷ୍ଟ୍ରେଟ୍ ପ୍ୟାଣ୍ଟର କମ୍ବିନେଶନ ଖୁବ୍ ମଡର୍ନ ଲୁକ୍ ଦେଇଥାଏ। ଏହି ୟୁନିସେକ୍ସ ଇଣ୍ଡୋ–ୱେଷ୍ଟର୍ନ ଫ୍ୟାଶନ ଏବେ ଅନେକଙ୍କର ପ୍ରଥମ ପସନ୍ଦ ପାଲଟିଛି। ଏହା ସହ ମ୍ୟାଚିଂ ଆସେସରିଜ୍ ଅଧିକ ଫ୍ୟାଶନେବଲ୍ ଲାଗିଥାଏ।
- କେବଳ ବିଭିନ୍ନ ଟ୍ରାଡିସିନାଲ୍ ଶାର୍ଟ ନୁହେଁ, ବରଂ ସିଲ୍କ ଏବଂ ସମ୍ବଲପୁରୀ ଇକତ୍ ଭଳି ଟ୍ରାଡିସିନାଲ୍ କ୍ଲଥ୍‌ରେ ପ୍ରସ୍ତୁତ ବ୍ଲେଜରର ମଧ୍ୟ ଡିମାଣ୍ଡ ବଢୁଛି। ଏହା ସିଙ୍ଗଲ୍ କଲରର ଷ୍ଟ୍ରେଟ୍ ପ୍ୟାଣ୍ଟ ହେଉ କିମ୍ବା ଜିନ୍ସ ସହିତ ରେଡ୍, ବ୍ଲୁ, ଅରେଞ୍ଜ ଭଳି କଲରର ବ୍ଲେଜରକୁ ଅନେକେ ପସନ୍ଦ କରୁଛନ୍ତି। ଏହା ମଡର୍ନ ଏବଂ ଫ୍ୟାଶନେବଲ୍ ଲୁକ୍ ଦେଉଛି।
- ବର୍ତ୍ତମାନ ପ୍ଲେନ୍ ବା ସିଙ୍ଗଲ୍ କଲର ଧୋତି ପ୍ୟାଣ୍ଟ ସହିତ ଟ୍ରାଡିସିନାଲ୍ ଶାର୍ଟ, କୁର୍ତ୍ତା ଆଦିକୁ ଯୁବପିଢ଼ି ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ଭାବେ ବାଛୁଥିବା ଦେଖିବାକୁ ମିଳୁଛି। ଏହା ଟ୍ରେଣ୍ଡି ଏବଂ କ୍ଲାସି ଲୁକ୍ ଦେଉଛି। ଏଥିରେ ଅନେକେ ଓଭରକୋଟ୍ ଆଡ୍ କରି ଅଧିକ ଷ୍ଟାଇଲିଶ୍ ଲୁକ୍ ପାଇପାରୁଛନ୍ତି।
- ବିଭିନ୍ନ ବନାରସୀ କୁର୍ତ୍ତା କିମ୍ବା ସେର୍‌ୱାନିର ସହ ବି ଜିନ୍ସର କମ୍ବିନେଶନ୍ ଅନେକଙ୍କୁ ଖୁବ୍ ପସନ୍ଦ ଆସୁଛି।



# ଜାତୀୟ ରେକର୍ଡ ଭାଙ୍ଗିଲେ ହର୍ଷବର୍ଦ୍ଧନ

## ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ

## ଜ୍ୟୋତ୍ସ୍ନା ଶବରଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୦।୫(ତପନ ସ୍ୱାଇଁ)**

ବିହାରର ରାଜଗିରଠାରେ ଚାଲିଥିବା ୭ମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଶନିବାର ଓଡ଼ିଶା ଭାରୋତ୍ତୋଳକମାନେ ଚମକ ସୃଷ୍ଟି କରିଛନ୍ତି। ଜ୍ୟୋତ୍ସ୍ନା ଶବର ଓ ହର୍ଷବର୍ଦ୍ଧନ ସାହୁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ହର୍ଷବର୍ଦ୍ଧନ ୨ଟି ଜାତୀୟ ଯୁଥ୍ ରେକର୍ଡ ସହ ୪୯ କିଗ୍ରା ବର୍ଗରେ ମୋଟ ୨୦୩ କେଜି ଉତ୍ତୋଳନ କରି ଐତିହାସିକ ସଫଳତା ପାଇଛନ୍ତି। ସେ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ସହ ମୋଟ ୨୦୩ କେଜି ଉତ୍ତୋଳନ କରି ୨ଟି ଜାତୀୟ ଯୁଥ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ସ୍ନାଚ୍‌ରେ ସେ ୮୮ କେଜି ଭାର ଉଠାଇଥିଲେ। ଗତବର୍ଷ ଫିଜିର ସୁଭାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ଯୁଥ୍ ଚାମ୍ପିୟନଶିପ୍‌ରେ ଝାଡ଼ଖଣ୍ଡର ବାବୁଲାଲ ହେମ୍ବ୍ରମ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୪ କେଜି ଉତ୍ତୋଳନ କରି ରେକର୍ଡର ଅଧିକାରୀ ଥିଲେ। ସେହିପରି ୪୦ କେଜି ବର୍ଗରେ ସମୁଦାୟ ୧୨୨ କେଜି ଓଜନ ଉଠାଇ ଜ୍ୟୋତ୍ସ୍ନା ରାଜ୍ୟକୁ ଗର୍ବିତ କରିଛନ୍ତି।

ହର୍ଷବର୍ଦ୍ଧନ ପଟିଆସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ। ନିକଟରେ ପେରୁର ଲିମାଠାରେ ଅନୁଷ୍ଠିତ ୱାର୍ଲ୍ଡ ଯୁଥ୍ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ''ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସରେ ଜାତୀୟ ରେକର୍ଡ ସୃଷ୍ଟି



ହର୍ଷବର୍ଦ୍ଧନ ସାହୁ



ଜ୍ୟୋତ୍ସ୍ନା ଶବର

କରିଥିବାରୁ ମୁଁ ଖୁବ୍ ଆନନ୍ଦିତ। ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲି। ପେରୁରେ ବ୍ରୋଞ୍ଜ ପଦକ ଜିତିବାପରେ ମୁଁ ଟ୍ରେନିଂ ପାଇଁ ଅଧିକ ସମୟ ପାଇ ନ ଥିଲି। ଏହା ସତ୍ତ୍ୱେ ପୂରା ଫୋକସ ରଖି ମୁଁ ଏହି ସଫଳତା ପାଇଛି। ଭାରତ ସରକାର, ସାଇ ଓ କୋଚ୍ ଆକାଶଙ୍କଠାରୁ ଭରପୂର ସମର୍ଥନ ପାଇଥିବାରୁ ଏପରି ସଫଳତା ସମ୍ଭବ ହୋଇପାରିଛି'' ବୋଲି ହର୍ଷବର୍ଦ୍ଧନ ପ୍ରକାଶ କରିଛନ୍ତି। ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିବାରୁ ୧୮ ବର୍ଷୀୟ ହର୍ଷବର୍ଦ୍ଧନ ରାଜ୍ୟଗୋଷ୍ଠୀ ଯୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ହେବ।

ହର୍ଷବର୍ଦ୍ଧନଙ୍କ ପରି ଜ୍ୟୋତ୍ସ୍ନା ମଧ୍ୟ ପେରୁରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେ ଏବେ ଖେଲୋ ଇଣ୍ଡିଆ ପ୍ରତିଯୋଗିତାର ସ୍ନାଚ୍‌ରେ ୫୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୬୭ କେଜି ଉତ୍ତୋଳନ କରିଛନ୍ତି। ୱାର୍ଲ୍ଡ ଯୁଥ୍ ଚାମ୍ପିୟନଶିପ୍‌ରେ ସେ ମୋଟ ୧୨୯ (୫୭+୭୨) କେଜି ଉତ୍ତୋଳନ କରିଥିଲେ। ଜ୍ୟୋତ୍ସ୍ନା ଏବେ ଭୁବନେଶ୍ୱରରେ ଥିବା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟରରେ ହଙ୍ଗେରୀ କୋଚ୍ ଜୋଲଟାନ ବାଟୋର୍ଫଙ୍କଠାରୁ ଟ୍ରେନିଂ ନେଉଛନ୍ତି। ଗଡପତି ଜିଲା ପେକଟା ଗ୍ରାମରେ ଏକ କୃଷକ ପରିବାରରୁ ଆସିଥିବା ଜ୍ୟୋତ୍ସ୍ନା ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା କେ. ରବି କୁମାରଙ୍କ ଦ୍ୱାରା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରୁ ଆସିଥିଲେ। ଏବେ ମଧ୍ୟ ରବି କୁମାର ତାଙ୍କୁ ଟ୍ରେନିଂ ଦେଉଛନ୍ତି। ଜ୍ୟୋତ୍ସ୍ନା ନିଜ ସଫଳତାର ଶ୍ରେୟ ପରିବାର ଓ କୋଚ୍‌ଙ୍କୁ ଦେଇଛନ୍ତି। ''ସ୍ୱର୍ଣ୍ଣ ଜିତିଥିବାରୁ ବହୁତ ଖୁସି। ମୁଁ ଏପରି ସଫଳତା ପାଇବି ବୋଲି ଭାବିପାରି ନ ଥିଲି। କାରଣ ମାତ୍ର ୨-୩ ଦିନ ଟ୍ରେନିଂ ନେଇଥିଲି। ତେବେ କେବେହେଲେ ଫୋକସ ନ ହଟାଇବା ପାଇଁ ମୋ କୋଚ୍ ପରାମର୍ଶ ଦେଇଥିଲେ। ମୁଁ ଏବେ ଯେଉଁଠି ବି ପହଞ୍ଚିଛି ପରିବାର ଓ କୋଚ୍‌ଙ୍କ ପାଇଁ'' ବୋଲି ଜ୍ୟୋତ୍ସ୍ନା ପ୍ରକାଶ କରିଛନ୍ତି।

### ସେମିଫାଇନାଲରେ ଓଡ଼ିଶା

ଓଡ଼ିଶା ପୁରୁଷ ଫୁଟବଲ୍ ଦଳ ଉନ୍ନତ ପ୍ରଦର୍ଶନ ଜାରିରଖି ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଚଣ୍ଡିଗଡ଼କୁ ୧-୦ରେ ପରାସ୍ତ କରି ଟେବୁଲ ଟପ୍ପର ହୋଇଛି। ଏଥିସହ ଓଡ଼ିଶା ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ପକ୍ଷରୁ ୩୪ତମ ମିନିଟରେ ଭେଙ୍କଟେଶ୍ୱର ଓରାମ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।

# ଓସିଏ ପକ୍ଷରୁ କୋଚ୍, ସପୋର୍ଟ ଷ୍ଟାଫ୍ ନିଯୁକ୍ତି

**ଭୁବନେଶ୍ୱର, ୧୦।୫(ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଘରୋଇ ସିଜନ ୨୦୨୫-୨୬ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବିଭିନ୍ନ ଦଳର କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ନାମ ଘୋଷଣା କରାଯାଇଛି। ଆଗାମୀ ସିଜନ ଲାଗି ନିଜ ପଦ ବଜାୟ ରଖିଥିବା କୋଚ୍‌ମାନେ ହେଲେ ସିନିୟର ଦଳର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ଜିଲା ଓ ରାଜ୍ୟ ଏକାଡେମୀର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମ ଓ ସିନିୟର ମହିଳା ଦଳର ମୁଖ୍ୟ କୋଚ୍ ସୁଷମା ଶର୍ମା। ସୌରଜିତ୍ ମହାପାତ୍ର ପୁରୁଷ ଚୟନ କମିଟି ଅଧ୍ୟକ୍ଷ ରହିଥିବାବେଳେ ଅବକାଶ ଖଟୁଆ ଓ ଶୁଭ୍ରଜିତ୍ ସାହୁ ସଦସ୍ୟ, ଜୁନିୟର ପୁରୁଷ ଚୟନ କମିଟିରେ ନଟରାଜ ବେହେରା ଅଧ୍ୟକ୍ଷ ଏବଂ ନିରଞ୍ଜନ ବେହେରା ଓ ଜଗନ୍ନାଥ ଦାସ ସଦସ୍ୟ ରହିଛନ୍ତି। ସେହିପରି ସସ୍ମିତା ପଟ୍ଟନାୟକ ମହିଳା ଚୟନ କମିଟି ଅଧ୍ୟକ୍ଷା ଏବଂ ଗଙ୍ଗୋତ୍ରୀ ବେହେରା, ଶୁଭ୍ରାଂଶୁବାଳା ଭୂୟାଁ, ଓ ତିଳୋତ୍ତମା ସାହୁ ସଦସ୍ୟା ଅଛନ୍ତି। କୋଚ୍‌ଭାବେ ପୁରୁଷ ୱିଙ୍ଗ୍‌ରେ ସୌରଭ ସେହଗଲ, ବସନ୍ତ ମହାନ୍ତି, ଶୁବିତ ବିଶ୍ୱା, ରଶ୍ମି ରଞ୍ଜନ ଦାସ, ପ୍ରଭଞ୍ଜନ ମଲିକ, ପ୍ରୀତମ୍‌ଜିତ ଦାସ, ସୁରେଶ କୁମାର, ଅସଜିତ୍ ଜୟପ୍ରକାଶମ, ବିଭୁଦତ୍ତ ପଣ୍ଡା, ସଞ୍ଜୟ ଶତପଥୀ, ଦୀପକ ମଙ୍ଗରାଜ, ସଞ୍ଜୀବ ପ୍ରସାଦ, କେ.ଭି. ପ୍ରସାଦ, ପ୍ରଭାତ ନାୟକ, ଶୋଭନ ଦେବ ଓ ଦେବଦତ୍ତ ଲେଙ୍କା ସ୍ଥାନ ପାଇଛନ୍ତି।

# ଆଜି ଭାରତ-ଶ୍ରୀଲଙ୍କା ଫାଇନାଲ



ଟ୍ରଫି ସହ ଦୁଇ ଦଳର ଅଧିନାୟିକା।

## ମହିଳା ଦିନିକିଆ ତ୍ରିରାଷ୍ଟ୍ରୀୟ କ୍ରିକେଟ

**କଲମ୍ବୋ, ୧୦।୫ (ପି.ଟି.)**

ଭାରତ ଦୃଢ଼ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସହ ଏଠାରେ ରବିବାର ଖେଳାଯିବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ମହିଳା ଅନ୍ତର୍ଜାତୀୟ ଦିନିକିଆ ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜ ଫାଇନାଲ ଜିତିବା ଲାଗି ଆଶା ପୋଷଣ କରିଛି। ଇଭେଣ୍ଟରେ ଭାରତ ଥରେ ମାତ୍ର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ପରାଜିତ ହୋଇଛି। କିନ୍ତୁ ହରମନପ୍ରୀତ କୌରଙ୍କ ଦଳ ଏହି ଟୁର୍ନାମେଣ୍ଟରେ ସବୁଠାରୁ ପ୍ରାଧାନ୍ୟବିସ୍ତାର କରି ଖେଳିଥିବା ଦଳ। ଦଳ ୪ଟି ମ୍ୟାଚରୁ ୩ଟିରେ ବିଜୟ ହାସଲ କରି ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଶ୍ରୀଲଙ୍କା ଦୁଇଟି ବିଜୟ ଏବଂ ସମାନ ସଂଖ୍ୟକ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୪ଟି ଗେମ୍‌ରୁ ମାତ୍ର ଗୋଟିଏ ବିଜୟ ସହ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ମୁକାବିଲା ଜିତିବା ଉଭୟ ଦଳ ପାଇଁ ମହତ୍ତ୍ୱପୂର୍ଣ୍ଣ। ଏଠାରେ ଭାରତର ଭଲ ପ୍ରଦର୍ଶନ ପଛରେ ମୁଖ୍ୟ କାରଣ ହେଉଛି ଚମତ୍କାର ବ୍ୟାଟିଂ ପ୍ରଦର୍ଶନ। ଭାରତର ଶ୍ରେଷ୍ଠ ବ୍ୟାଟର ଜେମିମା ରୋଡ୍ରିଗ୍ସ ୬୭ ଆଭରେଜରେ ମୋଟ ୨୦୧ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର ଏକ ଶତକ (୧୨୩) ରହିଛି। ଅନ୍ୟ ସଫଳ ବ୍ୟାଟରଙ୍କ ମଧ୍ୟରେ ରହିଛନ୍ତି ପ୍ରତୀକା ରାୱଲ (୧୬୪), ସ୍ମୃତି ମନ୍ଧାନା (୧୪୮) ଓ ଦୀପ୍ତି ଶର୍ମା (୧୨୬)। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୀପ୍ତି ୯୩ରନ କରି ଅପରାଜିତ ରହିଥିଲେ। ଅଧିନାୟିକା ହରମନପ୍ରୀତ ଇଭେଣ୍ଟରେ ଯଦିଓ ଏକ ବଡ଼ ସ୍କୋର କରିପାରି ନାହାନ୍ତି। ସେ ଗତ ତିନୋଟି ମ୍ୟାଚରେ ୪୧*, ୩୦ ଓ ୨୮ ରନ କରିଛନ୍ତି।

# ରାଜ୍ୟ କରାଟେ: ବିଶ୍ୱଦୀପଙ୍କୁ ଡବଲ ସ୍ୱର୍ଣ୍ଣ




ପଦକ ବିଜେତା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ରାଜ୍ୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ୧୦, ୧୧ ଓ ୧୨ ବର୍ଷ ବୟସ ବର୍ଗ ବାଳିକା ଓ ବାଳକ ବିଭାଗର କାଟା ଓ ଫାଇଟିଂ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ସୋନାଲି ଚାନ୍ଦ ଓ ଅମିତ କୁମାର ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କରାଟେକାଙ୍କ ମଧ୍ୟରୁ ବିଶ୍ୱଦୀପ ବେହେରା ଡବଲ ସ୍ୱର୍ଣ୍ଣ ଜିତିଥିବାବେଳେ ବୈଶାଳୀ ପାତ୍ର, ଅଭିଜ୍ଞାନ ଦାଶ, ପ୍ରଣୀତ ଜେନା, ତୁଷାର ପତି, ଭି. ପ୍ରଜ୍ଞାନ, ବୈଷ୍ଣବୀ ବେହେରା, ଅନର୍ଦିତ୍ୟ ସ୍ୱାଇଁ, ଈଶାନି ପଣ୍ଡା, ସମୟ ଶତପଥୀ, ଏମ. ଇଭା, କୈଭବ ପଟ୍ଟନାୟକ, ଶ୍ରେୟା କାନୁନ୍‌ଗୋ, ଆଶୁତୋଷ ପୃଷ୍ଟି, ପ୍ରସ୍ମିତ ମହାନ୍ତି, ଶଶାଙ୍କ ମହାରଣା, ଏମ. ସାଇ ହେମକେଶ, ଆୟୁଷ ଚର୍ଚ୍ଚା, ଦିବ୍ୟାଙ୍ଗନା ସାମନ୍ତରା, ସିଦ୍ଧେଶ୍ୱରୀ ମଲିକ, ଦିବ୍ୟାଂଶୀ ଘଡ଼େଇ ଓ ରାଜେଶ୍ୱରୀ ସିଂ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ମାଧୁରାଙ୍କୁ ବ୍ୟକ୍ତିଗତ ସ୍ୱର୍ଣ୍ଣ

**ଶାଂଘାଇ, ୧୦।୫(ପି.ଟି.)**

ଭାରତୀୟ ତୀରନ୍ଦାଜ୍ ମାଧୁରା ଧମନଗାଁକାର ପ୍ରଥମ ଥର ଏକ ବିଶ୍ୱକପ୍‌ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତଛନ୍ତି। ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୨ରେ ସେ ଏହି ସଫଳତା ହାସଲ କରିଛନ୍ତି। କମ୍ପାଉଣ୍ଡ ବିଭାଗରେ ଭାରତ ଦୁଇ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଦୁଇ ବ୍ରୋଞ୍ଜ ପଦକ ପାଇଛି। ଅଣର୍‍ୟାଙ୍କିଂପ୍ରାପ୍ତ ମାଧୁରା ଗତ ୩ ବର୍ଷ ହେଲା ଉପେକ୍ଷିତ ହୋଇଆସୁଥିଲେ। ମାଧୁରା ଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍ଏ)ର କାର୍ସନ କ୍ରାହେଙ୍କୁ ୧୩୯-୧୩୮ରେ ପରାସ୍ତକରି ପୋଡିୟମରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମହାରାଷ୍ଟ୍ର ରାଜ୍ୟର ଅମରାବତୀର ୨୪ ବର୍ଷୀୟ ଏହି ତୀରନ୍ଦାଜ୍ ପୂର୍ବରୁ ଏକ ଟିମ୍ ରୌପ୍ୟ ଓ ଏକ ମିକ୍ସଡ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ ପାଇଁ ବୁଝାମଣା

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

କିଟ୍ ଓ କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ। ଏନେଇ ଶୁକ୍ରବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର୍ ପେସ୍‌ଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପେସ୍-ସାମନ୍ତ ଏକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବ। କ୍ରୀଡ଼ା କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଥିବା କିଟ୍ ଓ କିସ୍ ସହ ଲିଆଣ୍ଡର ସହବନ୍ଧିତ ହୋଇ କ୍ରୀଡ଼ାକୁ ଆହୁରି ଆଗକୁ ନେବା ପାଇଁ ଆଗଭର ହୋଇଛନ୍ତି। ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ। ଅଲିମ୍ପିଆନ, ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ପଦ୍ମ ଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତର ପ୍ରଥମ ଏସୀୟ ପୁରୁଷ ଖେଳାଳି, ଯିଏ କି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଛନ୍ତି। ସେ ୮ଟି ପୁରୁଷ ଡବଲ୍ସ ଏବଂ ୧୦ଟି ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି।



ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ଅଚ୍ୟୁତ ସାମନ୍ତ, ଲିଆଣ୍ଡର ପେସ୍ ଓ ଅନ୍ୟମାନେ।

ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କିଟ୍ ଓ କିସ୍‌ରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି କହିଛନ୍ତି। ଆଗାମୀ ୧୫ବର୍ଷ ମଧ୍ୟରେ ୨ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର କ୍ରୀଡ଼ାବିତ୍‌ଙ୍କୁ ଆଣି ଏହି ଏକାଡେମୀ ମାଧ୍ୟମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ। କିଟ୍ ଓ କିସ୍‌ରେ ମୁଁ ପ୍ରଥମ ଏକାଡେମୀ କରିବାକୁ ଯାଉଥିବାରୁ ବହୁତ ଖୁସି ବୋଲି ଲିଆଣ୍ଡର କହିଛନ୍ତି। ଅନ୍ୟ ପକ୍ଷରେ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି। ପଦ୍ମଭୂଷଣ ଲିଆଣ୍ଡରଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ଆଇପିଏଲ୍ ବିଦେଶୀ ଖେଳାଳିଙ୍କ ଘରବାହୁଡ଼ା

**ନୂଆଦିଲ୍ଲୀ, ୧୦।୫ (ପି.ଟି.):** ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁ ହାଇ-ପ୍ରୋଫାଇଲ ଟି୨୦ ଲିଗ୍ ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଯିବା ପରେ ବିଭିନ୍ନ ଫ୍ରାଞ୍ଚାଇଜରୁ ପ୍ରତିନିଧିତ୍ୱ କରୁଥିବା ବିଦେଶୀ ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱଦେଶ ଫେରିଛନ୍ତି। ପଡ଼ୋଶୀ ଜମ୍ମୁ ଓ ପଠାନ୍‌କୋଟ ସହରରେ ବିମାନ ଆକ୍ରମଣର ଚେତାବନୀ ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଧର୍ମଶାଳାରେ ଗତ ଗୁରୁବାର ଖେଳାଯାଉଥିବା ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍‌କୁ ଅଧାରୁ ବାତିଲ କରିଦିଆଯାଇଥିଲା। ଏହାର ପରଦିନ ଶୁକ୍ରବାର ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଗଲା। ଟୁର୍ନାମେଣ୍ଟ ସସ୍‌ପେଣ୍ଡ ପରେ ଫ୍ରାଞ୍ଚାଇଜ୍‌ଗୁଡ଼ିକର ଖେଳାଳିମାନେ ଘରବାହୁଡ଼ା ଆରମ୍ଭ କରିଦେଇଥିଲେ। ବିଦେଶୀ ଖେଳାଳିମାନେ ମଧ୍ୟ ସେମାନଙ୍କ ଦେଶକୁ ଫେରିଯାଉଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) କହିଛି, ଏହାର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ସୁରକ୍ଷିତ ଭାବେ ବେଙ୍ଗାଲୁରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଘରମୁହାଁ ହୋଇଛନ୍ତି। ଆର୍‌ସିବିର ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ଟିମ୍ ଡେଭିଡ, ଲିଆମ ଲିଭିଂଷ୍ଟୋନ, ଜାକବ ବେଥେଲ, ରୋମାରିଓ ଶେଫର୍ଡ, ଫିଲିପ ସଲ୍ଟ, ଜୋଶ ହାଜେଲଉଡ୍, ଲୁଙ୍ଗି ଏନ୍‌ଗିଡ଼ି ଓ ନୁୱାନ ଧୁଶାରା। ଦଳର ବିଦେଶୀ ଷ୍ଟାଫ୍‌ଙ୍କ ମଧ୍ୟରେ ରହିଛନ୍ତି ମୁଖ୍ୟ କୋଚ୍ ଆଣ୍ଡି ଫ୍ଲାୱାର, ବୋଲିଂ କୋଚ୍ ଆଡାମ ଗ୍ରିଫିଥ୍, କ୍ରିକେଟ ଅପରେଶନ ଡାଇରେକ୍ଟର ମୋ ବୋବାଟ୍, ଟିମ୍ ଫିଜିଓ ଇଭାନ ସ୍ପିଚ୍‌ଲି ଓ ଆନାଲିଷ୍ଟ ଫ୍ରିଦି ୱାଇଲ୍ଡ। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଜଣେ ଅଫିସିଆଲ ସୂଚନା ଦେଇ କହିଛନ୍ତି, ସେମାନଙ୍କର କିଛି ବିଦେଶୀ ଖେଳାଳି ଶନିବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଅନ୍ୟମାନେ ଭାରତରେ ରହିବାକୁ ପସନ୍ଦ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ସମ୍ପୃକ୍ତ କର୍ତ୍ତୃପକ୍ଷ ଏବଂ ଅଂଶୀଦାରଙ୍କ ସହ ପରାମର୍ଶ ସହ ପରିସ୍ଥିତିର ଅନୁଧ୍ୟାନ ପରେ ଠିକଣା ସମୟରେ ଟୁର୍ନାମେଣ୍ଟର ଅବଶିଷ୍ଟାଂଶ, କାର୍ଯ୍ୟସୂଚୀ ଓ ଭେନ୍ୟୁ ସମ୍ପର୍କରେ ଜଣାଇ ଦିଆଯିବ।






Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ